ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ପ୍ରକାଶ ପାଇଛି ବିଷୁବ ସଂଖ୍ୟା

ସାଗରିକା

ଏବେଠାରୁ ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net



ବାଲେଶ୍ୱର ❑ ବୁଧବାର ୧୪ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 14 MAY 2025

Vol.No. 36 ■ No.127 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ମୋଦୀଙ୍କ ଚେତାବନୀ: ପୁଣି ଆତଙ୍କୀ ହମଲା କଲେ ସମ୍ବେଦନଶୀଳତାର ସହ ଦିଆଯିବ ଜବାବ

ନୂଆଦିଲ୍ଲୀ, ୧୩/୫ : ପାକିସ୍ତାନରେ ୯ ଆତଙ୍କୀ ଆଡ୍ଡା ଧ୍ୱଂସ କରିବା ସହ ଶତାଧିକ ଆତଙ୍କବବାଦୀଙ୍କୁ ମାରିବା ପରେ ଘରେ ଲୁଚିଥିବା ଆତଙ୍କବାଦୀଙ୍କୁ ନିପାତ କରିବାକୁ ଆରମ୍ଭ ହୋଇଛି ଅପରେସନ କେଲର । ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯବାନଙ୍କ ସହ ସମୟ ବିତାଇବା ସହ ପାକିସ୍ତାନକୁ ଚେତାବନି ଦେଇଛନ୍ତି । ଅନ୍ୟପଟେ ଜାମ୍ମୁ କାଶ୍ମୀରର ସୋଫିଆନ ଅଞ୍ଚଳରେ ସେନା ଏନକାଉଣ୍ଟରରେ ନିପାତ ହୋଇଛନ୍ତି ୩ ଲସ୍କର ଆତଙ୍କୀ । ସେପଟେ ପଦାରେ ପଡିଛି ପାକିସ୍ତାନ ମିଛ । ଭାରତ ପାକିସ୍ତାନ ଯୁଦ୍ଧବିରତି ଭିତରେ ପାକିସ୍ତାନକୁ କଡା ଚେତାବନୀ ଦେଇଛନ୍ତି ପ୍ରଧାନମନ୍ତ୍ରୀ । ଆଜି ପଞ୍ଜାବ ଆଦମପୁର ଏୟାରବେସରେ ଯବାନଙ୍କ ମନୋବଳ ବଢାଇଛନ୍ତି । ଯବାନଙ୍କ ସହ ଘଣ୍ଟାଏ ସମୟ ବିତାଇବା ପରେ ନରେନ୍ଦ୍ର ମୋଦୀ ଆତଙ୍କବାଦୀଙ୍କୁ ଚେତାବନୀ ଦେଇଛନ୍ତି । ମୋଦୀ କହିଛନ୍ତି, ଆତଙ୍କବାଦୀମାନେ ଯେଉଁ ପାକିସ୍ତାନ ସେନା ଭରସାରେ ରହୁଛନ୍ତି ଭାରତୀୟ ବାୟୁସେନା ସେହି ପାକିସ୍ତାନୀ ସେନାକୁ ଧୂଳିଚଟାଇ ଦେଇଛନ୍ତି, ଏବଂ ପାକିସ୍ତାନକୁ ଦେଖାଇଦେଇଛନ୍ତି ଯେ ପାକିସ୍ତାନରେ ଏପରି କୌଣସି ସ୍ଥାନ ନାହିଁ ଯେଉଁଠି ଆତଙ୍କୀ ଶାନ୍ତିରେ ନିଶ୍ୱାସ ମାରିପାରିବେ। ଯଦି ପୁଣି ଆତଙ୍କୀ ହମଲା ହୁଏ, ଭାରତ ସମ୍ବେଦନଶୀଳତାର ସହ ଜବାବ ଦେବ। ଗୋଟିଏ ପଟେ ଆତଙ୍କବାଦ ବିରୋଧରେ ମୋଦୀଙ୍କ ରଣହୁଙ୍କାର ଅନ୍ୟପଟେ ସେନା ଆରମ୍ଭ କରିଛି ଅପରେସନ କେଲର । ଜାମ୍ମୁ କାଶ୍ମୀରର ସୋଫିଆନ ଅଞ୍ଚଳରେ ଏନକାଉଣ୍ଟରରେ ଆତଙ୍କୀ ଓ ଯବାନଙ୍କ ମଧ୍ୟରେ ବ୍ୟାପକ ଗୁଳିବିନିମୟ ହୋଇଛି । ତିନି ଘଣ୍ଟାର ଅପରେସନରେ ତିନି ଆତଙ୍କୀଙ୍କୁ ନିପାତ କରିଛି ସେନା । କୁହାଯାଉଛି ଯେ ନିହତ ଆତଙ୍କବାଦୀମାନେ ଲସ୍କର-ଏ-ତୋଇବାର ସଦସ୍ୟ । କାଶ୍ମୀରର କୁଲଗାମରୁ ସର୍ଚ୍ଚ ଅପରେସନ ଆରମ୍ଭ କରି ସୋଫିଆନ ଅଞ୍ଚଳରେ ଥିବା ଘଂଚ ଜଙ୍ଗଲରେ ପହଞ୍ଚିଛନ୍ତି ଯବାନ ।



▶▶ପୃଷ୍ଠା ୭

## ୬ ଦିନ ବାତିଲ ପରେ ଶ୍ରୀନଗର ଏୟାରପୋର୍ଟରୁ ଉଡାଣ ସଂଚାଳନ ଆରମ୍ଭ

ଶ୍ରୀନଗର, ୧୩/୫ (ନି.ପ୍ର): ଶ୍ରୀନଗର ଏୟାରପୋର୍ଟରୁ ଏୟାର ଇଣ୍ଡିଆର ଦିଲ୍ଲୀରୁ ଶ୍ରୀନଗର ଯାଉଥିବା ଉଡାଣ ଅବତରଣ ସହିତ ୬ଦିନ ପରେ ଉଡାଣ ସଂଚାଳନ ପୁଣି ଥରେ ଆରମ୍ଭ ହୋଇଛି । ଜଣେ ଅଧିକାରୀ କହିଛନ୍ତି ଯେ ବର୍ତ୍ତମାନ ପରିସ୍ଥିତିରେ କିଛି ଦିନ ପର୍ଯ୍ୟନ୍ତ ବାତିଲ ଥିବା ପରେ ଆଜି ଔପଚାରିକ ଭାବେ ଉଡାଣ ସଞ୍ଚାଳନ ପୁଣିଥରେ ଆରମ୍ଭ ହୋଇଛି। ସେ କହିଛନ୍ତି, 'ଆଜି ସକାଳେ ଦିଲ୍ଲୀରୁ ଏୟାର୍ ଇଣ୍ଡିଆର ଗୋଟିଏ ବିମାନ ବିମାନବନ୍ଦରରେ ଅବତରଣ କରିଛି, ଯାହା ସହିତ ଅପରେସନ ପୁଣି ଆରମ୍ଭ ହୋଇଛି।' ୨୨ ଅପ୍ରେଲରେ ପହେଲଗାମ ଆକ୍ରମଣର ପ୍ରତିଉତ୍ତରରେ ପାକିସ୍ତାନର ଆତଙ୍କବାଦୀ ଶିବିରଗୁଡ଼ିକୁ ଲକ୍ଷ୍ୟ କରି ଭାରତ ଦ୍ୱାରା ଅପରେସନ ସିନ୍ଦୂର ଆରମ୍ଭ କରାଯିବା ପରେ, ଶ୍ରୀନଗର ସମେତ ୩୨ଟି ବିମାନବନ୍ଦରରେ ବିମାନ ସଞ୍ଚାଳନ ରଦ୍ଦ କରାଯାଇଥିଲା।

## ଅନୁମତି ଦେଲେ ଓଡ଼ିଶା ସରକାର: ଶିକ୍ଷକଙ୍କ ବଦଳି ପାଇଁ ସୁପାରିଶ କରିବେ ବିଧାୟକ, ଏମପି




ଭୁବନେଶ୍ୱର, ୧୩।୫: ରାଜ୍ୟରେ ବିଧାୟକ ଏବଂ ଏମପି ମାନଙ୍କ କ୍ଷମତା ବୃଦ୍ଧି କରିବା ପାଇଁ ଏକ ପଦକ୍ଷେପରେ, ଓଡ଼ିଶା ସରକାର ରାଜ୍ୟର ପ୍ରତ୍ୟେକ ବିଧାନସଭା ସଦସ୍ୟ (ବିଧାୟକ) ଏବଂ ସାଂସଦଙ୍କୁ ନିଜ ନିଜ ନିର୍ବାଚନ ମଣ୍ଡଳୀ ମଧ୍ୟରେ ସର୍ବାଧିକ ୧୫ ଜଣ ଶିକ୍ଷକଙ୍କ ବଦଳି ପାଇଁ ସୁପାରିଶ କରିବାକୁ ଅନୁମତି ଦେଇଛନ୍ତି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଜାରି କରାଯାଇଥିବା ଏକ ପତ୍ର ଅନୁଯାୟୀ, ବିଧାୟକ ଏବଂ ଏମପି ମାନେ ନିଜ ନିର୍ବାଚନ ମଣ୍ଡଳୀ ମଧ୍ୟରେ ପ୍ରାଥମିକ ଏବଂ ମାଧ୍ୟମିକ ସ୍ତରର ସର୍ବାଧିକ ୧୫ ଜଣ ଶିକ୍ଷକଙ୍କ ବଦଳି ପାଇଁ ସୁପାରିଶ କରିପାରିବେ। ଏହି ସୁପାରିଶଗୁଡ଼ିକ ସମ୍ପୃକ୍ତ ଜିଲ୍ଲାପାଳଙ୍କୁ ଦାଖଲ କରାଯିବ, ଯେଉଁମାନେ ଏହାକୁ ଜିଲା ସ୍ତରୀୟ ବଦଳି କମିଟି (ଡିଏଲଟିସି) ନିକଟକୁ ଅଫିସିଆଲ ବଦଳି ଅଧିବେଶନ

▶▶ପୃଷ୍ଠା ୭

## ଇସ୍କନ ଧରାଇଦେଲା ଦିଦିଙ୍କ ମିଛ: କହିଲା, ଦୀଘାକୁ ଧାମ ନାଁ ଦେବା ମମତା ସରକାରର ନିଷ୍ପତ୍ତି




ଭୁବନେଶ୍ୱର, ୧୩/୫ (ନି.ପ୍ର): ଇସ୍କନ ଧରାଇଲା, ଦୀଘାକୁ ଧାମ ଆଖ୍ୟା ଦେଇ ମୁହଁ ଭୁରୁଡ଼ି ମାରୁଥିବା ଦିଦିଙ୍କ ମିଛ । ଗଜପତି ମହାରାଜାଙ୍କ ଚିଠିର ଉତ୍ତର ଦେଇ ଇସ୍କନ ଲେଖିଛି- ଦୀଘାକୁ ଜଗନ୍ନାଥ ଧାମ ଭାବେ ନାମିତ କରାଯିବା ପଛରେ କେବଳ ପଶ୍ଚିମବଙ୍ଗ ସରକାର, ଆମର କୌଣସି ହାତ ନାହିଁ । ତେଣୁ ଧାମ ବିବାଦ ପ୍ରସଙ୍ଗରେ କେବଳ ମମତା ସରକାର ହିଁ ତଥ୍ୟ ଦେଇ ପାରିବେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ଦଇତାପତି ନିଯୋଗ ସଂପାଦକ ରାମକୃଷ୍ଣ ଦାସ ମହାପାତ୍ର ବା ରାଜେଶ ଦଇତାପତି ମଧ୍ୟ ଦୀଘା ମନ୍ଦିରର ଜଣେ ଟ୍ରଷ୍ଟି ବୋଲି ଚିଠିରୁ ସାମ୍ନାକୁ ଆସିଛି । ଏସବୁ ଭିତରେ ଆଜି ପୁରୀରେ ଆୟୋଜିତ ହୋଇଥିଲା ପୁରୀ ହିଁ ଜଗନ୍ନାଥ ଧାମ ଶୀର୍ଷକ ଆଲୋଚନାଚକ୍ର । ହାତ ଝାଡ଼ିଦେଲା ଇସ୍କନ । ଧରାଇଦେଲା ଦିଦିଙ୍କ ମିଛ । କହିଲା- ଦୀଘା ମନ୍ଦିରକୁ ଜଗନ୍ନାଥ ଧାମ କହିବା ପଛରେ ଆମ ଭୂମିକା ଶୂନ୍ । ସବୁ ପଶ୍ଚିମବଙ୍ଗ ସରକାରଙ୍କ ଡିସିସନ୍ । ଦୀଘା ମନ୍ଦିରକୁ ମମତା ସରକାର ଜଗନ୍ନାଥ ଧାମ ଆଖ୍ୟା ଦେବାକୁ ନେଇ ଚାଲିଥିବା ମହା ବିବାଦର ଘଣ୍ଟାଚକଟା ଭିତରେ ଇସ୍କନ ରଖିଛି ଏଭଳି ବଡ଼ ବୟାନ । ଦୀଘା ଜଗନ୍ନାଥ ମନ୍ଦିର ଟ୍ରଷ୍ଟରେ ଇସ୍କନ ପ୍ରତିନିଧି କେମିତି ରହିଲେ ? ଏହାର କାରଣ ଜାଣିବାକୁ ଗଜପତି ମହାରାଜା ଦିବ୍ୟସିଂହ ଦେବ ଗତ ୭ ତାରିଖରେ ଲେଖିଥିବା ଚିଠିର ଉତ୍ତର ରଖି ମାୟାପୁର ସ୍ଥିତ ଇସ୍କନ ଗଭର୍ଣ୍ଣିଂ ବଡି କମିଶନ୍ ସୋସାଇଟି ଅଧକ୍ଷ ସ୍ପଷ୍ଟ ଭାବେ ଦର୍ଶାଇଛନ୍ତି- ଦୀଘା ଜଗନ୍ନାଥ ମନ୍ଦିରକୁ ଧାମ କହିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ପଶ୍ଚିମବଙ୍ଗ ସରକାରଙ୍କର, ଏଥିରେ ଆମର କୌଣସି ହାତ ନାହିଁ ।ସେହିପରି ସେଇ ମନ୍ଦିର ପରିଚାଳନା ପାଇଁ ଯେଉଁ ଟ୍ରଷ୍ଟ ଗଠନ କରାଯାଇଛି ସେଥିରେ ଇସ୍କନରୁ ମାତ୍ର ଜଣେ ସଦସ୍ୟ ଅଛନ୍ତି। ଇସ୍କନକୁ କେବଳ ସେଠି ସେବାପୂଜା ଦାୟିତ୍ୱ ଦିଆଯାଇଛି ।

▶▶ପୃଷ୍ଠା ୭

## ପ୍ରକାଶ ପାଇଲା ସିବିଏସଇ ଦଶମ ରେଜଲ୍ଟ: ଏଥର ବି ବାଜି ମାରିଲେ ଛାତ୍ରୀ

ଭୁବନେଶ୍ୱର, ୧୩/୫ (ନି.ପ୍ର): ସିବିଏସଇ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଏଥର ବି ବାଜି ମାରିଛନ୍ତି ଛାତ୍ରୀ। ଆଜି ପ୍ରକାଶିତ ରେଜଲ୍ଟରେ ଦଶମରେ ମୋଟ୍ ପାସ୍ ହାର ୯୩.୬୬ ଓ ଦ୍ୱାଦଶରେ ପାସ୍ ହାର ୮୮.୩୯ ପ୍ରତିଶତ ରହିଛି। ଭୁବନେଶ୍ୱର ରିଜିୟନରେ ଦଶମରେ ୯୨.୬୪ ଏବଂ ଦ୍ୱାଦଶରେ ପାସ୍ ହାର ରହିଛି ୮୩.୬୪ ପ୍ରତିଶତ। ସାରା ଦେଶରେ ତ୍ରିଭେନ୍ଦ୍ରମ୍ ଓ ବିଜୟୱାଡ଼ା ରିଜିୟନ୍ ମିଳିତ ଭାବେ ଆଗରେ ରହିଛନ୍ତି।



ଖୁସିରେ ଝୁମୁଛନ୍ତି... ଦୀର୍ଘଦିନର ପରିଶ୍ରମ ପରେ ସଫଳତା ପାଇ ବିଭୋର ହେଉଛନ୍ତି...ସେଲିବ୍ରେସନ୍ ମୁଡରେ କୃତୀ ଛାତ୍ରଛାତ୍ରୀ। ପ୍ରକାଶ ପାଇଛି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଉଭୟ ଦଶମ ଏବଂ ଦ୍ୱାଦଶ ପରୀକ୍ଷା ଫଳ।

▶▶ପୃଷ୍ଠା ୭

## ପଶ୍ଚିମରେ ଖଇଫୁଟା ତାତି: ଉପକୂଳରେ ଅସହ୍ୟ ଗୁଳୁଗୁଳି

ଭୁବନେଶ୍ୱର, ୧୩/୫ (ନି.ପ୍ର): ତାଉ ଦେଖାଉଛି ତାତି, କଲବଲ କରୁଛି ଗୁଳୁଗୁଳି । ନା ପଦାକୁ ବାହାରି ହେଉଛି ନା ଘର ଭିତରେ ରହି ହେଉଛି । ଦେହରୁ ଗମଗମ ହୋଇ ବୋହିଯାଉଛି ଝାଳ । କାଉଳୁବାଉଳୁ ହୋଇଯାଉଛନ୍ତି ଲୋକ। ପ୍ରଚଣ୍ଡ ଗ୍ରୀଷ୍ମର ପ୍ରହାରରେ ଅସ୍ତବ୍ୟସ୍ତ ଜନଜୀବନ । ଏତିକିରେ ସରିନି ଦୁର୍ଦ୍ଦଶା, ଆଗକୁ ଆହୁରି ୪ ଦିନ ସାରା ରାଜ୍ୟରେ ଦେଖାଦେବ ଏଭଳି ସ୍ଥିତି । ଏବେସୁଦ୍ଧା ଗରମ ଓ ଗୁଳୁଗୁଳିରେ ୨୮୨ ଜଣ ଅସୁସ୍ଥ ହେଲେଣି । ପଶ୍ଚିମ ଓଡ଼ିଶାରେ ପାରଦ ଯେମିତି ଉପରମୁହାଁ, ଅସୁସ୍ଥଙ୍କ ସଂଖ୍ୟା ମଧ୍ୟ ସେମିତି ଅଧିକ ।




▶▶ପୃଷ୍ଠା ୭

## କାଶ୍ମୀରକୁ ନେଇ ମଧ୍ୟସ୍ଥତା ସ୍ୱୀକାର ନାହିଁ: ପିଓକେକୁ ଖାଲି କରୁ ପାକିସ୍ତାନ

ଭୁବନେଶ୍ୱର, ୧୩/୫ (ନି.ପ୍ର): ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସୱାଲ୍ କହିଛନ୍ତି,''ଅପରେସନ ସିନ୍ଦୂର ଜରିଆରେ ପାକିସ୍ତାନକୁ ମୁହଁଭଙ୍ଗା ଜବାବ ଦିଆଯାଇଛି । ପାକିସ୍ତାନ ସହ କେବଳ ଚଡକ ଫେରସ୍ତ ନେବା ବିଷୟରେ ଆଲୋଚନା ହେବ । ଆମର ଦୀର୍ଘ ଦିନରୁ ଜାତୀୟ ଆଭିମୁଖ୍ୟ ରହିଆସିଛି ଯେ ଜମ୍ମୁ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ସହ ଜଡିତ ଯେକୌଣସି ପ୍ରସଙ୍ଗ ଭାରତ ଏବଂ ପାକିସ୍ତାନ ଦ୍ୱିପାକ୍ଷିକ ଭାବେ ସମାଧାନ କରିବାକୁ ପଡିବ । ଏହି ନୀତିରେ କୌଣସି ପରିବର୍ତ୍ତନ ହୋଇନାହିଁ । ବିଚାରଧୀନ ମାମଲା ହେଉଛି ପାକିସ୍ତାନ ଦ୍ୱାରା ବେଆଇନ ଭାବେ ଅଧିକୃତ ଭାରତୀୟ ଅଞ୍ଚଳ ଚଡକକୁ ଖାଲି କରିବା ।'' ରଣଧୀର ଜୟସୱାଲ ମଙ୍ଗଳବାର ଦିନ କହିଛନ୍ତି ଯେ ''ପାକିସ୍ତାନ ସୀମା ପାର୍ଶ୍ୱରୁ ହେଉଥିବା ଆତଙ୍କବାଦକୁ ନିର୍ଭରଯୋଗ୍ୟ ଏବଂ ଅପରିବର୍ତ୍ତନୀୟ ଭାବରେ ସମର୍ଥନ ବନ୍ଦ ନ କରିବା ପର୍ଯ୍ୟନ୍ତ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବ। ମେ ୭ ତାରିଖରେ ଅପରେସନ୍ ସିନ୍ଦୂର ଆରମ୍ଭ ହେବାଠାରୁ ମେ ୧୦ ତାରିଖରେ ଗୁଳି ବିନିମୟ ଏବଂ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ରାଜିନାମା ହେବା ପର୍ଯ୍ୟନ୍ତ ଭାରତୀୟ ଏବଂ ଆମେରିକୀୟ ନେତାଙ୍କ ମଧ୍ୟରେ ଉଭୟ ଦେଶର ସାମରିକ ପରିସ୍ଥିତି ଉପରେ ଆଲୋଚନା ହୋଇଥିଲା । ଏହି ଆଲୋଚନା ମଧ୍ୟରେ ବାଣିଜ୍ୟ ପ୍ରସଙ୍ଗ ଉଠିନଥିଲା ।''



▶▶ପୃଷ୍ଠା ୭

## ଆରଏସଏସ କାର୍ଯ୍ୟାଳୟ ଉପରେ ଆକ୍ରମଣ ମାମଲାରେ ଦୁଇ ଗିରଫ

ନୂଆଦିଲ୍ଲୀ, ୧୩/୫ : ମଣିପୁରର ଇମ୍ଫାଲ ଇଷ୍ଟ ଜିଲ୍ଲାରେ ନଭେମ୍ବର ୨୦୨୪ରେ ଆରଏସଏସ କାର୍ଯ୍ୟାଳୟ, ହରୋରେ (ସୋଗୋଲମଙ୍ଗ ଥାନା ଅଂଚଳ) ରେ ହୋଇଥିବା ଭିତରେ ଆକ୍ରମଣରେ ଜଡିତ ମାମଲାରେ ସୁରକ୍ଷାବାହିନୀ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ।ଗିରଫଦାରୀ ୟୁମନାମ ଖୁନାଓ ଅବାଙ୍ଗ ଲାଇକାଇ ଅଂଚଳର(ସୋଗୋଲମଙ୍ଗ ଥାନା ଅଂଚଳ)କୁ କରାଯାଇଛି ।ଗିରଫ କରାଯାଇଥିବା ଅଭିଯୁକ୍ତଙ୍କ ପରିଚୟ ହାଓବିଜମ ଖୁମାରଜୀତ(୪୫) ବାସିନ୍ଦା ୟୁମନାମ ଖୁନାଓ ଅୱାଙ୍ଗ ଲାଇକାଇ,ଇମ୍ଫାଲ ଇଷ୍ଟ ଜିଲ୍ଲା ତଥା ହାଓବିଜମ

▶▶ପୃଷ୍ଠା ୭

## ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଅନୁରୋଧ କଲେ କଂଗ୍ରେସ ବିଧାୟକ ଦଳ ନେତା

ଭୁବନେଶ୍ୱର, ୧୩/୫ (ନି.ପ୍ର): ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ପାଇଁ ଦାବି କଲେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖି କଂଗ୍ରେସ ବିଧାୟକ ଦଳ ନେତା ଏହି ଦାବି କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ପହଲଗାମ୍ ଆକ୍ରମଣ, ଅପରେସନ୍ ସିନ୍ଦୂର ଏବଂ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବିରତି ଘୋଷଣା ହୋଇଛି । ତେଣୁ ଏଭଳି ଏକ ସମୟରେ ଜନ ପ୍ରତିନିଧିମାନେ ତୁରନ୍ତ ଏକାଠି ହେବା ଦରକାର । ତେବେ ଏହା ପୂର୍ବରୁ ଜାତୀୟ ସ୍ତରରେ ମଧ୍ୟ କଂଗ୍ରେସ ନେତା ରାହୁଲ ଗାନ୍ଧୀ



▶▶ପୃଷ୍ଠା ୭

## ଯୁଦ୍ଧ ବିରତି ହେବନାହିଁ କହିଲା ପାକିସ୍ତାନ

ନୂଆଦିଲ୍ଲୀ, ୧୩।୫: ପାକିସ୍ତାନ ପୁଣି ଥରେ ନିଜର ସ୍ୱର ବଦଳାଇଛି। ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇଶାକ ଦାର କହିଛନ୍ତି ଯେ ଭାରତ ସହ ଚାଲିଥିବା ଯୁଦ୍ଧବିରତି ଇନ୍ଦୁସ ଜଳ ଚୁକ୍ତି (ଆଇଡବ୍ଲୁଟି) ସମସ୍ୟା ସମାଧାନ ନହେଲେ ତିଷ୍ଠି ପାରିବ ନାହିଁ। ଏକ ଜାତୀୟ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ସେ ଏହା କହିଛନ୍ତି। ଏହି ବୟାନ ସେହି ସମୟରେ ଆସିଛି ଯେତେବେଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାକିସ୍ତାନକୁ ଚେତାବୀ ଦେଇ ସ୍ପଷ୍ଟ କରିଛନ୍ତି ଯେ "ରକ୍ତ ଓ ଜଳ ଏକାଠି ବହିପାରେ ନାହିଁ।"ଗତ ସପ୍ତାହରେ ଭାରତର ଅପରେସନ ସିନ୍ଦୁର ଅଧୀନରେ ପାକିସ୍ତାନର ବିଭିନ୍ନ ସାମରିକ ଅବସ୍ଥାନ ଉପରେ ଆକ୍ରମଣ ପରେ ପାକିସ୍ତାନ ଯୁଦ୍ଧବିରତି ପାଇଁ ଅନୁରୋଧ କରିଥିଲା। ଭାରତ ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଏହି ଅପରେସନ ଆରମ୍ଭ କରିଥିଲା, ଯେଉଁଥିରେ ୨୬ ଜଣ ନାଗରିକ, ପ୍ରାୟତଃ ପର୍ଯ୍ୟଟକ, ନିହତ ହୋଇଥିଲେ। ଇନ୍ଦୁସ ଜଳ ଚୁକ୍ତି ଅନୁସାରେ, ପାକିସ୍ତାନ ପଶ୍ଚିମ ନଦୀଗୁଡ଼ିକ ଇନ୍ଦୁସ, ଝେଲମ ଓ ଚେନାବ ଉପରେ ନିୟନ୍ତ୍ରଣ ରଖିଥିବା ବେଳେ ଭାରତ ପୂର୍ବ ନଦୀଗୁଡ଼ିକ ରାଭି, ବିୟାସ ଓ ସତଲୁଜରୁ ୨୦% ଜଳ ବ୍ୟବହାର କରିପାରେ। ଗତ ମାସରେ ଭାରତ ଏହି ଚୁକ୍ତିକୁ ସ୍ଥଗିତ ରଖିଥିଲା, ଯାହା ପାକିସ୍ତାନର ଜଳ ସମ୍ପଦ ଓ କୃଷି ଉପରେ ପ୍ରଭାବ ପକାଇଛି। ବିଶ୍ୱ ବ୍ୟାଙ୍କର ସଭାପତି ଅଜୟ ବଙ୍ଗା ଗତ ସପ୍ତାହରେ ଭାରତ ଗସ୍ତ ସମୟରେ କହିଛନ୍ତି ଯେ ବିଶ୍ୱ ବ୍ୟାଙ୍କର ଭୂମିକା କେବଳ ସୁବିଧାକାରୀ ଭାବେ ସୀମିତ, ଏବଂ ଏହା ଏହି ବିବାଦର ସମାଧାନ ପାଇଁ ହସ୍ତକ୍ଷେପ କରିବ ନାହିଁ। ଅନ୍ୟପକ୍ଷରେ, ଭାରତର ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଯୁଦ୍ଧବିରତି ସତ୍ତ୍ୱେ ଆଇଡବ୍ଲୁଟି ସ୍ଥଗିତ ଅବସ୍ଥାରେ ରହିବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ବୟାନ ଏହାକୁ ଆହୁରି ଦୃଢ଼ କରିଛି। ଏହି ପରିସ୍ଥିତି ଦୁଇ ଦେଶ ମଧ୍ୟରେ ଚାଲିଥିବା ଆଲୋଚନାରେ ଜଟିଳତା ସୃଷ୍ଟି କରିପାରେ। ଯୁଦ୍ଧବିରତିର ଭବିଷ୍ୟତ ଏବେ ଆଇଡବ୍ଲୁଟି ସମସ୍ୟାର ସମାଧାନ ଉପରେ ନିର୍ଭର କରୁଛି।

## ରାଷ୍ଟ୍ର କଲ୍ୟାଣ ପାଇଁ ଜଗତପୁରଠାରେ ନୃସିଂହ ନାରାୟଣ ଅଭିଷେକ



ବାଲିଆପାଳ , ୧୩/୫ (ନି.ପ୍ର): ଦେଶରେ ଯୁଦ୍ଧ କାଳୀନ ପରିସ୍ଥିତ ସମୟ ରେ ରାଷ୍ଟ୍ର ର ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟ ରେ ବାଲିଆପାଳ ବ୍ଲକ ଜଗତିପୁର ଠାରେ ବେଦ ଚେତନା ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ଗୃହ ଦମ୍ପତି ହିମାଂଶୁ ଶେଖର ପାଢୀ, ତପସ୍ୱିନୀ ପାଢୀ ଙ୍କ ବାସଭବନ ରେ ରବିବାର ମଧ୍ୟାହ୍ନ ରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ବରେଣ୍ୟ ବିଦ୍ୱାନ୍ ଅଭିଜ୍ଞ ବ୍ରାହ୍ମଣ ମାନଙ୍କ ଦ୍ୱାରା ବିଷ୍ଣୁଙ୍କ ସହ୍ରସ ନାମ, ହୋମଯଜ୍ଞ, ନୃସିଂହ ନାରାୟଣଙ୍କ ଅଭିଷେକ,ହବନ,ଏକ ହଜାର ଆଠ ସମିନ୍ଧ ଆହୁତି ପ୍ରଭୃତି କରାଯାଇଛି। ପରିଷଦ ପକ୍ଷରୁ ପ୍ରତ୍ୟେକ ବର୍ଷ ପରି ଜଣେ ଅସମର୍ଥ ବ୍ରାହ୍ମଣ ପିଲାର ବ୍ରତୋପୋୟନ ସଂସ୍କାର କରାଯାଇଛି। ରାଷ୍ଟ୍ର ର ଶାନ୍ତି ପ୍ରତିଷ୍ଠା ଏବଂ ଆଧାତ୍ମିକ ବିଦ୍ୟାର ପ୍ରଚାର ପ୍ରସାର ,ସମାଜର ସଂସ୍କାର ଆଣିବା ପାଇଁ ଏହି ପରିଷଦ ଲକ୍ଷ୍ୟ ବୋଲି ପରିଷଦର ସଭାପତି ପୂର୍ବତନ ଡ଼ିଆଇ ସୁବାଷ ଚୈଧୁରୀ କହିଛନ୍ତି। ସଦସ୍ୟ ଅଧାପକ ପ୍ରୀୟବ୍ରତ ପଣ୍ଡା, ନାରାୟଣ ପାଣିଗ୍ରାହୀ, ଦେବେନ୍ଦ୍ର ପାଢୀ, ନିଳାମ୍ବର ପାଢୀ, ସୁଧାଂଶୁ ପାଢୀ, ହିମାଂଶୁ ପଣ୍ଡା, ଜଗଦୀଶ ମହାପାତ୍ର, ସଞ୍ଜୟ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମାଲପଡା ନାଗରିକ କମିଟିର ବୈଠକ

ବଲାଙ୍ଗିର,୧୩/୫(ନି. ପ୍ର): ମାଲପଡା ନାଗରିକ କମିଟିର ବୈଠକ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମାଲପଡାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ବିଶେଷତ ବିଜୁଳି ବିଭାଗ ଦ୍ୱାରା ଘନ ଘନ ବିଜୁଳି କାଟ ଯୋଗୁଁ ଜନସାଧାରଣ ଅସ୍ତବ୍ୟସ୍ତ ହୋଇପଡିଛନ୍ତି । ଜଳ ଯୋଗାଣ ଓ ସମୟ ନିର୍ଘଣ୍ଟ ନ ଜଣାଇବାରୁ ଜନସାଧାରଣ ପାନୀୟ ଜଳ ପାଇବାରେ ଅସୁବିଧା ସମ୍ମୁଖିନ ହେଉଛନ୍ତି ।

## ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମା ଏବଂ ସେଲ୍, ରାଉରକେଲା ଇସ୍ପାତ କାରଖାନାର ମିଳିତ ସହଭାଗିତାରେ ଆୟୋଜିତ ଶିଶୁ ନାଟ୍ୟ କର୍ମଶାଳା ଉଦ୍‌ଘାଟିତ



ରାଉରକେଲା,୧୩/୫(ନି. ପ୍ର): ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମା (ଏନ ଏସ ଡି) ଓ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି) ର ମିଳିତ ସହଭାଗିତାରେ ଏକ ମାସ ବ୍ୟାପୀ ଆୟୋଜିତ ଶିଶୁ ନାଟ୍ୟ କର୍ମଶାଳା ମଇ ୧୨ ତାରିଖ ରେ ସେକ୍ଟର ୨୦ ସ୍ଥିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପ୍ରେକ୍ଷାଳୟରେ ଉଦଘାଟିତ ହୋଇଛି । ଏହାର ଉଦଘାଟନୀ ସମାରୋହରେ ଆରଏସପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସହର ସେବା ଓ ସିଏସଆର ବିଭାଗର ସିଜିଏମ୍ ଶ୍ରୀ ଟି ଜି କାନେକର ସମ୍ମାନିତ ଅତିଥି ଭାବେ ମଞ୍ଚରେ ଉପସ୍ଥିତ ଥିଲେ। ଏତଦଦବ୍ୟତିତ ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ପ୍ରଖ୍ୟାତ ନାଟ୍ୟ ବ୍ୟକ୍ତିତ୍ୱ ପ୍ରଫେସର ଡକ୍ଟର ସମର ମୁଦାଲି, ଏକତ୍ର ସାମାଜିକ-ସାଂସ୍କୃତିକ ସଂଗଠନର ସଭାପତି ଶ୍ରୀ ରାଜୀବ ପାଣି, ଆରଏସପି ଲୋକସମ୍ପର୍କ ବିଭାଗର ଜିଏମ୍ ଏବଂ ସଂଚାର ମୁଖ୍ୟ ଶ୍ରୀମତୀ ଅର୍ଚ୍ଚନା ଶତପଥୀ, ଏନଏସଡିର ପୂର୍ବତନ ଛାତ୍ର ଏବଂ କର୍ମଶାଳାର ନିର୍ଦ୍ଦେଶକ ଶ୍ରୀ ଜଗନାଥ ସେଠ ଏବଂ ଏନଏସଡିର ସ୍ଥାନୀୟ ସଂଯୋଜକ ଶ୍ରୀ ଭାସ୍କର ମହାପାତ୍ର ମଞ୍ଚରେ ଉପସ୍ଥିତ ଥିଲେ।

ସମାବେଶକୁ ସମ୍ବୋଧିତ କରି ଶ୍ରୀ ମିଶ୍ର ଶିଶୁ ଏବଂ କିଶୋରଙ୍କ ପାଇଁ ଏକ ଉଚ୍ଚମାନର ନାଟ୍ୟ କର୍ମଶାଳା ଆୟୋଜନ ପାଇଁ ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। ସେ ଏପରି ସୃଜନଶୀଳ କାର୍ଯ୍ୟରେ ଅଂଶଗ୍ରହଣ ପାଇଁ ବିଶେଷ ରୁଚିର ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହିତ ଏହାକୁ ଜୀବନର ମାର୍ଗଦର୍ଶକ ସହିତ ତୁଳନା କରିଥିଲେ ଯାହା ବହୁମୂଲ୍ୟ ଜୀବନଧର୍ମୀ ବୌଦ୍ଧିକ ଶିକ୍ଷା ପ୍ରଦାନ କରିଥାଏ।

ଶ୍ରୀ ଟି ଜି କାନେକର ନାଟ୍ୟ ଉତ୍ସାହୀ ଶିଶୁ କଳାକାରମାନଙ୍କୁ ଏଭଳି ସୁଯୋଗର ସଦୁପଯୋଗ କରିବାକୁ ଉତ୍ସାହିତ କରିଥିଲେ। ସେ ଆହୁରି ମଧ କହିଥିଲେ ଯେ ଏପରି କର୍ମଶାଳାରେ ସାମିଲ ହେବା ଯେ କେବଳ ଜଣଙ୍କ ଜୀବନାଦର୍ଶକୁ ସମୃଦ୍ଧ କରେ ତା ନୁହେଁ ବରଂ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ।

ଏହି କ୍ରମରେ ପ୍ରଫେସର ମୁଦାଲି ଆରଏସପିର ନାଟ୍ୟ ସଂସ୍କୃତି ସହ ଦୀର୍ଘଦିନର ସମ୍ପର୍କ ତଥା ଏହାର ପ୍ରୋତ୍ସାହନ ପାଇଁ ନିରନ୍ତର ପ୍ରୟାସର ପ୍ରଶଂସା କରିଥିଲେ। ସେ ପିଲାମାନଙ୍କ ପାଇଁ ଆୟୋଜିତ ଏପରି କର୍ମଶାଳା ସେମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଦକ୍ଷତା ପ୍ରତିପାଦନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହିତ ସୃଜନଶୀଳ ଚିନ୍ତାଧାରା, ଆତ୍ମବିଶ୍ୱାସକୁ ଆହୁରି ସୁଦୃଢ କରିବା ଓ ଜୀବନରେ ଶୃଙ୍ଖଳା, ସହଯୋଗ ଏବଂ ସାମାଜିକ ସହାନୁଭୂତି ଭଳି ମୌଳିକ ମୂଲ୍ୟବୋଧକୁ ମଧ ପ୍ରୋତ୍ସାହିତ କରେ ବୋଲି କହିଥିଲେ।

ଶ୍ରୀ ରାଜୀବ ପାଣି ନିଜର ମନ୍ତବ୍ୟରେ କହିଥିଲେ ଯେ, ଏହି ଶିଶୁ କର୍ମଶାଳାର ଶୁଭାରମ୍ଭ ନାଟ୍ୟ ସମ୍ପ୍ରଦାୟକୁ ମଜବୁତ ଏବଂ ବିସ୍ତାରିତ କରିଛି। ସେ ନାଟକ ଅଭିବ୍ୟକ୍ତିର ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ ବର୍ଣ୍ଣନା କରିଥିଲେ - ଯାହା ନାଟକର ଆଭିମୁଖ୍ୟ ଏବଂ ସୃଜନଶୀଳ ଚିନ୍ତାଧାରା ଉଭୟକୁ ପ୍ରୋତ୍ସାହିତ କରି ଭାବନାକୁ ପରିମାର୍ଜିତ କରିଥାଏ ।

ଏହି ଅବସରରେ ଶ୍ରୀ ଜଗନ୍ନାଥ ସେଠ୍ କର୍ମଶାଳା ଆୟୋଜନରେ ମିଳିଥିବା ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ସେ ଅଣ-ପାରମ୍ପରିକ କ୍ଷେତ୍ରରେ ସଫଳ କ୍ୟାରିଅର ପାଇଁ ପଥ ପ୍ରଶସ୍ତ କରିବାରେ ନାଟ୍ୟ ବିଦ୍ୟାଳୟ ଗୁଡ଼ିକର ବର୍ଦ୍ଧିତ ସମ୍ଭାବନା ଉପରେ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମଟି ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଶ୍ରୀ ମିଶ୍ର କର୍ମଶାଳାର ନିର୍ଦ୍ଦେଶକଙ୍କ ସହିତ ସହ ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ର କୁମାର ପାଢୀ, ସୁଶ୍ରୀ ସୁଦେଷ୍ଣା ରାଣୀ ରାଉତ, ଏବଂ ସହ ସଞ୍ଚୋଳିକା ସୁଶ୍ରୀ ସସ୍ମିତା ବେକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଉଲ୍ଲେଖ ଯୋଗ୍ୟ ଯେ, ଏହି କର୍ମଶାଳା ଜୁନ୍ ୧୦ ତାରିଖରେ ସିଭିକ୍ ସେଣ୍ଟର ଠାରେ ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ଏକ ନାଟକ ପ୍ରଦର୍ଶନ ସହିତ କର୍ମଶାଳା ଉଦଯାପିତ ହେବ ।

ପ୍ରାରମ୍ଭରେ ଶ୍ରୀ ଭାସ୍କର ମହାପାତ୍ର ସମାବେଶକୁ ସ୍ୱାଗତ କରିବା ସହିତ ପିଲା ମାନଙ୍କ ମଧ୍ୟରେ ଉତ୍ସାହ ଭରି ଦେଇଥିଲେ । ପରିଶେଷରେ ଶ୍ରୀମତୀ ଅର୍ଚ୍ଚନା ଶତପଥୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଲୋକସମ୍ପର୍କ ବିଭାଗର ଉପପ୍ରବନ୍ଧକ ଶ୍ରୀ ଶଶାଙ୍କ ଶେଖର ପଟ୍ଟନାୟକ ଉଦଘାଟନୀ ଉତ୍ସବ ସଂଯୋଜନା କରିଥିଲେ।

## ଅନଲାଇନ ପ୍ରମାଣପତ୍ର ଏବଂ ଆଧାର କାର୍ଡ ପୈଠ କରି ନପାରିବାରୁ ୯୫ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କ ଭତ୍ତା ବନ୍ଦ କରିଦେଲା ଜିଲ୍ଲା ପ୍ରଶାସନ



ବାଲିଆପାଳ ,୧୩/୫(ନି. ପ୍ର): ସମାଜର ମୁଖ୍ୟ ସ୍ରୋତରେ ଭିନ୍ନକ୍ଷମ ମାନଙ୍କୁ ସାମିଲ କରିବା ସହିତ ନିଜର ଭରଣ ପୋଷଣ ପାଇଁ ସରକାର ଦିବ୍ୟାଙ୍ଗ ପେନସନ ଯୋଜନା ସହିତ ଅନେକ ଯୋଜନା ପ୍ରସ୍ତୁତ କରିଛନ୍ତି । ମାତ୍ର ୯୫ ପ୍ରତିଶତ ରୁ ଅଧିକ ଜଣେ ଦିବ୍ୟାଙ୍ଗ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ତାଙ୍କର ଭତ୍ତା ବନ୍ଦ କରିଦେଇଛନ୍ତି । ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ଅନ୍ତର୍ଗତ ମଧୁପୁରା ଗ୍ରାମର ସ୍ୱର୍ଗତ ପ୍ରୀୟଦର୍ଶନ ବାଗଙ୍କ ୩୫ ବର୍ଷିୟା ଝିଅ ରେଣୁବାଳା ବାଗ ୯୫ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ । ସେ ବିଛଣାରେ ସବୁ ସମୟରେ ଶୋଇ ରହୁଛନ୍ତି । ତାଙ୍କର ହାତ, ଗୋଡ଼, ଆଖି କିଛି ବି କାମ କରେ ନାହିଁ । ଜନ୍ମ ରୁ ତାଙ୍କର ଏପରି ଅବସ୍ଥା ପାଇଁ ଦୀର୍ଘ ବର୍ଷରୁ ସରକାରଙ୍କ ପକ୍ଷରୁ ତାଙ୍କୁ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରଯାଉଥିଲା । ମାତ୍ର ସରକାର ବଦଳିବା ପରେ ନିୟମ ଅନୁଯାୟୀ ସେ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । କିନ୍ତୁ ସମସ୍ତ ଭତ୍ତା ହିତାଧିକାରୀଙ୍କ ଅନଲାଇନ ସାର୍ଟିଫିକେଟ ବାଧତା ମୂଳକ ହୋଇଥିବାରୁ ତାଙ୍କୁ ଅନଲାଇନ ସାର୍ଟିଫିକେଟ ଦାଖଲ ପାଇଁ କୁହା ଯାଇଥିଲା । ତାଙ୍କ ଆଖିର ଜ୍ୟୋତି ଏବଂ ହାତର ରେଖା କାମ କରୁନାହିଁ । ଯାହା ଫଳରେ ତାଙ୍କର ଆବଶ୍ୟକୀୟ କାଗଜପତ୍ର ଦାଖଲ ହୋଇ ପାରୁ ନଥିବାରୁ ବର୍ଦ୍ଧିତ ଭତ୍ତା ପାଇବା ଦୂରର କଥା ପୂର୍ବରୁ ପାଉଥିବା ଭତ୍ତା କୁ ମଧ ଜିଲ୍ଲା ପ୍ରଶାସନ ବନ୍ଦ କରିଦେଇଛନ୍ତି । ଗତ ମାର୍ଚ୍ଚ ମାସରେ ସରକାର ୮୦ ବର୍ଷରୁ ଉର୍ଦ୍ଧ୍ୱ ତଥା ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ମାନଙ୍କ ପାଇଁ ୩୫୦୦ ଟଙ୍କା ବର୍ଦ୍ଧିତ ଭତ୍ତା ଘୋଷଣା କରିବା ପରେ ବାଲିଆପାଳ ବ୍ଲକ ପରିସରରେ ଦିବ୍ୟାଙ୍ଗ ଚିହ୍ନଟ ମେଳା ଅନୁଷ୍ଠିତ ହୋଇଥିଲା । ରେଣୁବାଳା ସେହି ଭିନ୍ନକ୍ଷମ ମେଳାକୁ ଯାଇଥିଲେ, କିନ୍ତୁ ସେ ଅନଲାଇନ ସାର୍ଟିଫିକେଟ ବଦଳରେ ଅଫଲାଇନ ସାର୍ଟିଫିକେଟ ଦେଖାଇଥିଲେ । ଯାହା ଫଳରେ ଭିନ୍ନକ୍ଷମ ଶିବିରରେ ଯୋଗ ଦେଇଥିବା ବାଲେଶ୍ୱର ସିଡିଏମଓ ତାଙ୍କ ଭତ୍ତା କୁ ବନ୍ଦ କରିବା ସହିତ ଅନଲାଇନ ସାର୍ଟିଫିକେକ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଅନଲାଇନ ସାର୍ଟିଫିକେଟ ପାଇଁ ଆଧାର କାର୍ଡର ଆବଶ୍ୟକ ଥିବା ବେଳେ ତାଙ୍କ ପରିବାର ଲୋକେ ତାଙ୍କୁ ଆଧାର କେନ୍ଦ୍ରକୁ ନେଇଥିଲେ ମାତ୍ର ତାଙ୍କର ହାତର ରେଖା ଏବଂ ଆଖିର ଜ୍ୟୋତି ଠିକ ନଥିଲା, ଯାହା ଫଳରେ ଆଧାର ମଧ୍ୟ ହୋଇପାରି ନଥିଲା । ଏବେ ଅନଲାଇନ ସାର୍ଟିଫିକଟେ ପାଇଁ ପରିବାର ଲୋକେ ଚିନ୍ତିତ ଥିବା ବେଳେ ଚଳିତ ମାସ ତାଙ୍କୁ ପଞ୍ଚାୟତରୁ ମିଳୁଥିବା ଭତ୍ତା ମଧ୍ୟ ବନ୍ଦ କରିଦିଆ ଯାଇଛି । ରେଣୁବାଳା ଏକ ପ୍ରକାର ସମ୍ପୂର୍ଣ୍ଣ ଅକ୍ଷମ ହୋଇଥିବାରୁ ଔଷଧ ଖର୍ଚ୍ଚ ଏବଂ ଜୀବନ ତମାମ କିପରି ଚଳିବେ ସେହି ଚିନ୍ତାରେ ପରିବାର ଲୋକେ ଏବେ ଅଛନ୍ତି । ଅନଲାଇନ ସାର୍ଟିଫିକେଟ ଏବଂ ଆଧାର କାର୍ଡ ବିନା ତୁରନ୍ତ ୩୫୦୦ ଟଙ୍କା ବର୍ଦ୍ଧିତ ଭତ୍ତା ସହିତ ଅନ୍ତୋଦୟ ଯୋଜନା ରେ ୩୫ କେଜି ଚାଉଳ ପ୍ରଦାନ ସହିତ ଏଭଳି ଘଟଣା କୁ ଗୁରୁତର ସହକାରେ ନେଇ ତୁରନ୍ତ ଏହାର ସମାଧାନ କରାଇବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## କୃଷି ମହାବିଦ୍ୟାଳୟ କ୍ରିୟାନୁଷ୍ଠାନ ସମିତିର ଜରୁରୀ ବୈଠକ



ବାଲେଶ୍ୱର,୧୩/୫(ନି. ପ୍ର): ବାଲେଶ୍ୱର ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରୟାସ ଜାରି ରଖିଥିବା କ୍ରିୟାନୁଷ୍ଠାନ ସମିତିର ଏକ ଜରୁରୀ ବୈଠକ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ପ୍ରଫୁଲ୍ଲ କୁମାର ଦାସ ବିବରଣୀ ପାଠ କରିଥିବାବେଳେ କୋଷାଧକ୍ଷ ଭାସ୍କର ଚନ୍ଦ୍ର ପାଢ଼ୀ ଆୟବ୍ୟୟର ବିବରଣୀ ବୈଠକରେ ଉପସ୍ଥାପନ କରିଥିଲେ। ସଭାପତି ଡ. ପଣ୍ଡା ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ବାଲେଶ୍ୱର ଜିଲ୍ଲାରେ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ ସମିତିର ନିରବଚ୍ଛିନ୍ନ ଆନ୍ଦୋଳନ ଓ ପ୍ରୟାସ ସମ୍ପର୍କରେ କହିଥିଲେ। ସଭା ପ୍ରାରମ୍ଭରେ ପୁଲ୍‌ୱାମା ଆକ୍ରମଣରେ ବାଲେଶ୍ୱରର ଇଣାଣୀର ସ୍ୱର୍ଗତ ପ୍ରଶାନ୍ତ ଶତପଥୀଙ୍କ ସମେତ ଅନ୍ୟ ସହୀଦ ହୋଇଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଇତିମଧ୍ୟରେ ତା ୨୭-୦୪-୨୦୨୫ରିଖରେ ବାଲେଶ୍ୱର ଗସ୍ତ ସମୟରେ ଆଇନ୍‌ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଏକ ସ୍ମାରକପତ୍ର ସରକାରୀ ଉପସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ ଓ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆଙ୍କ ଉପସ୍ଥିତିରେ ଦିଆଯାଇଥିଲା। ମନ୍ତ୍ରୀ ତାହା ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରେମୁଣାରେ ଜୋନାଲ୍ ମିଟିଂ ତା ୧୮-୦୫-୨୦୨୫ରିଖ ଅପରାହ୍ଣ ୪ଟା ୩୦ରେ 'ଶ୍ରୀହରି କଲ୍ୟାଣ ମଣ୍ଡପ'ରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହେଲା। ଏଥିପାଇଁ ବାଲେଶ୍ୱର ଜିଲ୍ଲାର ସମସ୍ତ ବିଧାୟକମାନଙ୍କୁ ଯୋଗଦେବା ପାଇଁ ଅନୁରୋଧ କରାଯିବ। ତା ୦୮-୦୬-୨୦୨୫ ରିଖ ରବିବାର ଦିନ ଦିବା ୧୦ ଘଟିକାରେ 'ବାର୍ଷିକ ସମ୍ମିଳନୀ' ଭାସ୍କରଗଞ୍ଜସ୍ଥିତ 'ଗୁଲ୍‌ମୋହର ସଭାଗୃହ'ରେ ଅନୁଷ୍ଠିତ ହେବବୋଲି ସର୍ବସମ୍ମତିକ୍ରମେ ସ୍ଥିର ହେଲା। 'ବିଶ୍ୱ ମାତୃଦିବସ ଉପଲକ୍ଷେ' ଉପସ୍ଥିତ ମା'ମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ବୈଠକରେ ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ା, ଡ. କ୍ଷିତୀଶ୍ୱର ଦାଶ, ପ୍ରବୋଧ କୁମାର ପାତ୍ର, ଅକ୍ଷୟ କୁମାର ତ୍ରିପାଠୀ, ଡା. ତାରାକାନ୍ତ ନନ୍ଦ, ଭୂପତି କୁମାର ପାତ୍ର, ସୁରେଶ ପ୍ରସାଦ ଦିକ୍ଷୀତ୍, ହରନାରାୟଣ ମଲ୍ଲୁଆଳ, ସଂଯୁକ୍ତା ବେହେରା, ସରୋଜିନୀ ନାୟକ, ରବି କୁମାର ପାଣିଗ୍ରାହୀ, ପୁରୁଷୋତ୍ତମ ବେହେରା ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଶେଷରେ ପ୍ରତିମା ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଘିମିରି ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୧୩/୫(ନି. ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଘିମିରି ନିରାକରଣ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ ଗ୍ରୀଷ୍ମ ଋତୁର ଉତାପରୁ ସ୍ୱେଦ ଓ ମଇଳା ଚର୍ମରେ ଜମି ରହେ ଫଳରେ ଘିମିରି ଜାତ ହୁଏ କ୍ଷ କୁଣ୍ଡାଇ ହୁଏ, କୁଣ୍ଡାଇଲେ ଲାଲ୍ ପଡି ଜଳେ । ତ୍ୱଚାକୁ ମୁଲତାନି ମାଟି ଲଗାଇ ସଫା କରନ୍ତୁ କ୍ଷ ସ୍ନାନ ପରେ ଚନ୍ଦନ କିମ୍ବା ବେଶାଚେର ଚିକ୍କଣ ଚୂର୍ଣ୍ଣ ଲଗାନ୍ତୁ । କୁଣ୍ଡାଇ ହେଲେ ନ କୁଣ୍ଡାଇ ଘୃତ କୁମାରୀ ରସ ଲଗାନ୍ତୁ କ୍ଷ ସକାଳୁ ନିମ୍ବ ହଳଦୀ ବଟା ପାଂଚ ଗ୍ରାମ ଖାଆନ୍ତୁ । କାକୁଡି, ତରଭୁଜ ଖାଆନ୍ତୁ, ଅଧିକ ମିଠା, ଖଟା ଖାଆନ୍ତୁ ନାହିଁ ଓ ସୂତାଲୁଗା ପରିଧାନ କରିବା ପାଇଁ ପରମର୍ଶ ଦେଇଥିଲେ କ୍ଷଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ,ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା । ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ । ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୁଏ ସମସ୍ତେ ଏହାର ସୁଯୋଗ ନେବାକୁ ପ୍ରତିଷ୍ଠାନ ଅନୁରୋଧ କରିଛନ୍ତି।

## ଶ୍ରୀ ଜଗନ୍ନାଥ ପ୍ରଚାର ସମିତିର ପ୍ରଶାସନକୁ ଦାବିପତ୍ର

ଭଦ୍ରକ,୧୩/୫(ନି. ପ୍ର): ପଶ୍ଚିମବଙ୍ଗର ଦୀଘା ଠାରେ ଯେଉଁ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇଛି ସେଥିରେ ଜଗନ୍ନାଥ ଧାମ ବୋଲି ନାମିତ କରାଯାଇଛି। ଭଦ୍ରକ ଜିଲ୍ଲା 'ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି' ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଉକ୍ତ 'ଧାମ' ଶବ୍ଦକୁ ହଟାଇବା ଲାଗି ସମିତି ପକ୍ଷରୁ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଚାର ସମିତର ମୁଖ୍ୟପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳରେ ସହ ପରିଚାଳକ ସୁଦର୍ଶନ ପଣ୍ଡା, ବରିଷ୍ଠ ଉପଦେଷ୍ଟା ଅବସରପ୍ରାପ୍ତ ପ୍ରାଧାପକ ସନ୍ତୋଷ କୁମାର ଦାଶ, ସମିତିର ମୁଖ୍ୟ ଆବାହକ ଶରତ କୁମାର ସାହୁ, ସହ ଆବାହକ ବାବୁଲାଲ ଦାସ, ନାରାୟଣ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର ଦେ, ଉପଦେଷ୍ଟା ଗୋପବଂଧୁ ମିଶ୍ର, ଲଳିତ ମୋହନ ମିଶ୍ର, ସୁବାସ ଚନ୍ଦ୍ର ବଳ, ରାମାକାନ୍ତ ଜେନା, ଉତମ ପତ୍ରୀ ପ୍ରମୁଖ ସାମିଲ ଥିଲେ।

## ଲାବଣ୍ୟବତୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ମାତୃ ଦିବସ ପାଳିତ



କଟକ,୧୩/୫(ନି. ପ୍ର): ସ୍ଥାନୀୟ ମୋହନମଣ୍ଡପ ଠାରେ ଲାବଣ୍ୟବତୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଟ୍ରଷ୍ଟର କୋଷାଧକ୍ଷା ଶ୍ରୀମତୀ ପଙ୍କଜିନୀ ପରିଡାଙ୍କ ଅଧକ୍ଷତାରେ ମାତୃ ଦିବସ ପାଳିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ତଥା ଟ୍ରଷ୍ଟର ଉପସଭାପତି ସନ୍ୟାସନି ବିଦ୍ୟୁତ୍ କୁମାରୀ ଲାଲା ଉଦଘାଟକ ଭାବରେ ଡାକ୍ତର ତଥା କବିୟତ୍ରୀ ଶ୍ରୀମତୀ ସରୋଜିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ କର୍କଟ ରୋଗ ଚିକିତ୍ସକ ଡାକ୍ତର ଦ୍ୱିପ୍ତ ରାଗୀ ସାମନ୍ତ ପ୍ରମୁଖ ଅତିଥି ଭାବରେ ରୋଟାରିଆନ୍ ଶ୍ରୀଯୁକ୍ତ ଦେବେନ୍ଦ୍ର ନାଥ ମୁଖ୍ୟବକ୍ତା ଭାବରେ ସ୍ତମ୍ଭକାର ତଥା ସମାଜସେବୀ କବୟିତ୍ରୀ ଶ୍ରୀମତୀ ମୀରା ବେହେରା ମୁଖ୍ୟବକ୍ତା ଭାବରେ ଏବଂ ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀମତୀ ସୁଷମା ବାରିକ୍ ସମ୍ମାନୀୟା ଅତିଥି ଭାବରେ ଯୋଗଦାନ କରି ସମାଜରେ ମହିଳାମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅଧାପକ ଶ୍ରୀଯୁକ୍ତ ଅଶୋକ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧାପକ ତଥା ସମାଜସେବୀ ଶ୍ରୀଯୁକ୍ତ କିଶୋର ଚନ୍ଦ୍ରଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଟ୍ରଷ୍ଟର ସଭାପତି ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ପରିଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ଶେଷରେ ସଂପାଦକ ଶ୍ରୀଯୁକ୍ତ ଚିରଞ୍ଜନ ପରିଡା ଧନ୍ୟବାଦ କରିଥିଲେ। ସର୍ବଶ୍ରୀ ବୀର କିଶୋର ସିଂହ, ସୁବାସଚନ୍ଦ୍ର ଦାସ, ସଚିନ ସାହୁ, ସ୍ୱାଗତିକା ସେନାପତି, ଶୁଭଶ୍ରୀ ଭୋଳ, କୁନି ବେହେରା, ବିଶ୍ୱଜିତ୍ ମହାପାତ୍ର, ଦିପୁ ପ୍ରଧାନ, ଆରନସ୍ମିହା, ନୀରୋଜ କୁମାର ପରିଡା, ଚନ୍ଦ୍ରଲେଖା ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଇଗଲ କ୍ରିକେଟ କପ୍ ୨୦୨୫ : ସିଡିଏ ଲାୟନ୍ସ ଚମ୍ପିୟାନ

ଖୋର୍ଦ୍ଧା,୧୩/୫(ନି. ପ୍ର): ପୌରପରିଷଦ ଅନ୍ତର୍ଗତ ଇଗଲ କ୍ରିକେଟ କ୍ଲବ ପଡିଆରେ ରବିବାର ରାତ୍ରୀକାଳୀନ ୨୦ତମ ଇଗଲ କ୍ରିକେଟ କପ୍ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ରାତ୍ରୀକାଳୀନ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ପର୍ଯ୍ୟାୟରେ ସିଡିଏ ଲାୟଂସ ମ୍ୟାଜିକ ଏଲେଭେନକୁ ହରାଇ ଚମ୍ପିୟାନ ହୋଇଛି। ପ୍ରଥମେ ବ୍ୟାଟିଂ କରି ମ୍ୟାଜିକ ଇଲେଭେନ ୧୪୧ ରନ କରିଥିଲେ । ପ୍ରତ୍ୟୁତରରେ ସିଡିଏ ଲାୟନ୍ସ ଉତମ ମହାନ୍ତିଙ୍କ ଧୂଆଁଧାର ୧୪ ବଲ ରୁ ୫୯ ରନ ସହାୟତାରେ ଆବଶ୍ୟକ ୧୪୨ ରନ କରିନେଇ ଇଗଲ କ୍ରିକେଟ କପ୍ ୨୦୨୫ ର ବିଜେତା ହୋଇଥିବା ବେଳେ ମ୍ୟାଜିକ ଏଲେଭେନ୍ ଉପବିଜେତା ହୋଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ବିଗତ ୫ ବର୍ଷ ଧରି ମ୍ୟାଜିକ ଦଳ ଫାଇନାଲକୁ ଯାଉଥିବା ବେଳେ ଉପବିଜେତା ଭାବେ ସନ୍ତୁଷ୍ଟ ହେବାକୁ ପଡ଼ିଛି । ଏହି ଟୁର୍ଣ୍ଣାମେଣ୍ଟକୁ ଶୁଭ ଉଦ୍ଘାଟନ କରିଥିଲେ ଇଗଲ କ୍ଲବ୍ ର ସର୍ବକାଳୀନ ସଭାପତି ରାଜେନ୍ଦ୍ର କୁମାର ସାହୁ, ଇଗଲ କ୍ଲବ୍ ର ସମ୍ପାଦକ ତଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ର ସଭାପତି ଅଭିଷେକ ସିଂ ସାମନ୍ତ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ପ୍ରବିଣା ଜଗଦେବ ରାୟ, ମୋନାଲିସା ସିଂ, ଅମିୟ କୁମାର ମହାନ୍ତି, ନାଗଭୂଷଣ ଜେନା, ଅନିଲ ରାମ, ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ସଭାପତି ଅବ୍ୟକ୍ତ ହରିହର ଖାଡଙ୍ଗା, ସମାଜସେବୀ ଅଜୟ କୁମାର ସାହୁ, କ୍ରିକେଟ ପୃଷ୍ଠପୋଷକ ବିରଂଚି ନାରାୟଣ ଜେନା, ଜ୍ୟୋତିରଂଜନ ସିଂ, ବ୍ରହ୍ମାନନ୍ଦ ଜେନା, ସତ୍ୟପ୍ରକାଶ ସାହୁ, ଦିଗନ୍ତ ପଟ୍ଟନାୟକ, ନୂତନ କ୍ରାନ୍ତି ପାଲ୍, ସ୍ୱାଗତ ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ଅମିତ୍ ଅମିତାଭ ମହାପାତ୍ର, ଶିବାଶିଷ ପଟ୍ଟନାୟକ, ଶିବପ୍ରସାଦ ଦେବ ପ୍ରମୁଖ ଉପସ୍ଥିତ ଥିଲେ । ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା । ଇଗଲ କ୍ରିକେଟ କ୍ଲବର ଶତାଧିକ ସଭ୍ୟ ଅକ୍ଲାନ୍ତ ପରିଶ୍ରମ କରି ଏହି ଟୁର୍ଣ୍ଣାମେଂଟକୁ ସଫଳ କରିଥିବାରୁ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦଯାପନୀ ଉତ୍ସବରେ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ସମ୍ପାଦକ ଅଭିଷେକ ସିଂ ସାମନ୍ତ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଖେଳକୁ ସାନୁଜ ବିଶ୍ୱାଳ, ସଂଗ୍ରାମ ସାମନ୍ତରାୟ,ସ୍ୱାଗତ ଶୁଭମ୍ ଦାସ, ଅମିତ୍ ଦାସ, ବିଶ୍ୱଜିତ୍ ଦାସ, ସୁଶାନ୍ତ ପରିଡ଼ା, ଶୁଭକାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ। ୟୁ ଟ୍ୟୁବ୍ ଚ୍ୟାନେଲ ରାଇଡରରାୟ ୭ ରେ ଏହି ମ୍ୟାଚ୍ ର ସିଧା ପ୍ରସାରଣ କରାଯାଇଥିଲା ।

## ପିତା ଜୀବନ ପଥରେ ପ୍ରଥମ ପଥ ପ୍ରଦର୍ଶକ, ନାରାୟଣ ପ୍ରସାଦ କର ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବ

ଭଦ୍ରକ,୧୩/୫(ନି. ପ୍ର): ଈଶ୍ୱର ସ୍ୱଦେହରେ ମର୍ତ୍ତ୍ୟମଣ୍ଡଳରେ ବିରାଜମାନ କିମ୍ବା ଚଳ ପ୍ରଚଳ କରି ନଥାନ୍ତି ବରଂ ସେ ପିତା, ମାତା ଓ ଗୁରୁ ରୂପେ ଆମ ପାଖକୁ ଆସିଥାନ୍ତି।ପିତା ହିଁ ଦ୍ୱିତୀୟ ଈଶ୍ୱର ଏବଂ ସେ ସନ୍ତାନ ସନ୍ତତିଙ୍କର ଜୀବନ ପଥରେ ପ୍ରଥମ ପଥ ପ୍ରଦର୍ଶକ ବୋଲି ଭଦ୍ରକ ସହର ନୂଆ ବଜାର ସ୍ଥିତ ଭାଗବତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ନାରାୟଣ ପ୍ରସାଦ କର ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉକ୍ତ ଟ୍ରଷ୍ଟର ସ୍ଥାୟୀ ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହକୁ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଉଦଘାଟନ କରିଥିଲେ ଏବଂ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ବିଶିଷ୍ଟ ପ୍ରବାଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟ ବକ୍ତା, ଟ୍ରଷ୍ଟର ପ୍ରତିଷ୍ଠାତ୍ରୀ ଅବନ୍ତୀ କର, ଭଦ୍ରକ ଡେପୁଟି କଲେକ୍ଟର କାର୍ତିକନାଥ ମଣ୍ଡଳ, ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ କୁମାର ନାୟକ ଓ ସ୍ୱରାଜବାର୍ତ୍ତାର ମୁଖ୍ୟ ସମ୍ପାଦକ ରବିନାରାୟଣ ଖିଲାର ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷା, କଳା, ସଂସ୍କୃତି ଓ ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ବିଭିନ୍ନ ବ୍ୟକ୍ତିତ୍ୱ ଯଥା - ସମାଜ ସେବୀ ଓ କଳାକାର ଅଜୟ କୁମାର ନାୟକ, ପ୍ରଖ୍ୟାତ କଥାକାର ରଜନୀ କାନ୍ତ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ସୁସାହିତ୍ୟିକ ବାସୁଦେବ ବାରିକ, ଅବସର ପ୍ରାପ୍ତ ଅଧ୍ୟକ୍ଷା ତଥା ପ୍ରଖ୍ୟାତ କବୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, ଅବସର ପ୍ରାପ୍ତ ଶିକ୍ଷକ ତଥା ବିଶିଷ୍ଟ ନାଟ୍ୟକାର ଶ୍ୟାମସୁନ୍ଦର ପୁହାଣ, କୃଷିବିତ୍ ତଥା ଆକାଶବାଣୀ ଗୀତିକାର ଅରୁଣ କୁମାର ପାତ୍ର,ବିଶିଷ୍ଟ କବି କୈଳାସ ଚନ୍ଦ୍ର ପାଢ଼ୀ, ବିଶିଷ୍ଟ ମଞ୍ଚ କଳାକାର କାଳନ୍ଦୀ ମଲ୍ଲିକ ,ପାଲା ଗାୟକ ଉମାକାନ୍ତ ହୋତା,ବିଶିଷ୍ଟ ସାହିତ୍ୟିକ ସୁଭାଷ ଚନ୍ଦ୍ର ଦାସ, ସାହିତ୍ୟିକ ଓ ସଂଗଠକ ବାବୁଲାଲ ଦାସ, କ୍ରୀଡାବିତ୍ ତଥା ସାରସ୍ୱତ ଓ ଆଧାତ୍ମିକ ସଂଗଠକ ନିତ୍ୟାନନ୍ଦ କର ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ଦାଶ, ଅନନ୍ତ ପ୍ରସାଦ ପଣ୍ଡା ଓ ହରିହର ରଥ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଯମୁନା ନଦୀର କଥା

ସୁଧାଂଶୁ ଶେଖର ଦ୍ୱିବେଦୀ

ଉତ୍ତର ଭାରତରେ ଗଙ୍ଗା ନଦୀ ସହିତ ବହୁ ପ୍ରାଚୀନ କାଳରୁ ତା'ର ସହାୟକ ନଦୀ ରୂପେ ଯମୁନା କଳ କଳ ନାଦରେ ବହିଚାଲିଛି। ଯମୁନା ଭାରତୀୟ ସଂସ୍କୃତର ଏକ ପବିତ୍ର ନଦୀ ଅଟେ। ତାକୁ କେହି କେହି ଯମୁନେତ୍ରୀ ତଥା ଯମଙ୍କ ଭଉଣୀ ହୋଇଥବାରୁ ଯମୁନା ନାମ ପଡିଛି। ଆଉ କେହି ଯମୁନାକୁ ଯମୀ ନାମରେ ଆଖ୍ୟାୟିତ କରିଛନ୍ତି। ହିମାଳୟର ହିମ ଆଚ୍ଛାଦିତ ଶୃଙ୍ଗ ମନ୍ଦର ପୁଚ୍ଛରେ ସ୍ଥିତ କାଳନ୍ଦୀ ପର୍ବତରୁ ଉଦ୍‌ଗମ ହୋଇଥିବାରୁ ଏବଂ ତା' ଜଳର ରଙ୍ଗ ଶ୍ୟାମଳ ହେବାରୁ କାଳନ୍ଦୀ ନାମରେ ପ୍ରଚଳିତ ହୋଇଛି।

ପୌରାଣିକ ମାନ୍ୟତା ଅନୁସାରେ ବିଶ୍ୱକର୍ମାଙ୍କ ପତ୍ନୀ ସଞ୍ଜନାଙ୍କ ଠାରୁ ଜନ୍ମିତ ସୂର୍ଯ୍ୟଦେବଙ୍କ ପୁତ୍ରୀ ଯମୁନା। ମୃତ୍ୟୁ ଦେବତା ଯମରାଜା ତାଙ୍କର ଅଗ୍ରଜ ଭ୍ରାତା ଏବଂ ଶନିଦେବ ଅନୁଜ ଭ୍ରାତା ଅଟନ୍ତି। ପୌରାଣିକ ଗଣନା ଅନୁଯାୟୀ ଯମୁନା ଚୈତ୍ର ମାସ ଶୁକ୍ଳ ପ୍ରତିପଦା ଷଷ୍ଠୀରେ ଧରିତ୍ରୀ କୂଳରେ ଅବତୀର୍ଣ୍ଣ ହୋଇଥିଲେ। ଉକ୍ତ ଦିନରେ ସାରା ଭାରତବର୍ଷ ଯମୁନା ଜୟନ୍ତୀ ପାଳନ କରିଥାଏ। ସେହି ଦିନ ମାତା ଷଷ୍ଠୀଙ୍କ ପୂଜା-ଅର୍ଚ୍ଚନାର ବିଧାନ ହେଉଥିବାରୁ ଏହାକୁ ଯମୁନା ଷଷ୍ଠୀ ମଧ୍ୟ କୁହାଯାଏ।

ଭାରତୀୟ ସଂସ୍କୃତିର ଯମୁନା ନଦୀର ମହତ୍ତ୍ୱ ବହୁ ପ୍ରାଚୀନ କାଳରୁ ରହିଛି ତଥା ଯମୁନା ଜଣେ ଦେବୀ ରୂପେ ପୂଜା ପାଇଆସୁଛନ୍ତି।ଋଗ୍ ବେଦରେ ଗଙ୍ଗା, ଯମୁନା, ସରସ୍ୱତୀ, ସିନ୍ଧୁ, କାବେରୀ, ସରଜୁ ଆଦି ୯୯ଟି ନଦୀ ଉଲ୍ଲେଖ ଅଛି। ବେଦରେ ଯେଉଁଠି ଗଙ୍ଗା ନଦୀର ବର୍ଣ୍ଣନା କେବଳ ଥରେ କରାହୋଇଛି ସେଇଠି ଯମୁନାର ବର୍ଣ୍ଣନା ୩ ଥର କରାହୋଇଛି। ସେହିପରି ବେଦରେ ୭ଟି ନଦୀର ବର୍ଣ୍ଣନା ହୋଇଛି। ଉକ୍ତ ୭ଟି ନଦୀ ୭ଟି ଚେତନା ରୂପେ ପ୍ରବାହିତ। ଯମୁନା ନଦୀର ବର୍ଣ୍ଣନା ମହାଭାରତର ବନ ପର୍ବରେ ତଥା ବାମନ ପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣ ଆଦିରେ ସବିଶେଷ ଉଲ୍ଲେଖ କରାହୋଇଛି। ମହାଭାରତ ଯୁଦ୍ଧ ସମାପ୍ତ ହେବାପରେ ପାଣ୍ଡବ ମାନେ ତୀର୍ଥଯାତ୍ରା କରିବାକୁ ବାହାରିଲେ। ସେମାନେ ଯମୁନାର ଉଦ୍‌ଗମ ସ୍ଥଳରୁ ପୁଣ୍ୟ ସଲୀଳା ସରସ୍ୱତୀ ନଦୀ ଦର୍ଶନ କରିଥିଲେ।

ଭୌଗଳିକ କାରଣ ହେତୁ ସରସ୍ୱତୀ ନଦୀ ବୈଦିକ କାଳରୁ କ୍ଷୀଣ ହୋଇ ଶୁଖିଯାଇଛି। ମାନ୍ୟତା ଅନୁସାରେ ଯମୁନା ନଦୀର ତୀବ୍ର ପ୍ରବାହ ସରସ୍ୱତୀ ନଦୀକୁ ଅଧିକ କ୍ଷୀଣ କରିଦେଇଛି। ସେଥିପାଇଁ ଯମୁନା ନଦୀ ଉତ୍ତରାଖଣ୍ଡର ଯମୁନେତ୍ରୀରୁ ବାହାରି ବ୍ରଜମଣ୍ଡଳ ହୋଇ ପ୍ରୟାଗରାଜ ସଙ୍ଗମଠାରେ ଗୁପ୍ତ ରୂପେ ବହୁଥିବା ସରସ୍ୱତୀ ଓ ଗଙ୍ଗା ନଦୀ ସହିତ ମିଶିଛି।

ଭଗବାନ ଶିବଙ୍କ ସକାଶେ ଯମୁନାର ଜଳ ଶ୍ୟାମଳ ବର୍ଣ୍ଣ ବୋଲି ବାମନ ପୁରାଣରେ ଲେଖା ଅଛି। କଥା ଅନୁସାରେ ପିତା ପ୍ରଜାପତିଙ୍କ ଦ୍ୱାରା ଆୟୋଜିତ ଯଜ୍ଞରେ ନିଜ ପତି ଶିବଙ୍କୁ ଉପେକ୍ଷା ଏବଂ ତିରସ୍କାର କରି ଆହତ କରିଥିଲେ। ନିଜ ପତିଙ୍କର ଅପମାନ ଶି ନପାରି ସତୀ ଯୋଗାଗ୍ନିରେ ଝାସ ଦେଇ ଭସ୍ମ ହେବାବେଳେ ଶିବ ଅର୍ଦ୍ଧଦଗ୍ଧ ସତୀଙ୍କୁ ଉଠେଇ ନେଇ ଯମୁନା ନଦୀକୁ ଡେଇଁ ପଡିଲେ। ଯାହାଫଳରେ ଯମୁନାର ଜଳ କୃଷ୍ଣ ବର୍ଣ୍ଣ ହୋଇଗଲା। ମାନବ ଅବତାରରେ ଭଗବାନ ଶ୍ରୀକୃଷ୍ଣ କଂସର ବନ୍ଦୀ ଶାଳରେ ଭାଦ୍ର କୃଷ୍ଣ ଅଷ୍ଟମୀ ରାତିରେ ଜନ୍ମ ହୋଇ ପିତା ବସୁଦେବଙ୍କ ଦ୍ୱାରା ଯମୁନା ନଦୀ ପାରି ହୋଇଥିଲେ। କାଳୀୟ ଦଳନ ବେଳେ ବଳରାମ କ୍ରୋଧିତ ହୋଇ ଯମୁନା ନଦୀକୁ ନିଜ ହଳ ମୁନରେ ଦୁଇଭାଗ କରିଦେଇଥିଲେ। ସେଥିପାଇଁ ବଳରାମଙ୍କୁ ଅନେକେ ଯମୁନା ଭେଦି ନାମରେ ଉଚ୍ଚାରଣ କରନ୍ତି। ଅନ୍ୟ ଏକ ମାନ୍ୟତା ଅନୁସାରେ ରାଧା-ମାଧବଙ୍କ ଜଳ ବିହାର ବେଳେ ଶ୍ରୀରାଧାଙ୍କ ଶରୀରରେ ଲିପ୍ତ କସ୍ତୁରୀ ଧୋଇ ଯମୁନା ଜଳକୁ ଶ୍ୟାମଳ କରି ଦେଇଛି।

ଶ୍ରୀକୃଷ୍ଣ ବ୍ରଜ ସଂସ୍କୃତିର ଜନକ ତଥା ଯମୁନାକୁ ବ୍ରଜ ସଂସ୍କୃତିର ଜନନୀ କୁହାଯାଏ। ସମସ୍ତ ବ୍ରଜ କ୍ଷେତ୍ରରେ ଯମୁନା ନଦୀକୁ ଯମୁନା ମା' ସମ୍ବୋଧନ କରି ପୂଜା କରନ୍ତି। ଗର୍ଗ ସଂହିତା ଅନୁସାରେ ଗୋଲକରେ ଶ୍ରୀକୃଷ୍ଣ ରାଧାଙ୍କୁ ଭୂତଳରେ ଅବତାରିତ ହେବାକୁ କହିଥିଲେ। ଶ୍ରୀରାଧା ପ୍ରତ୍ୟୁତ୍ତରରେ କହିଲେ-ଯେଉଁଠି ବୃନ୍ଦାବନ, ଯମୁନା ଜଳ, ଗୋବର୍ଦ୍ଧନ ପର୍ବତ ନାହିଁ ସେଠିକୁ ଯାଇ ସୁଖାନୁଭୂତି ମିଳିବ ନାହିଁ। ରାଧାଙ୍କର ଅଭିମାନରେ ଭଗବାନ ଶ୍ରୀକୃଷ୍ଣ ସମସ୍ତ ଦେବ ଦେବୀଙ୍କୁ ବ୍ରଜ ମଣ୍ଡଳରେ ଅବତାରିତ କରାଇଲେ। ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ କାଳୀୟ ନାଗକୁ ଉଦ୍ଧାର କରି ବିଷାକ୍ତ ଯମୁନାର ଜଳକୁ ବିଷହୀନ କରିଥିଲେ। ବ୍ରହ୍ମ ପୁରାଣରେ ଯମୁନାକୁ ଆଧାତ୍ମିକ ସ୍ୱରୂପର ବର୍ଣ୍ଣନ କରି ଜଗତର ଆଧାର ଭୂତ ବୋଲି କୁହାହୋଇଛି। ଉପନିଷଦରେ ସଚ୍ଚିଦାନନ୍ଦ ସ୍ୱରୂପ କହି ସମ୍ବୋଧନ କରାହୋଇଛି।ଏହା ବି ମାନ୍ୟତା ଅଛି ଯମୁନା ନଦୀରେ ବୁଡ଼ ପକାଇଲେ ଆତ୍ମା ଶୁଦ୍ଧ ହୋଇଯାଏ। ଭାରତୀୟ ସଂସ୍କୃତିରେ ଯମୁନା ନଦୀକୁ ମହତ୍ତ୍ୱପୂର୍ଣ୍ଣ ଓ ପବିତ୍ର ନଦୀ ରୂପେ ଗଣନା କରାହୋଇଛି।

+ ବିସି-୭୪,ସଲ୍ଟ ଲେକ୍,
କଲକତା-୬୪
ମୋ: ୯୬୮୧୩୭୩୫୧୨

# ଅସ୍ତ୍ରବିରତିର ସନ୍ଦେଶ

ସୌଭାଗ୍ୟ ରଂଜନ ମହାନ୍ତି

ଦୀର୍ଘ ଚାରି ଦିନ ଧରି ସୀମା ପାର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଗତ ରବିବାର ଠାରୁ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପାଇଁ ସହମତି ଦୁଇ ପଡୋଶୀ ଦେଶରେ ଶାନ୍ତି ପ୍ରତିଷ୍ଠାର ପଥ ପରିଷ୍କାର ହୋଇଛି। ଯୁଦ୍ଧ ଉତ୍ତେଜନା ହ୍ରାସ କରିବା ପାଇଁ ଦୁଇଦେଶର ସାମରିକ ମହାନିର୍ଦ୍ଦେଶକ (ଡିଜିଏମଓ) ସ୍ତରୀୟ କଥାବାର୍ତ୍ତାରେ ସହମତି ପ୍ରକାଶ ପାଇବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଆହୁରି ମଧ୍ୟ ସୀମାରୁ ସେନା ହ୍ରାସ କରିବା ସହ କେହି କାହା ଉପରେ ଗୁଳିମାଡ ନକରିବା ପାଇଁ ନିଷ୍ପତି ହୋଇଥିବାବେଳେ ଗତ ଦୁଇଦିନ ଧରି ସୀମାନ୍ତ ପରିସ୍ଥିତି ଶାନ୍ତ ରହିଛି। ତେବେ ଶନିବାର ଦିନ ଅସ୍ତ୍ରବିରତି ଘୋଷଣାର ୩ଘଂଟା ପରେ ପାକିସ୍ଥାନ ପଟୁ ଯେଭଳି କିଛି ସମୟ ପାଇଁ ଗୁଳିମାଡ ହୋଇଥିଲା, ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। କହିବା ବାହୁଲ୍ୟ ଯେ, ଦୁଇଦେଶ ମଧ୍ୟରେ ୭୦ଦଶକରେ ଅସ୍ତ୍ରବିରତି ରାଜିନାମା ପରଠାରୁ ପାକିସ୍ଥାନ ପ୍ରତିବର୍ଷ ଶହଶହ ଥର ଏହାକୁ ଲଂଘନ କରିଥିବା ବହୁ ଉଦାହରଣ ରହିଛି। କିନ୍ତୁ ଏବେ ପାକିସ୍ଥାନ ଆଉ ଅସ୍ତ୍ରବିରତି ଉଲଂଘନ ନେଇ ସେପରି ଦୁଃସାହସ କରିନପାରେ। ଗଲା ମାସ ୨୨ତାରିଖରେ ପହଲଗାମରେ ୨୬ଜଣ ହିନ୍ଦୁ ପର୍ଯ୍ୟଟକଙ୍କୁ ଆତଙ୍କବାଦୀଙ୍କ ହତ୍ୟା ଘଟଣାରେ ପ୍ରତିଶୋଧପୂର୍ବ ଭାରତ ଗ୍ରହଣ କରିଥିବା ସାମରିକ କାର୍ଯ୍ୟକାନୁଷ୍ଠାନରେ ପାକିସ୍ଥାନର ମେରୁଦଣ୍ଡ ଭାଙ୍ଗି ଯାଇଥିବା କହିଲେ ହୁଏତ ଅତିରଂଜିତ ହୋଇନପାରେ। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ଥାନର ୧୦ଟି ବାୟୁସେନା ଘାଟି ସହ ଆତଙ୍କବାଦୀଙ୍କ ୯ଟି ଆଡ୍ଡା ତଥା ତାଲିମ ସ୍ଥାନ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। କେବଳ ଏତିକି ନୁହେଁ ପାକିସ୍ଥାନର ୪୦ଜଣ ଯବାନ ନିହତ ହୋଇଛନ୍ତି, ଯାହାକି ଅସ୍ତ୍ରବିରତି ପାଇଁ ପଡୋଶୀ ରାଷ୍ଟ୍ରକୁ ବାଧ କରିଥିଲା। ଏଥିଲାଗି ପାକିସ୍ଥାନ ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ଶରଣାପନ୍ନ ହୋଇଥିଲା। ତେବେ ଭାରତ ଅସ୍ତ୍ରବିରତି ପାଇଁ ସହମତି ହେବା ସହ ଯେଉଁ ସ୍ପଷ୍ଟ ବାର୍ତ୍ତା ଦେଇଛି, ସେଥିରେ ପାକିସ୍ଥାନ ଆଉ ଯୁଦ୍ଧବିରତି ଉଲଂଘନ କରିବାକୁ ସାହାସ କରିବ ନାହିଁ। ଭାରତ ସ୍ପଷ୍ଟ ଭାବେ କହିଛି ଯେ, ପାକିସ୍ଥାନ ଯଦି ଅସ୍ତ୍ରବରିତି ଉଂଲଘନ କରି ଗୁଳି ବର୍ଷଣ କରେ, ତେବେ କଠୋର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏଥିସହ ଏଣିକି ଭାରତ ପ୍ରତି ଆତଙ୍କବାଦୀ ଆକ୍ରମଣକୁ ଯୁଦ୍ଧ ବୋଲି ଘୋଷଣା କରିବା ସହ ଏହାକୁ ଏକ ନୂତନ ଧାରା ବୋଲି ଘୋଷଣା କରିଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୬ରେ ଉରି ସାମରିକ ଘାଟି ଆତଙ୍କବାଦୀଙ୍କ ହମଲା ଘଟଣାରେ ପାକିସ୍ଥାନ ବିରୁଦ୍ଧରେ ସର୍ଜିକାଲ ଷ୍ଟାଇକ୍ ଆରମ୍ଭ କରି ଆତଙ୍କବାଦିଙ୍କ ଆଡ୍ଡାସ୍ଥଳୀ ଧ୍ୱଂସ କରିଦେଇଥିଲା। ସେହିପରି ୨୦୧୯ରେ ଫୁଲଓ୍ୱାମା ଆକ୍ରମଣ ଘଟଣାରେ ପାକିସ୍ଥାନର ବାଲାକୋଟରେ ସର୍ଜିକାଲ ଷ୍ଟ୍ରାଇକ କରିଥିଲା। ଭାରତର ଏହି କାର୍ଯ୍ୟନୁଷ୍ଠାରେ ସାରା ବିଶ୍ୱ ସ୍ତମ୍ଭିଭୂତ ଯାହାକୁ ଏବେ ନୂତନ ଧାରା ଭାବେ ନୂଆଦିଲ୍ଲୀ ବର୍ଣ୍ଣନା କରିଛି। ପହଲଗାମ୍ ଆତଙ୍କୀଙ୍କ ନରସଂହାର ପରେ ଭାରତୀୟ ସେନା ଲାହୋରଠାରୁ ସାରଗୋଧା, ଚକଓ୍ୱାଲାଠାରୁ ଜାକୋବବାଦ, ପିଓକେ ଠାରୁ ପଞ୍ଜାମ ପ୍ରେଭିନସ୍ ପର୍ଯ୍ୟନ୍ତ ୯ଟି ଆତଙ୍କବାଦୀଙ୍କ ଶିବିର ଏବଂ ୧୦ଟି ବାୟୁସେନା ଘାଟି ଉପରେ ଆକ୍ରମଣ କରି ଧ୍ୱଂସ କରିଦେବା ସହ ନିଜର ସାମରିକ ସାମର୍ଥ୍ୟ ପ୍ରଦର୍ଶନ କରିପାରିଛି। ଭାରତର ଆକ୍ରମଣରେ ଅପେରସନ ସିନ୍ଦୂର ସାମରିକ କାର୍ଯ୍ୟାନୁଷ୍ଠାନରେ ୧୦୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। କହିବା ବାହୁଲ୍ୟ ଯେ, ଆତଙ୍କବାଦୀ ୨୬ଜଣ ହିନ୍ଦୁ ମହିଳାଙ୍କ ମଥାରୁ ସିନ୍ଦୂର ପୋଛି ଉଡାଇ ଦେଇଛି। ଏଥିରୁ ଆତଙ୍କବାଦ ବିରୁଦ୍ଧରେ ଭାରତର କାର୍ଯ୍ୟାନୁଷ୍ଠାନ କେତେ ଭୟଙ୍କର ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ଏହା ହିଁ ଆତଙ୍କବାଦ ବିରୁଦ୍ଧରେ ଭାରତର 'ନୂଆ ଧାରା'। ଆହୁରି ମଧ୍ୟ ଆତଙ୍କବାଦ ବିରୁଦ୍ଧରେ ଭାରତର ନୂଆଧାରା ଲଢେଇ ପ୍ରତି ବିଶ୍ୱବ୍ୟାପୀ ଯେଉଁ ସମର୍ଥନ ମିଳିଛି, ତାହା ଅଦ୍‌ଭୂତ ପୂର୍ବ। ଭାରତର ଏଭଳି କାର୍ଯ୍ୟାନୁଷ୍ଠାନ ଭବିଷ୍ୟତରେ ବିଶ୍ୱର ଯେକୌଣସି କୋଣରେ ଆତଙ୍କବାଦୀ ଆକ୍ରମଣ ବିରୁଦ୍ଧରେ ପଥ ପ୍ରଦର୍ଶକ ବା ମଡେଲ ହେବ, ଏଥିରେ ସନ୍ଦେହ ନାହିଁ, ସେହିପରି ଆତଙ୍କବାଦୀ ହମଲା ଓ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନରେ ଦେଶବ୍ୟାପୀ ଯେଉଁଭଳି ଏକତା ପ୍ରକାଶ ପାଇଥିଲା, ତାହା ମଧ୍ୟ ଅଦଭୂତପୂର୍ବ। ବିରୋଧି ରାଜନୈତିକ ଦଳଗୁଡିକ ମଧ୍ୟ ସରକାରଙ୍କ ପଛରେ ଛିଡା ହୋଇଥିଲେ। ଯବାନଙ୍କ ମନୋବଳ ବୃଦ୍ଧି ପାଇଁ ଦେଶବ୍ୟାପୀ ଜାତି, ଧର୍ମ, ଦଳ ନିର୍ବିଶେଷରେ ତ୍ରିରଙ୍ଗା ଶୋଭାଯାତ୍ରା ଅଦଭୂତ୍ ଦେଶପ୍ରେମ ଭାବନାର ପ୍ରତୀକ ଥିଲା। ଏହି ଏକତା ହିଁ ହେଉଛି ଭାରତର ବଳ, ଶାନ୍ତି। ସମସ୍ତ ରାଜନୈତିକ ଦଳ ଏବଂ ସୋସାଇଟ୍ ଏହାକୁ ବଜାୟ ରଖିବା ଉଚିତ୍। ଏଥିସହ ପହଲଗାମ୍ ଆତଙ୍କି ହମଲା ପରେ ପାକିସ୍ଥାନକୁ ସରକାର ଯେଉଁ କଠୋର ସନ୍ଦେଶ ଦେଇଛନ୍ତି, ତାହା ମଧ୍ୟ ସର୍ବେତଭାବେ ସ୍ୱାଗତଯୋଗ୍ୟ। ଭାରତ ସରକାର ପାକ୍ ଅଧିକୃତ କାଶ୍ମୀର (ପିଓକେ) ଏବଂ ଆତଙ୍କବାଦୀଙ୍କୁ ହସ୍ତାନ୍ତର ବ୍ୟତୀତ ଅନ୍ୟ କୌଣସି ପ୍ରସଙ୍ଗ ଉପରେ ପାକିସ୍ଥାନ ଉପରେ ଆଲୋଚନା କରିବେ ବୋଲି ଦୃଢ ଓ ବଜ୍ର କଣ୍ଠରେ ଘୋଷଣା କରିବା ଦେଶର ଆଭିମୁଖ୍ୟକୁ କେବଳ ସ୍ପଷ୍ଟ କରିନାହିଁ, ପଡୋଶୀ ରାଷ୍ଟ୍ର ପାଇଁ ଏକ କଡା ସନ୍ଦେଶ ସଦୃଶ ହୋଇଛି। ଏହା ନିସନ୍ଦେହ ଯେ, ଅସ୍ତ୍ରବିରତି ପତି ସହମତି ପ୍ରକାଶ କରି ଭାରତ ବିଶ୍ୱକୁ ଶାନ୍ତି'ର ବାର୍ତ୍ତା ଦେଇଛି।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋ: ୭୯୭୮୬୬୬୪୦୩

# ଜ୍ଞାନର ଗଭୀରତା ସମସ୍ତଙ୍କର ସମାନ ନୁହଁ

ଅଜୟ କୁମାର ବେହେରା

ବର୍ତ୍ତମାନ ସମୟରେ ପରୀକ୍ଷା ସାକ୍ଷାତକାରରେ ପାର୍ଥୀ ଚୟନ ହେଉଛନ୍ତି ପୁଣି କିଛି ତଳହାତିଆ ସୁପାରିଶରେ କେହିବା ପଦ ଅଧିକାରୀ ହେଉଛନ୍ତି। ଏକ ବିଶେଷ ଦାୟିତ୍ୱ ସମ୍ପନ୍ନ ପଦରେ ଜାଲିଆତି ବିଦ୍ୟାଧର ଯଦି ଅଧିକାରୀ ହୁଅନ୍ତି ତେବେ ସେ କେମିତି ଲୋକଙ୍କର ଉପକାର କରିବେ ସଂସାରର ସେ କେମିତି ଉତ୍ତମ ସେବା କରିବେ ସଂସାରର ଗତି କେମିତି ଭଲ ଦିଗକୁ ମାଡ଼ିବ ?

ପୂର୍ବେ ବି ପରୀକ୍ଷା ନଥିଲା ଏମିତି ନୁହଁ, ଜଙ୍ଗଲରେ ଗୁରୁ ଆଶ୍ରମରେ ରାଜପୁତ୍ର ମାନେ ବି ପାଠ ପଢୁଥିଲେ। ଜନପଦରେ ଯେଉଁ ଖାଦ୍ୟପେୟ ପୋଷାକ ପରିଚ୍ଛଦ ବିଳାସ ବ୍ୟସନ ଭୋଗ୍ୟ ବ୍ୟବସ୍ଥା ମିଳେ ଓ ଜଣଙ୍କ କର୍ମ ଆଉ ଜଣେ କରି ଦିଅନ୍ତି ସେ କର୍ମ ବା ବ୍ୟବହାରାଦି ଗୁରୁ ଆଶ୍ରମରେ ମିଳିନଥାଏ। ଖାଇ ପିଇ ବଞ୍ଚିବା ସହିତ ନିଜର ନିତ୍ୟକର୍ମରେ ଯାହା କରାଯିବ କଥା ତାହା କରିବାକୁ ପଡ଼ିଥାଏ। ଅନ୍ନ ପୁଣି ସାର୍ବଜନୀନ ଅନ୍ନ। ଅନ୍ନ ପାଇଁ ଜଙ୍ଗଲ ଜମିରୁ ବଗିଚା କାମ କରି ଫଳମୂଳ ଶସ୍ୟ ଉତ୍ପାଦନରେ ପ୍ରତ୍ୟକ୍ଷଭାଗ ଆଶ୍ରମର ଅନ୍ତେବାସୀମାନେ କରୁଥିଲେ। ଜାଳେଣୀ ସଂଗ୍ରହ ଜଙ୍ଗଲରୁ କରିବାକୁ ପଡୁଥିଲା ଶିକ୍ଷାରେ ପ୍ରବୀଣ ଗୁରୁମାନେ ପିଲାଙ୍କୁ ଏକ ଗାର୍ହସ୍ଥ ଜୀବନ ପାଇଁ ରାଜପୁତ୍ର ମାନଙ୍କୁ ପ୍ରଜା ଶାସନ ପାଇଁ ସମସ୍ତ ପ୍ରକାର ମୌଳିକ ଜ୍ଞାନ ଶିକ୍ଷା ଦେଇ ଧୂରୀଣ କରାଉଥିଲେ। ସାଥି ଭାଇ ମାନଙ୍କ ସମ୍ପକ ସମାନ ଅଧିକାର ରାଜପୁତ୍ରମାନେ ରହି ଶିକ୍ଷା କରୁଥିଲେ।

ଏଇ ଋଷିମାନେ ଏପରି ଅନ୍ୟ ଋଷି ମାନଙ୍କର ଜୁନିଅରକୁ ବୟସ ଓ ସ୍ୱ ସାଧନାରେ ସିନିଅର ହେଉଥିଲେ। ସିନିଅରମାନେ ବର୍ଷିୟାନ ହେଲେ ତତ୍କାଳ ତାଙ୍କ ପାଖରୁ ଜଟିଳ ସମସ୍ୟାର ସମାଧାନ ଜ୍ଞାନ ଆହରଣ ପାଇଁ ଅନେକ ଆସୁଥିଲେ ଫଳରେ ଜ୍ଞାନ ପିପାସୁମାନେ ତାଙ୍କୁ ଏକ ସମ୍ମାନୀୟ ପଦବୀ ଭୂଷଣ କରୁଥିଲେ ଯାହାର ଛାୟା ଏବେ ଆମ ସମାଜରେ ପରିଲକ୍ଷିତ ହେଉଛି। ଶିକ୍ଷକ ଅଧ୍ୟାପକ ପ୍ରଫେସର ପରି ସ୍ତର ଏବେ ବୁଝା ପଡୁଛି ପୂର୍ବେ ଏପରି ଥିଲା ସାତ ପ୍ରକାର ଋଷି, ବ୍ରହ୍ମର୍ଷି, ଚଦର୍ଷି, ରାଜର୍ଷି, ମହର୍ଷି ପରମର୍ଷି, କାଣ୍ଡର୍ଷି, ଶ୍ରୁତର୍ଷି। ବଶିଷ୍ଠ ଥିଲେ ବ୍ରହ୍ମର୍ଷି, ଶକ୍ତିଶାଳୀ ବ୍ରହ୍ମବିଦ୍ୟାରେ ଜ୍ଞାନୀ, ଖୋଦ ବ୍ରାହ୍ମଣକୂଳରେ ଜନ୍ମ। ତାଙ୍କର ଅନେକ ସନ୍ତାନ ହୋଇ ରାଜଶକ୍ତି ଦ୍ୱାରା ମୃତ, ବହୁ ବିବ୍ରତରୁ ଆତ୍ମହତ୍ୟା ପାଇଁ ଚେଷ୍ଟା ପୁତ୍ରଶକ୍ତି ବି ମୃତ, ସେ ଚଣ୍ଡାଳ କଥାର ପାଣିଗ୍ରହଣ କରିବା ଦ୍ୱାରା ବଶିଷ୍ଠଙ୍କ ମର୍ମ ବେଦନା ଆଦି ତାଙ୍କର ଥିଲା ହେଲେ ସେ ବିଖ୍ୟାତ ଥିଲେ ଏବେ ବି ନିତ୍ୟ ସ୍ମରଣୀୟ। ବହ୍ମର୍ଷି ହେବାକୁ ହେଲେ କି ଧୈର୍ଯ୍ୟ ଆବଶ୍ୟକ କି ତ୍ୟାଗ ଆବଶ୍ୟକ କି ପ୍ରକାର ଆତ୍ମଜ୍ଞାନ ଆବଶ୍ୟକ ଏପରି ଜ୍ଞାନ ଅନୁଭୂତି ଅଙ୍ଗେ ଲିଭାଇବାର ସେ ଥିଲେ ପରମ ଏକକ।

ବ୍ରହ୍ମଜ୍ଞାନୀମାନେ ସୃଷ୍ଟିର ରକ୍ଷାର ସମସ୍ତ ସାର୍ବଜନୀନ ସତ୍ୟ ଉପସ୍ଥାପିତ କରିବା ଦ୍ୱାରା ରାଜକୋଷରେ ପଡ଼ିଥାନ୍ତି। ସୌଦାସ ଶବ୍ଦ ହେଉଛି ଶହେଦାସର ମାଲିକ, ଯେ କୌଣସି ରାଜପଦରେ ଥିବା ଲୋକଙ୍କର ଅନେକ ପାତ୍ରମନ୍ତ୍ରୀ ସେନାପତି, କଟୁଆଳ ଅଙ୍ଗ ଲାଗି ସେବକ ନିଶ୍ଚେ ରହିବେ, ଏଇତ ସୌଦାସ। ଏମିତି ଜଣେ ତତ୍କାଳ ରାଜ ବଶିଷ୍ଠଙ୍କର ଆନୁଗତ୍ୟ ବା ପୁତ୍ର ମାନଙ୍କୁ ନିଶ୍ଚିନ୍ନ କରିଦେଇଥିଲେ। କାରଣ କେବଳ ରାଜ କରିବାର ଯେଉଁ ଉପାୟ ରାଜା ଆପଣେଇଛନ୍ତି ଭୟ ସଞ୍ଚାଳକ କରି ଦଣ୍ଡ ଦିଆଇ ବାଇ ପିପୁଲ ଦ୍ୱାରା ଠେଙ୍ଗୁଣି ଲଗାଇ ଅସ୍ତ୍ର ଦେଖାଇ ଶାସନ କରି ନିଜେ ବଞ୍ଚିବେ ଓ ତାଙ୍କର କୃତ୍ତି ସନ୍ତାନ ମାନଙ୍କୁ ପର୍ଯ୍ୟାୟକ୍ରମେ ରାଜଗାଦିରେ ବସାଇ ଶାସନ କରିଯିବେ। ଏସବୁ ବ୍ରହ୍ମଜ୍ଞାନ ପ୍ରଚାର ଦ୍ୱାରା ଲୋକ ସଚେତନ କରାଇବ ଯହିଁ ରାଜପଦ ଚାଲିଯାଇପାରେ। ଏପରି ଆତଙ୍କିତ ଭାବ ହିଁ ଜଡ଼ନାଶ ପାଇଁ ଚେଷ୍ଟାରେ ବଶିଷ୍ଠ ପତ୍ନି ମାନଙ୍କୁ ରାଜ ଆକ୍ରମଣରେ ଅବସାନ ଭୋଗିବାକୁ ପଡ଼ିଥିଲା।

ଏପରି ଯେତେ ପ୍ରକାର ଋଷି ଅଛନ୍ତି ସମସ୍ତେ ବ୍ରହ୍ମକର୍ମରେ ସହାୟକ ବିଦ୍ୟାର ପ୍ରଚାରକ। ରାଜାରଷିର ମିଶ୍ରଣ ରାଜର୍ଷି ପ୍ରାମାଣିକ ରାଜର୍ଷିରେ ଆସନ୍ତି ଖୋଦ ବିଶ୍ୱାମିତ୍ର, ବିଶ୍ୱାମିତ୍ର ବାଖ୍ୟା ହେଉଛି ବିଶ୍ୱର ମିତ୍ର ନୁହଁନ୍ତି ବିଶ୍ୱର ଅମିତ୍ର। ବିଶ୍ୱର ଧର୍ମ କ'ଣ ଲୋକେ ମଲେ ବଞ୍ଚିଲେ ଆତ୍ମା ପୁଣ୍ୟ ବଳରେ ସ୍ୱର୍ଗକୁ ଯାଇପାରନ୍ତି। ପାପାଦି କର୍ମରୁ ନର୍କକୁ ଯାଇ ପାରନ୍ତି। ଏକ କଳ୍ପନାରେ ଅଛି ଅଜର ଆମର ସ୍ଥଳ, ସ୍ୱର୍ଗ ଏଇ ସ୍ଥାନକୁ ଯିବାକୁ ଅନେକ ରାଜାଙ୍କର ଇଛା, ଏଥିରେ ତ୍ରିଶଙ୍କୁ ଜଣେ ଥିଲେ ସେ ସ୍ୱଦେହରେ ସ୍ୱର୍ଗ ଯିବା ବାସନା ଚିନ୍ତନ ହୋଇ ଅନେକ ସାଧକ ଜ୍ଞାନୀଙ୍କର ଦ୍ୱାରସ୍ଥ ହୋଇଛନ୍ତି ଏପରିକି ବ୍ରହ୍ମଜ୍ଞାନୀ ବଶିଷ୍ଠଙ୍କ ପାଖରୁ ନିରାଶ ଶେଷରେ ବ୍ରହ୍ମର୍ଷି ସାଧନାରେ ଉପଯୁକ୍ତ ପ୍ରଣାଳୀ ଅବଲମ୍ବନ କରିନଥିବା ପୁଣି ବାରମ୍ବାର ଚେଷ୍ଟା କରୁଥିବା ବିଶ୍ୱାମିତ୍ରଙ୍କ ପାଖରେ ଶରଣାଗତ ହୋଇ ଏପରି ତପ ଶକ୍ତିରେ ସ୍ୱର୍ଗକୁ ଯିବାକୁ ଉପାୟ ଚାହିଁଲେ। ଯେଉଁ କଥା ବଶିଷ୍ଠ ପାରିନାହିଁ ସେ କରି ଦେଖାଇଲେ ଯେ ସେ ଜଣେ କରିତକର୍ମା। ଏହା ସଂସାର ଜାଣିବ, ଏ ପାଇଁ ତାଙ୍କର ଅର୍ଜିତ ସିଦ୍ଧିରେ ସେ ତ୍ରିଶଙ୍କୁଙ୍କୁ ସ୍ୱର୍ଗ ପଥରେ ଉପରକୁ ପଠାଇଲେ କିନ୍ତୁ କଣ ହେଲା ସ୍ୱର୍ଗରେ ନର ଦେହଧାରୀ ଜଣେ ପହଞ୍ଚିଲେ ଦେବତା ପନ୍ଥା ଗଣ୍ଡଗୋଳ ହେବ। ଦେବ ଗୋଷ୍ଠୀରେ ହୈଚୈ ଶେଷରେ ସ୍ୱର୍ଗର ସମ୍ବିଧାନ ତାଙ୍କୁ ସ୍ୱର୍ଗରେ ରଖାଇ ଦେଲା ନାହିଁ ସେ ପୁନଃ ତଳକୁ ଖସିଲେ, ସେ ବିଶ୍ୱାମିତ୍ରଙ୍କୁ ଆତଙ୍କରେ ଡାକିଲେ ବିଶ୍ୱାମିତ୍ର ଉଚ୍ଚାରଣ କଲେ ତମେ ଯେଉଁ ସ୍ଥାନରେ ସେଠାରେ ହିଁ ତିଷ୍ଠ। କୁହାଯାଏ ତ୍ରିଶଙ୍କୁ ଅଧାସ୍ୱର୍ଗରେ ରହିଛନ୍ତି। ଉଚିତ ଜ୍ଞାନ ସିଦ୍ଧି ନ କରିଲେ ନିଜର ମଙ୍ଗଳ ହୁଏନାହିଁ ଯାହାକୁ ସେ ବିଦ୍ୟା ବତାଇଲେ ତାହାଙ୍କର ବି ଉଚିତ ଉପକାର ହୁଏନାହିଁ। ବଡ଼ ଡିଗ୍ରୀଧାରୀ ବଡ଼ ପଦବୀ ଧାରିକୁ ଶେଷ କରିଦେଲେ ତା ପଛର ଗୋଷ୍ଠୀ ଅକ୍ଲେଶରେ ସ୍ଥାନ ଅଧିକାରୀ ପାଇଁ ସର୍ବଦା ସ୍ୱପ୍ନ ଦେଖିଥାନ୍ତି। ଏ ପାଇଁ ରାଜପଦ ଇଚ୍ଛୁକ ରାଜପଦରେ ଥିବା ବ୍ୟକ୍ତିର ମୃତ୍ୟୁ କାମନା ସର୍ବଦା କରୁଥାନ୍ତି। ଏମିତି ବ୍ରହ୍ମର୍ଷି ବଶିଷ୍ଠଙ୍କର ଅନ୍ତକାମନା ରାଜର୍ଷି ବିଶ୍ୱାମିତ୍ର କାମନା କରୁଥିଲେ।

ରାଜର୍ଷି ଅର୍ଥ ରାଜା ଓ ଋଷିଙ୍କ ମିଳନରେ ଥିବା ରାଜା। ରାଜପଦରେ ରହିଲେ ସମସ୍ତଙ୍କ ବୃତ୍ତି, ପେଷା ଜମିଜମା ଏହାରି ଉପରେ କର ଧାର୍ଯ୍ୟ କରି କର ଅର୍ଥରେ ରାଜ ପରିବେଶ ଚଳାଇବା ସହିତ ପ୍ରଜାଙ୍କର ଉନ୍ନତି କଳ୍ପେ କିଛି କାର୍ଯ୍ୟ କରିବ। କିନ୍ତୁ ପ୍ରଜାଙ୍କର କର ପ୍ରଦାନ ବାଦ ପ୍ରଜାଙ୍କର ଏକ ଦାନ ଦେବା କ୍ଷମତା ନିଶ୍ଚେ ରହିବ ଏହାକୁ ମୂଳମନ୍ତ୍ର କରି ରାଜା ପ୍ରଜାଙ୍କୁ ସଭା ସମିତିରେ ଏକାଠି କରି କେଉଁଠି ପୁଷ୍କରିଣୀ ଖୋଳାଯିବ, କେଉଁଠି କୂପ ଖୋଳା ଯିବ, କେଉଁଠି ଶିକ୍ଷାୟିତନ କରାଯିବ, କେଉଁଠି ରାସ୍ତା କରାଯିବ, କେଉଁଠି ଚିକିତ୍ସାଳୟ କରାଯିବ ଏସବୁର ଉପକାର ଦିଗକୁ ବଖାଣି, ଲୋକଙ୍କର ଶାରୀରିକ ଶ୍ରମ ଦାନ ଆକାରରେ ପ୍ରାପ୍ତ ଅର୍ଥରେ କାର୍ଯ୍ୟ ନିର୍ବାହ କରି ଜନମଙ୍ଗଳ କରିପାରନ୍ତି। ଧନୀଙ୍କ ଠାରୁ ଏପରି ଦାନ ସୂତ୍ରରେ ଅର୍ଥ ନେଇ ଗରିବ ନିମ୍ନ ମାନଙ୍କୁ ଥାଇଥାନ ଏଇ ରାଜର୍ଷିମାନେ କରିଥାନ୍ତି।

ଏ ପ୍ରଥା ଏବେ ବି ଭିନ୍ନ ରୂପରେ ଚାଲୁଛି, ସରକାର ସବସିଡ଼ି ଦେଉଛନ୍ତି ଅର୍ଥ ଏ ସରକାରଙ୍କର ରାଜର୍ଷି ଭାବ। ଜମିଦାର ପ୍ରଶାସନରେ ଲୋକେ ତାଙ୍କ ଘର ପାଖରେ ପୋଖରୀ କୂପ ଖୋଳାରେ ଦେହ ମିହନ୍ତ କରୁଥିଲେ ସରକାର କିଛି ଅର୍ଥ ସହାୟକ ହେଉଥିଲେ ବା କୌଣସି ଧନୀ ବ୍ୟକ୍ତିକୁ ଜଳ ଦାନ ପାଇଁ ଧର୍ମବାଣୀ ଶୁଣାଇଁ କାର୍ଯ୍ୟ ସାଧନ କରାଉଥିଲେ। ସବୁ ଧର୍ମରେ ଏମିତି ମୂଳମନ୍ତ୍ର ଧାରୀ ଅନେକ ପ୍ରକାରର ଅଛନ୍ତି। ହେଲେ ଧର୍ମଗୁରୁ ଯଦି ଶାସକ ହୋଇଯାନ୍ତି ତେବେ ଅଶାନ୍ତି ବ୍ୟାପିବାରେ ଲାଗିଥାଏ। ଯେମିତି ରାଜା ବଣିକ ହେଲେ ପ୍ରଜାଙ୍କର ଅମଙ୍ଗଳ ହିଁ ଅମଙ୍ଗଳ। ତେବେ ଦେଖ ପ୍ରଜାଙ୍କର ସୁବିଧା ପାଇଁ ଯାନ ବ୍ୟବସ୍ଥା ସରକାର କରୁଛନ୍ତି ହେଲେ ଭଡା ନିର୍ଦ୍ଧାରଣ ସେହି ସରକାର କରୁଥିବାରୁ ଲୋକେ ଅନେକ ପ୍ରକାର କଷ୍ଟରେ ବି ପଡୁଛନ୍ତି। ବ୍ରିଟିଶମାନେ ବଣିକ ବୃତ୍ତିକୁ ଶାସନକୁ ଆସିଥିଲେ, ଶାସକ ଲୋଭରେ କେବେ ବଣିକ ବୃତ୍ତି ନକରି ବଣିକମାନଙ୍କୁ ଶାସନର ଅଙ୍କୁଶରେ ରଖିଲେ ସଦା ମଙ୍ଗଳ ହୋଇପାରନ୍ତା। ପୋଷାକରୁ ଏବେ ଜ୍ଞାନୀ ଚିହ୍ନି ହେଉନାହିଁକି ଜ୍ଞାନୀଙ୍କ ପରୀକ୍ଷା ସଠିକ ସ୍ତରରେ କରାଯାଉନାହିଁ। ଅନେକ ପାଠପଢ଼ି ଜ୍ଞାନୀ ହୋଇ ବେକାର।

+ବରେଣ୍ୟ ବାଣୀ' ପିସି
ସରକାର ଲେନ୍, ଅରୁଣୋଦୟ
ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩

# ଚେତନା - 'ପ୍ରସନ୍ନତା, ଆନନ୍ଦ, ଭଗବତ୍ ପ୍ରାପ୍ତି ଓ ଭଗବାନ'

ଅମୂଲ୍ୟ କୁମାର ପଣ୍ଡା

ଏ ସୃଷ୍ଟିରେ ଭଗବାନ କେବଳ ସାକାର ରୂପ ଧାରଣ କରନ୍ତି ନାହିଁ, ସେ ଅବତାର ନେଇ ମଧ୍ୟ ଏ ସଂସାରରେ ଆବିର୍ଭୂତ ହୁଅନ୍ତି । ଆମେ ସବୁ ଜୀବ ଅନାଦି କାଳରୁ ଏହି ସଂସାରରେ ଜନ୍ମ ଗ୍ରହଣ କରୁଅଛେ, ତେଣୁ ସମ୍ଭବତଃ ଭଗବାନଙ୍କ ପୂର୍ବ ଅବତାର କାଳରେ ଆମ୍ଭେମାନେ ମଧ୍ୟ ମାନବ ଶରୀରରେ ଏହି ପୃଥିବୀରେ ଥିବା ଏବଂ ଭଗବାନଙ୍କୁ ଦେଖିଥିବା । କିନ୍ତୁ ଭଗବାନଙ୍କର ରୂପ ଦିବ୍ୟ ଥିଲା, ଅଥଚ ଆମର ଆଖି ମାୟିକ ଥିଲା । ତେଣୁ ମାୟିକ ଆଖିରେ ତାଙ୍କୁ ଦେଖି ଆମେ ହୁଏତ ତାଙ୍କର ଦିବ୍ୟ ବ୍ୟକ୍ତିତ୍ୱକୁ ଚିହ୍ନି ପାରି ନ ଥିବା । ଭଗବାନଙ୍କର ଦିବ୍ୟ ସ୍ୱରୂପ ଏପରି ଯେ ବ୍ୟକ୍ତି ତା'ର ଆଧାତ୍ମିକ ସ୍ତର ଅନୁସାରେ ହିଁ ତାଙ୍କ ସ୍ୱରୂପର ଦିବ୍ୟତାକୁ ଅନୁଭବ କରିଥାଏ । ଭଗବାନ ଶ୍ରୀକୃଷ୍ଣ ଙ୍କୁ ନେଇ ଆମେ ଆଲୋଚନା ଟିକେ କରିବା। ସତ୍ତ୍ୱ ଗୁଣୀ ବ୍ୟକ୍ତିମାନେ ଭଗବାନ ଶ୍ରୀକୃଷ୍ଣଙ୍କୁ ଦେଖି ଭାବନ୍ତି- "ଶ୍ରୀକୃଷ୍ଣ ଜଣେ ଅସାଧାରଣ ବ୍ୟକ୍ତି ଆଉ ସେ ବହୁତ ସମର୍ଥ ଅଟନ୍ତି, କିନ୍ତୁ ସେ ଭଗବାନ ନୁହନ୍ତି ।" ରଜଗୁଣୀ ବ୍ୟକ୍ତିମାନେ ଭଗବାନ ଶ୍ରୀକୃଷ୍ଣଙ୍କୁ ଦେଖି ଭାବନ୍ତି - "ତାଙ୍କଠାରେ ସେପରି କିଛି ବିଶେଷତ୍ୱ ନାହିଁ, ସେ ପୂରାପୁରି ଆମ ପରି ଅଟନ୍ତି ।" ତମଗୁଣ ପ୍ରଧାନ ବ୍ୟକ୍ତିମାନେ ତାଙ୍କୁ ଦେଖି ଚିନ୍ତା କରନ୍ତି, "ସେ ଜଣେ ଅହଂକାରୀ ରାଜା , ନାରୀ ଆସକ୍ତି ବ୍ୟକ୍ତି , ଆମଠାରୁ ମଧ୍ୟ ଖରାପ ଶ୍ରେଣୀର ବ୍ୟକ୍ତି ଅଟନ୍ତି ।" କେବଳ ଭଗବତ୍ ପ୍ରାପ୍ତ ମହାପୁରୁଷ ମାନେ ଭଗବାନଙ୍କ କୃପାରୁ ଦିବ୍ୟଦୃଷ୍ଟି ପ୍ରାପ୍ତ କରିଥିବା କାରଣରୁ, ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ଚିହ୍ନି ପାରନ୍ତି। ମାୟାବଦ୍ଧ ଅଜ୍ଞାନୀ ଜୀବମାନେ ଶ୍ରୀକୃଷ୍ଣଙ୍କୁ ଚିହ୍ନିପାରନ୍ତି ନାହିଁ ।

ତେବେ ଏଠି ପ୍ରଶ୍ନ ଉଠୁଛି ଯଦି ଭଗବତ ପ୍ରାପ୍ତ ମହାପୁରଷ ଭଗବାନଙ୍କ କୃପା ପାଇବ, ତେବେ ସାଧାରଣ ମଣିଷ ? ହଁ ସାଧାରଣ ମଣିଷଟିଏ ଯଦି ଉଚିତ୍ କର୍ମ ସହିତ ଭଗବାନଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖି ଆଧ୍ୟାତ୍ମିକ ମାର୍ଗରେ ଯାଇ ନିଜକୁ ସମ୍ପୂର୍ଣ୍ଣ ଭଗବାନଙ୍କ ପାଖରେ ସମର୍ପଣ କରି ଇଶ୍ୱର ଆସକ୍ତ ଓ ଆଶ୍ରିତ ହୁଏ ତେବେ ସେ ଭଗବାନଙ୍କ କୃପା ପାଇପାରିବ। ଭଗବାନ ତାଙ୍କ ସୃଷ୍ଟିର ତାଙ୍କ ନିଜ ଲୋକଙ୍କ ଉପରେ ସଦା ସର୍ବଦା ଅତ୍ୟନ୍ତ ଦୟାଭାବ ରହିଥାଏ । ଅତଏବ ପ୍ରଭୁଙ୍କ କୃପାରୁ ନିଜର କଲ୍ୟାଣ ନିଶ୍ଚିତ ହୋଇଥାଏ , ଏଥିରେ ତିଳେ ହେଲେ ଶଙ୍କା କରିବା ଉଚିତ ନୁହେଁ । ତେବେ ଭଗବାନଙ୍କୁ ଉପଲବ୍ଧ କରିବାକୁ ହେଲେ ପ୍ରତ୍ୟେକ ସମୟରେ ଭଗବତ୍ ସ୍ମରଣ ପୂର୍ବକ ଆନନ୍ଦରେ ନିବାସ କରିବାକୁ ହୋଇଥାଏ ଆଉ ଭଗବତ୍ ସ୍ମରଣରେ ମୁଗ୍ଧ ହୋଇଯିବା ଦରକାର ହୋଇଥାଏ । ପ୍ରସନ୍ନତା ଓ ଆନନ୍ଦ ତ ଭଗବାନଙ୍କର ସ୍ୱରୂପ ଅଟେ । ନିଜ ଇଷ୍ଟଦେବଙ୍କର ସ୍ମରଣ କର ଅଥବା ଭଗବାନଙ୍କର କୌଣସି ଏକ ସ୍ୱରୂପକୁ ଯେଭଳି ନାରାୟଣ, ରାମଚନ୍ଦ୍ର, ଶିବ, କୃଷ୍ଣ ତଥା ନିରାକାର ଆଦି । ଭଗବତ୍ ସ୍ମରଣରେ ଆନନ୍ଦ ହିଁ ଆନନ୍ଦ ରହିଛି, ଅନ୍ୟ କିଛି ନୁହେଁ । ଯଦି କିଏ କହନ୍ତି କି ଭଗବାନଙ୍କର ସ୍ମରଣରେ ଆନନ୍ଦ ମିଳୁନାହିଁ, ତେବେ ଏଥିରୁ ପ୍ରମାଣ ଯେ ସେ ଭଗବାନଙ୍କୁ ସମ୍ପୂର୍ଣ୍ଣ ସମର୍ପଣର ଓ ଆଧାତ୍ମିକ ମାର୍ଗରେ ଡାକି ନାହିଁ ଏବଂ ଆନନ୍ଦ ପ୍ରତୀତ ନ ହେବା ତ ନିଜର ମାନ୍ୟତା ଅଟେ । ଯଦି ସାଧକ କେବଳ ମାନିନେବେ କି, ଭଗବତ୍ ସ୍ମରଣରେ ଆନନ୍ଦ ରହିଛି, ତାକୁ ଆଗକୁ ଗଲେ ନିଶ୍ଚିତ ଆନନ୍ଦ ଉପଲବ୍ଧି ହେବ, ତେବେ ଏଥିରେ ଶଙ୍କାର ଆବଶ୍ୟକତା ନାହିଁ । ମାନି ନେବାରେ ହିଁ କଲ୍ୟାଣ ନିହିତ । ଯଦି କିଏ ' ଭଗବାନ ଦୟାସାଗର ଅଟନ୍ତି ଆଉ ଭଗବତ୍ ? ସ୍ମରଣରେ ଆନନ୍ଦ ଉପଲବ୍ଧି ହୁଏ' ଏତିକି ବୁଝିନିଏ ତେବେ ଦୟାମୟ ଭଗବାନ୍ ତାକୁ ନିଶ୍ଚିତ ଆନନ୍ଦ ଉପଲବ୍ଧି କରାଇଦେବେ । ତାଙ୍କର ଦୟାଳୁତା ଆମର ନିବେଦନ ଉପରେ ନିର୍ଭର କରେ । ଏହି ସାଧନରେ ରତ ରହିଲେ ନିଶ୍ଚୟ କଲ୍ୟାଣ ହେବ, କାହିଁକି ନାଁ ପ୍ରଭୁଙ୍କର ଦୟା ଅପାର, ସୀମାତୀତ । ଭଗବତ୍ ସ୍ୱରୂପ ସହିତ ତାଙ୍କ ଗୁଣ, ପ୍ରଭାବ, ରହସ୍ୟ, ତତ୍ତ୍ୱକଥାକୁ ମନେ ପକାଇଲେ, ତନ୍ମଧରେ ହିଁ ମୁଗ୍ଧ ରହିଲେ, ତାଙ୍କର ସ୍ୱରୂପ ସନ୍ଦର୍ଶନ କରି ବିଭୋର ହେଲେ ଓ ନିଜକୁ ସଦା ତାଙ୍କ ଆନନ୍ଦରେ ମଜ୍ଜାଇ ରଖିଲେ ଭଗବତ ଆନନ୍ଦ ସ୍ୱତଃ ପ୍ରାପ୍ତି ହୋଇଥାଏ।

ଭଗବାନ ସବୁବେଳେ ସମସ୍ତିଙ୍କ ଉପରେ ବହୁତ ଦୟାଶୀଳ । ଭଗବାନ ଯଦି ଆମକୁ ମନୁଷ୍ୟ ଜନ୍ମ ନ ଦେଇଥାନ୍ତେ, ତେବେ ଆମେ କଣ କରିପାରିଥାନ୍ତେ ? ତାଙ୍କ ଉପରେ ଆମର ବା କଣ ଜୋର ଅଛି ? ପାହାଡ ଅବା ତଦୁପରସ୍ଥ ବୃକ୍ଷ ରୂପରେ ଜନ୍ମ ଦେଇଥିଲେ ଆମେ କଣ କରିପାରିଥାନ୍ତେ, ଏଇଟା ତାଙ୍କର ଇଚ୍ଛା ଉପରେ ନିର୍ଭର କରେ । କିନ୍ତୁ ଏହା ଭଗବାନଙ୍କର ଅପାର ଦୟା ଯେ ସେ ଆମକୁ ମନୁଷ୍ୟ ଜନ୍ମ ଦେଇଛନ୍ତି, ତେବେ ତାଙ୍କରି ସ୍ମରଣରେ ମୁଗ୍ଧ ନହେବା କାହିଁକି ? ଆମର ଜନ୍ମ ଆର୍ଯ୍ୟାବର୍ତ୍ତରେ ହୋଇଛି, ଯାହା ଆଧାତ୍ମିକତାରେ ପରିପୂର୍ଣ୍ଣ ଭୂମି। ଅନ୍ୟ ସବୁ ଭୂମି ଭୋଗଭୂମି ଅଟେ । ଏହା କେବଳ ଆଧାତ୍ମଭୂମି, ଯେଉଁଠି ଆମର ଜନ୍ମ ହୋଇଛି । ଭଗବାନ ସମସ୍ତ ଭୂତ ସମୁଦାୟ ଉପରେ ଅହୈତୁକୀ ଦୟା କରିଥାନ୍ତି । ଭଗବାନଙ୍କ ଉପରେ ଭରସା ରଖିବା ଦରକାର। କେବଳ ତାଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରଖିଲେ ବି ଆମର ତାଙ୍କପ୍ରତି ଭଲପାଇବା ନ ରହିଲେ ମଧ୍ୟ ତାଙ୍କର ଆମ ପ୍ରତି ଭଲପାଇବା ନିଶ୍ଚିତ ରହିବ । ଆମେ ଭଗବାନଙ୍କୁ ପ୍ରେମ ପୂର୍ଣ୍ଣ ସ୍ତୁତି ନ କଲେ ମଧ୍ୟ ସେ ଆମର ସହାୟତା ନିଶ୍ଚିତ କରିବେ । ଏଣୁ ଏ ସବୁ ସମ୍ଭବ କେବଳ ଭଗବତ ପ୍ରାପ୍ତି ଉପରେ ହିଁ ନିର୍ଭର କରେ ।

+ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ନ୍ୟୁ ନର୍ମାଲ' ପାଇଁ ନୂଆ ସୀମା...

ପହଲଗାମ୍ ଆତଙ୍କୀ ଆକ୍ରମଣ ଏବଂ ଏହାର ଜବାବରେ ଭାରତ ପକ୍ଷରୁ ଅପରେସନ୍ ସିନ୍ଦୂର ଅନ୍ତର୍ଗତ ପାକିସ୍ତାନର ଆତଙ୍କବାଦୀ ଆଡ୍ଡାଗୁଡ଼ିକ ଉପରେ ସାମରିକ ଆକ୍ରମଣ ପରେ ଭାରତୀୟ ଅଧିକାରୀମାନେ ରବିବାର ଦିନ ଅନେକଗୁଡ଼ିଏ ତଥା ପୃଥକ୍ ପୃଥକ୍ ସାମ୍ବାଦିକ ସମ୍ମିଳନୀରେ ବାରମ୍ବାର 'ନ୍ୟୁ ନର୍ମାଲ' ଶବ୍ଦକୁ ବ୍ୟବହାର କରିଥିଲେ, ଯାହା ଏଣିକି ପାକିସ୍ତାନ ସହିତ ଭାରତ କିପରି କାରବାର କରିବ, ତାହା ପରିଭାଷିତ କରିବା ଉଦ୍ଦେଶ୍ୟରେ କରାଯାଇଥିଲା । ପାକିସ୍ତାନ ସହିତ ଶତ୍ରୁତାରେ ବିରାମ ଲାଗିବାର ଗୋଟିଏ ଦିନ ପରେ ଏହି ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଯାଇଥିଲା, ଯାହାର ଆରମ୍ଭ ହୋଇଥିଲା ପହଲଗାମ୍ ଆକ୍ରମଣରୁ । ଭାରତ ଏହି ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ପାକିସ୍ତାନର ନଅ ଗୋଟି ଆତଙ୍କୀ ଆଡ୍ଡା ଉପରେ ବିଧ୍ୱଂସକାରୀ ଆକ୍ରମଣ କରିଥିଲା, ଯାହା ପଲଟା ଜବାବ ଦେବାକୁ ଯାଇ ଆମ ଦେଶର ସାମରିକ ବାହିନୀ ଏବଂ ବେସାମରିକ ଭିତ୍ତିଭୂମିଗୁଡ଼ିକ ଉପରେ ଆକ୍ରମଣ କରିଥିଲା । ତା'ପରେ ଦୁଇ ଦେଶଙ୍କ ଭିତରେ ପୂର୍ଣ୍ଣାଙ୍ଗ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ମେ' ୧୦ ତାରିଖ ପ୍ରାତଃ କାଳରେ ଭାରତ ପାକିସ୍ତାନର ପ୍ରମୁଖ ଏୟାରବେସ୍‌ଗୁଡ଼ିକ ଉପରେ ଆକ୍ରମଣ କରି ଏସବୁର ପ୍ରଭୂତ କ୍ଷତି ଘଟାଇ ଥିଲା । ପାକିସ୍ତାନ ଏହାର ପ୍ରତିକ୍ରିୟା ପ୍ରକାଶ କରିବାର ଉଦ୍ୟମ କରିଥିଲା, କିନ୍ତୁ ଶତ୍ରୁତାର ଅବସାନ ମଧ୍ୟ ଚାହୁଁଥିଲା, ଯେଉଁଥିରେ ଭାରତ ରାଜି ହୋଇଥିଲା, ଯେତେବେଳେ କି ଯୁକ୍ତରାଷ୍ଟ୍ର ଆମେରିକା ଏଥରେ ମଧ୍ୟସ୍ଥିର ଭୂମିକା ନିର୍ବାହ କରିଥିବା ଦାବି କରିଥିଲା । ସେ ଯାହାହେଉ, ଦୁଇ ପଡ଼ୋଶୀ ଦେଶଙ୍କ ଭିତରେ ଯୁଦ୍ଧକାଳୀନ ପରିସ୍ଥିତିରେ ଅବସାନ ଘଟିବାକୁ ସମସ୍ତେ ଆନନ୍ଦ ମନରେ ଗ୍ରହଣ କରିବା ଉଚିତ । କାରଣ, ଏକ ଯୁଦ୍ଧ ଆରମ୍ଭ କରିବା ସହଜ ହୋଇଥିବା ସ୍ଥଳେ, ଏମିତିକି ନିରୀହ ପର୍ଯ୍ୟଟକମାନଙ୍କ ଉପରେ ଆତଙ୍କୀ ଆକ୍ରମଣ କରି ପାକିସ୍ତାନ ଏହାକୁ ଉସ୍କାଇବାର ସମସ୍ତ ଉଦ୍ୟମ କରିଥିଲା ବୋଲି କହିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ହୋଇଥିବା ସତ୍ତ୍ୱେ କୌଣସି ଯୁଦ୍ଧକୁ ବନ୍ଦ କରିବା କିନ୍ତୁ ଆଦୌ ସହଜ କାମ ନୁହେଁ । ଆଉ ବର୍ତ୍ତମାନ ଏହା ହୋଇଥବାର ଶ୍ରେୟ ଆମେରିକା, ସାଉଦି ଆରବ ଏବଂ ଉପସାଗରୀୟ ଅଞ୍ଚଳମାନଙ୍କୁ ଦିଆଯାଇପାରେ, ଯେଉଁମାନେ ମୂଳରୁ ଯୁଦ୍ଧକୁ ବନ୍ଦ କରିବା ନିମନ୍ତେ ଭାରତ ଏବଂ ପାକିସ୍ତାନ ପରସ୍ପର ସହିତ କଥାବାର୍ତ୍ତା ଏବଂ କୂଟନୀତିର ଆଶ୍ରୟ ନେବାକୁ ସ୍ମରଣ କରାଇ ଆସୁଥିଲେ । ଧର୍ମ ଭିତ୍ତିରେ ଚିହ୍ନଟ କରାଯାଇ ହତ୍ୟା କରାଯାଇଥିବା ବ୍ୟକ୍ତିମାନଙ୍କ ମୃତ୍ୟୁର ଭାରତ ପ୍ରତିଶୋଧ ନେବା ସଙ୍ଗେ ସଙ୍ଗେ ୨୦୦୧ରେ ସଂସଦ ଭବନ ଉପରେ ଏବଂ ୨୦୦୮ ରେ ୨୬/୧୧ ଆକ୍ରମଣର ପାକ- ପ୍ରାୟୋଜିତ ଆତଙ୍କବାଦର ପରିସମାପ୍ତି ନିମନ୍ତେ ଭାରତ ଚଳିତ ଥର ଯେ ସର୍ବାଧିକ କଠୋର ବାର୍ତ୍ତା ପ୍ରଦାନ କରିଛି, ଏଥିରେ ସନ୍ଦେହ ନାହିଁ । ଯେ କୌଣସି ଦାୟିତ୍ୱହୀନ ନେତାଙ୍କ ଦ୍ୱାରା ଆଣବିକ ଅସ୍ତ୍ରର ପ୍ରୟୋଗ କରାଯିବାର ଧମକ ଦିଆଯାଇପାରେ । ଏହାକୁ ଧରି ନିଆଯିବା ଉଚିତ ଯେ ଏଥର ପାକିସ୍ତାନର ଯେତିକି କ୍ଷୟକ୍ଷତି ଘଟିଛି, ତା'ର ଭରଣା କରିବା ସହିତ ଶତ୍ରୁତାର ଅବସାନ ନିମନ୍ତେ ଏକ ବଡ଼ ଶକ୍ତି ରୂପକ ଆଶୀର୍ବାଦ ଆବଶ୍ୟକ କରୁଥିଲା, ଠିକ୍ ସେମିତି କରି ଆସିଥିଲା ଐତିହାସିକ ଭାବରେ ୧୯୬୫ଠାରୁ କିମ୍ବା ୧୯୭୧ ଭଳି ଆତ୍ମସମର୍ପଣ କରିବା ପାଇଁ । ଏକଥା ପ୍ରାୟତଃ କୁହାଯାଇଥାଏ ଯେ ସବୁ ଦେଶଙ୍କ ନିକଟରେ ଦେଶର ସୁରକ୍ଷା ପାଇଁ ସେନାବାହିନୀମାନେ ଥିବା ବେଳେ ପାକିସ୍ତାନରେ ସେନାବାହିନୀ ନିକଟରେ ଦେଶଟିଏ ଅଛି । ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ଆତଙ୍କବାଦ ଓ ଯୁଦ୍ଧର ସର୍ବକାଳୀନ ପରିସମାପ୍ତି ନିମନ୍ତେ ଆମେରିକା ପକ୍ଷରେ ଏହାର ସେକ୍ରେଟାରୀ ଅଫ୍ ଷ୍ଟେଟ୍‌ଙ୍କ ଜରିଆରେ ପାକିସ୍ତାନର ଧର୍ମ- ଦୀକ୍ଷିତ ସେନାଧ୍ୟକ୍ଷମାନଙ୍କ ସହିତ ଆଲୋଚନା କରିବା ଅପରିହାର୍ଯ୍ୟ କାରଣ ଇସଲାମାବାଦରେ ଅବସ୍ଥାପିତ ପାକିସ୍ତାନର ବେସାମରିକ ସରକାରର କ୍ୱଚିତ୍ କୌଣସି କର୍ତ୍ତୃତ୍ୱ ରହିଥାଏ ଏବଂ ଏହା ନିଜ ଦେଶର ସେନା ହାତର କାଠ କଣ୍ଢେଇ । ଭାରତ ଏହାର ବାର୍ତ୍ତାରେ ସ୍ପଷ୍ଟ କରି ସାରିଛି ଯେ ଏହା ସିନ୍ଧୁ ନଦୀ ଜଳ ଚୁକ୍ତିରୁ ଓହରି ଯିବା ନିଷ୍ପତ୍ତିରେ ପରିବର୍ତ୍ତନ କରିବ ନାହିଁ । ଆହୁରି ମଧ୍ୟ ଭାରତ ସ୍ପଷ୍ଟ ଶବ୍ଦରେ କହି ସାରିଛି ଯେ ପୁଣିଥରେ ଯଦି କୌଣସି ପ୍ରକାରର ପ୍ରାୟୋଜିତ ଆତଙ୍କବାଦୀ କାର୍ଯ୍ୟ କରାଯାଏ, ତା'ହେଲେ ତାକୁ ଯୁଦ୍ଧ ଭାବରେ ପରିଗଣନା କରାଯିବ ଏବଂ ଏହାର ଉପଯୁକ୍ତ ଜବାବ ଦିଆଯିବ । ଆକାଶ ମାର୍ଗରେ ହେଉ ବା ଭୂପୃଷ୍ଠରେ ସଂଗ୍ରାମ କରି ଭାରତ ଚାରିଦିନର ଆକ୍ରମଣ ଭିତରେ ଯେତିକି କ୍ଷତି ସହିଛି, ତାକୁ ଭରଣା କରିବା ନିମନ୍ତେ ଏହାର ସାମର୍ଥ୍ୟ ରହିଛି, ପରନ୍ତୁ, ସୀମାବର୍ତ୍ତୀ ଅଞ୍ଚଳମାନଙ୍କରେ ବାସ କରୁଥିବା ଏହାର ଲୋକମାନେ ଯେଉଁ ପୀଡ଼ା ସହନ କରିଛନ୍ତି, ତାହା ଏକ ବାର୍ତ୍ତା ପ୍ରଦାନ କରିଛି ଯେ ସେମାନଙ୍କର ଧନ ଜୀବନ ସୁରକ୍ଷିତ ରଖିବା ନିମନ୍ତେ ଆହୁରି ଅନେକ କିଛି କରାଯିବାର ଅଛି । ତେଣୁ ଭାରତ ଏବେଠାରୁ କେବଳ ଜାମ୍ମୁ ଏବଂ କାଶ୍ମୀରରେ ନୁହେଁ, ଦେଶର କୌଣସି ବି ସ୍ଥାନରେ ଯେପରି ସୁରକ୍ଷା ବ୍ୟବସ୍ଥାରେ ସାମାନ୍ୟତମ ତ୍ରୁଟି ବିଚ୍ୟୁତି ଦେଖା ନ ଦିଏ, ସେ ବାବଦରେ ସତର୍କ ହେବାର ସମୟ ଉପଗତ । ଡ୍ରୋନ୍ ଏବଂ ମିସାଇଲଗୁଡ଼ିକ ଦ୍ୱାରା ଆକ୍ରମଣ ଫଳରେ ଭାରତ ହୁଏତ କମ୍ କ୍ଷତି ସହିଥାଇପାରେ, କିନ୍ତୁ ସୀମା ଆରପଟୁ ଗୁଳିଗୋଳା ଓ ମୋର୍ଟାର ଇତ୍ୟାଦି ମାଡ଼ରେ ପ୍ରାଣ ହରାଇ ଥିବା ସାଧାରଣ ନାଗରିକଙ୍କ ଜୀବନ ଅମୂଲ୍ୟ ଏବଂ ଏହି ଘଟଣାରୁ ଭାରତ ଶିକ୍ଷାଲାଭ କରିବା ଉଚିତ ଯେ ପାକିସ୍ତାନ କଥା ଉଠିଲେ ଏହା କିପରି ତା'ର ମୁକାବିଲା କରିବା ଆବଶ୍ୟକ । ତେବେ ବର୍ତ୍ତମାନ ପାଇଁ ଦୁଇ ପକ୍ଷଙ୍କ ଭିତରେ ଆଲୋଚନା ଏବଂ କୂଟନୀତି ଜରିଆରେ ସମସ୍ୟାର ସମାଧାନ ନିମନ୍ତେ ଯୁଦ୍ଧ ବିରତି ଆଶ୍ୱାସନା ଆଣି ଦେଇଛି ଏବଂ ଏହାଦ୍ୱାରା ଦୁଇ ଦେଶ ଏକ ଉତ୍ତମ ଭବିଷ୍ୟତ ନିମନ୍ତେ ପଦକ୍ଷେପ ନେବା ଉଚିତ ।

# ଭାରତର ଅର୍ଥନୀତିରେ ବ୍ୟାଙ୍କିଙ୍ଗ ସେବା

## ପ୍ରଶାନ୍ତ ପାଢ଼ୀ

> ଓଡ଼ିଶାର ରାଜଧାନୀ ଏବଂ ସମସ୍ତ ବଡ଼ ବଡ଼ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର କୁହାଯାଉଥିବା ଭୁବନେଶ୍ୱର ଜୋନରେ ଚଉରାଳିଶ ଜଣ ଯାଉଥିବାବେଳେ ମାତ୍ର ଛବିଶ ଜଣ ଅଫିସର ଆସୁଛନ୍ତି । ଏ ସବୁର ହିସାବକୁ ଦେଖିଲେ ଜଣାପଡ଼େ ସମସ୍ତ ଓଡ଼ିଶାରେ ଛବିଶ ଜଣ ଅଫିସର କମିଯିବେ । ସେହିଭଳି ଆଶ୍ଚର୍ଯ୍ୟକର କଥା ହେଉଛି ୟୁକୋ ବ୍ୟାଙ୍କ ଓଡ଼ିଶାରେ ତାର କାର୍ଯ୍ୟ ବ୍ୟବସ୍ଥାରେ ଉଲ୍ଲେଖନୀୟ ଭାବେ ଖୁବ କମ କିରାଣୀ ଓ ପିଅନକୁ ମଧ୍ୟ ଦାୟିତ୍ୱରେ ରଖିଛି । ତୁଳନାତ୍ମକ ଭାବରେ ଭାରତର ଅନ୍ୟ ବଡ଼ ବଡ଼ ବ୍ୟାଙ୍କରେ ଏହା ଠାରୁ ଯଥେଷ୍ଟ ଅଧିକ ପରିମାଣରେ କର୍ମଚାରୀ ସବୁ ରହିଛନ୍ତି ।

ଭାରତର ଅର୍ଥନୀତିରେ ବ୍ୟାଙ୍କିଙ୍ଗ ସେବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସରକାରୀ ନିୟନ୍ତ୍ରିତ ଓ ସରକାରଙ୍କ ନୀତି ନିୟମକୁ ଆଧାର କରି ଅନେକ ବ୍ୟାଙ୍କ ଗୁଡ଼ିକ ସେବା ପ୍ରଦାନ କରୁଛନ୍ତି । ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବ୍ୟତୀତ ବିଭିନ୍ନ ପ୍ରମୁଖ ବ୍ୟାଙ୍କ ଭିତରେ ୟୁକୋ ବ୍ୟାଙ୍କ ଅନ୍ୟତମ ପ୍ରମୁଖ ବ୍ୟାଙ୍କ । ସେହିପରି ଅନେକ ହୁଏତ ଜାଣିନଥିବେ ଓଡ଼ିଶାରେ ୟୁକୋ ବ୍ୟାଙ୍କ ଅଗ୍ରଣୀ ବ୍ୟାଙ୍କ ଓ ରାଜ୍ୟସ୍ତରୀୟ ବ୍ୟାଙ୍କରସ ସମନ୍ୱୟ ସମିତିର ଆବାହକ ମଧ୍ୟ । ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଓଡ଼ିଶା ୟୁକୋ ବ୍ୟାଙ୍କଙ୍କ ପ୍ରଶାସନ ଜଣେ ଜେନେରାଲ ମ୍ୟାନେଜରଙ୍କ ଅଧୀନରେ । ବର୍ତ୍ତମାନ ସମ୍ବଲପୁର, ବାଲେଶ୍ୱର ଓ ଏବଂ ଭୁବନେଶ୍ୱର ଭଳି ତିନୋଟି ଜୋନରେ ଏହା କାର୍ଯ୍ୟ କରୁଛି । ଆସନ୍ତା ଜୁଲାଇ ମାସରେ କଟକ ଜୋନ ଖୋଲା ଯିବ ବୋଲି ବ୍ୟାଙ୍କ ସୂତ୍ରରୁ ଜଣାପଡ଼ିଛି ମାତ୍ର ଓଡ଼ିଶାରେ ୟୁକୋ ବ୍ୟାଙ୍କରେ ପରିଚାଳନା କର୍ତ୍ତୃପକ୍ଷଙ୍କ ଅପରିଣାମଦର୍ଶୀ କାର୍ଯ୍ୟ ଯୋଗୁଁ ଶାଖା ମାନଙ୍କରେ ଅଫିସର ଓ ଷ୍ଟାଫ ସମସ୍ୟା ଲାଗି ରହୁଛି । ଯାହାର ସିଧା ପ୍ରଭାବରୁ ଗ୍ରାହକ ସେବା କ୍ଷତିଗ୍ରସ୍ତ ହେଉଛି । ନିକଟରେ ବ୍ୟାଙ୍କର ବଦଳି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ଆରମ୍ଭ ହୋଇଛି । ଏଥିରେ ଗୋଟିଏ ଜୋନରୁ ଅଫିସରମାନେ ଅନ୍ୟ ଜୋନ ଏବଂ ଅନ୍ୟ ରାଜ୍ୟକୁ ଯାଇଥାନ୍ତି । ଚଳିତ ବର୍ଷ ସମ୍ବଲପୁର ଜୋନରେ ଚାଳିଶ ଜଣ ଅଫିସର ଆସୁଥିବାବେଳେ ବାହାରକୁ ଯାଉଛନ୍ତି ପଚାଶ ଜଣ ଅଫିସର । ସେହିପରି ବାଲେଶ୍ୱର ଜୋନରେ ଆସୁଛନ୍ତି ସତେଇଶ ଜଣ ଅଥଚ ଯାଉଛନ୍ତି ଛତିଶ ଜଣ । ଓଡ଼ିଶାର ରାଜଧାନୀ ଏବଂ ସମସ୍ତ ବଡ଼ ବଡ଼ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର କୁହାଯାଉଥିବା ଭୁବନେଶ୍ୱର ଜୋନରେ ଚଉରାଳିଶ ଜଣ ଯାଉଥିବାବେଳେ ମାତ୍ର ଛବିଶ ଜଣ ଅଫିସର ଆସୁଛନ୍ତି । ଏ ସବୁର ହିସାବକୁ ଦେଖିଲେ ଜଣାପଡ଼େ ସମସ୍ତ ଓଡ଼ିଶାରେ ଛବିଶ ଜଣ ଅଫିସର କମିଯିବେ । ସେହିଭଳି ଆଶ୍ଚର୍ଯ୍ୟକର କଥା ହେଉଛି ୟୁକୋ ବ୍ୟାଙ୍କ ଓଡ଼ିଶାରେ ତାର କାର୍ଯ୍ୟ ବ୍ୟବସ୍ଥାରେ ଉଲ୍ଲେଖନୀୟ ଭାବେ ଖୁବ କମ କିରାଣୀ ଓ ପିଅନକୁ ମଧ୍ୟ ଦାୟିତ୍ୱରେ ରଖିଛି । ତୁଳନାତ୍ମକ ଭାବରେ ଭାରତର ଅନ୍ୟ ବଡ଼ ବଡ଼ ବ୍ୟାଙ୍କରେ ଏହା ଠାରୁ ଯଥେଷ୍ଟ ଅଧିକ ପରିମାଣରେ କର୍ମଚାରୀ ସବୁ ରହିଛନ୍ତି । ଆସନ୍ତା ଜୁଲାଇ ମାସରେ କଟକ ଜୋନାଲ ଅଫିସ ଖୋଲାଗଲେ ସେଥିପାଇଁ ତିରିଶରୁ ଚାଳିଶ ଜଣ ଅଫିସର ଆବଶ୍ୟକ ପଡ଼ିବେ । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ ଯୋଜନା ଓ ଜନସାଧାରଣଙ୍କ ପାଇଁ ଲାଭଜନକ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ବ୍ୟାଙ୍କ ପରି ୟୁକୋ ବ୍ୟାଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । କିନ୍ତୁ ଅଫିସର, କର୍ମଚାରୀ ଏପରିକି ଫିଲଡ୍ କର୍ମଚାରୀଙ୍କ ନୈରାଶ୍ୟଜନକ ଅଭାବ ରହିଥିବାରୁ ଲୋକମାନେ ସୁବିଧାଜନକ ଭାବେ ଏହି ବ୍ୟାଙ୍କରୁ ଉପଯୁକ୍ତ ସେବାରୁ ବଞ୍ଚିତ ହେଉଛନ୍ତି । ଯାହାଦ୍ୱାରା ଅନେକ ଲୋକ ଏହି ୟୁକୋ ବ୍ୟାଙ୍କର ସେବା ଠାରୁ ଦୂରେଇ ଯାଉଛନ୍ତି ଏପରିକି ସେମାନଙ୍କର ସଞ୍ଚୟ ଖାତା ଓ ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ ସେବା ଯୋଜନା ବାଧ ହୋଇ ୟୁକୋ ବ୍ୟାଙ୍କରୁ ଅନ୍ୟ ବ୍ୟାଙ୍କକୁ ଟ୍ରାନ୍ସଫର କରୁଛନ୍ତି । ଓଡ଼ିଶା ସରକାରଙ୍କର ରାଜ୍ୟବାସୀଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଭାବଶାଳୀ ଯୋଜନା କୁହାଯାଉଥିବା ସୁଭଦ୍ରା ଯୋଜନା ସେବା କାର୍ଯ୍ୟକ୍ରମରୁ ୟୁକୋ ବ୍ୟାଙ୍କ ଏକ ପ୍ରକାର ଅଥର୍ବ ଓ ଅପାରଗ ସେବା ଦେଉଥିବା ନେଇ ଆଲୋଚନା ମଧ୍ୟ ହେଉଛି । ନିକଟରେ ରାଜ୍ୟ ସରକାର ଓ ବ୍ୟାଙ୍କରସ୍ ବୈଠକରେ ଏ ନେଇ ସରକାର କେବଳ ଗଭୀର ଉଦବେଗ ପ୍ରକାଶ କରିନାହାନ୍ତି ବରଂ ୟୁକୋ ବ୍ୟାଙ୍କ ବିରୁଦ୍ଧରେ କଡ଼ା ଚେତନାବନୀ ସଦୃଶ ମନ୍ତବ୍ୟ ଦେଇଛନ୍ତି । ଏଭଳି ପରିସ୍ଥିତିରେ ଓଡ଼ିଶାବାସୀ ଭାରତର ଅନ୍ୟତମ ପ୍ରଭାବୀ ଓ ବଡ଼ ବ୍ୟାଙ୍କ କୁହାଯାଉଥିବା ୟୁକୋ ବ୍ୟାଙ୍କ ଠାରୁ କିଭଳି ଉତ୍ତମ ସେବା ପାଇପାରିବେ ସେ ନେଇ ଜନସାଧାରଣରେ ସନ୍ଦେହ ପ୍ରକାଶ ପାଉଛି । କେବଳ ସରକାରୀ ଯୋଜନା ନୁହେଁ ଜନସାଧାରଣଙ୍କ ନିୟମିତ ଆର୍ଥିକ କାରବାରର ମୁଖ୍ୟ ବ୍ୟବସ୍ଥା କୁହାଯାଉଥିବା ବ୍ୟାଙ୍କରେ ଏପରି ମନ୍ଥର ଓ କର୍ମଚାରୀ ଅଭାବରୁ ଲୋକମାନଙ୍କର ନୈରାଶ୍ୟ ତଥା ହତାଶ ଭାବ ନିଶ୍ଚିନ୍ତ ଭାବେ ଏକ ଦୁଃଖଦ ଘଟଣା । ପ୍ରଶାସନ ଓ ଉଚ୍ଚକର୍ତ୍ତୃପକ୍ଷ ଏ ନେଇ ତୁରନ୍ତ ଦାୟିତ୍ୱ ନିର୍ବାହ କରିବାର ଆଶା ରଖୁଛୁ ।

+ ସଭାପତି,
ଏନ.ଏଫ.ଆଇ.ଟି.ୟୁ.,
ଭୁବନେଶ୍ୱର,
ମୋ: ୯୯୩୮୯୮୧୪୬୮

# ପ୍ରେମ ସ୍ୱରୂପ ସତ୍ୟସାଇ



## ଶ୍ରୀ କିଶୋର କୁମାର ଜେନା



'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ ।' ଚାହୁଁ ଚାହୁଁ ଚଉଦ ବର୍ଷ ବିତିଗଲା ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ତାଙ୍କ ମର ଶରୀର ତ୍ୟାଗ କରିବା । ସମଗ୍ର ବିଶ୍ୱର ସ୍ରଷ୍ଟା ଓ ପାଳକ ବୋଲି ସେ ମୁକ୍ତ କଣ୍ଠରେ ଘୋଷଣା କରିଥିଲେ । ତା ସହିତ ନିଜ ମାନବ ସ୍ୱଭାବର ଅପୂର୍ଣ୍ଣତା କଥା ମଧ୍ୟ ସ୍ୱୀକାର କରିବାକୁ କୁଣ୍ଠିତ ହୋଇ ନଥିଲେ । ସାଇଶକ୍ତି ଓ ସାଇଜ୍ଞାନ ଅମାପ ବୋଲି କହିସାରି ସେ ପ୍ରକାଶ କରିଥିଲେ, 'ମଣିଷ ଶରୀର ଗ୍ରହଣ କରିଥିବାରୁ ଏହି ଶରୀର ଅପୂର୍ଣ୍ଣତା ଓ ସ୍ୱଭାବ ଗ୍ରହଣ କରିବାର ଶୁଳ୍କ (ଟ୍ୟାକ୍ସ) ମୋତେ ଦେବାକୁ ପଡୁଛି । ଆହୁରି ଅଧିକ ସ୍ପଷ୍ଟ ଭାବରେ ସେ କହିଥିଲେ, ସମଗ୍ର ବାହ୍ୟବସ୍ତୁ ଦେଶ ଓ କାଳର ଅଧିନ, ପ୍ରକୃତି ନିୟମର ଅଧୀନ । ମୋର ବାହ୍ୟ ସ୍ୱରୂପ ମଧ ସେଥିରୁ ମୁକ୍ତ ନୁହେଁ ।'

ଅବତାର ମଣିଷ ସ୍ତରକୁ ଓହ୍ଲାଇ ଆସିଲେ ଯାଇ ତାଙ୍କ ସହ ମଣିଷମାନଙ୍କର ଆତ୍ମୀୟତା ପ୍ରତିଷ୍ଠା କରିବା ସମ୍ଭବ । ଏହା ସତ୍ତ୍ୱେ ତାଙ୍କ ଅବତରଣ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଉପକୃତ ହେବାପାଇଁ ଅର୍ଥାତ୍ ତାଙ୍କ ଦିବ୍ୟ ସ୍ୱଭାବ ବ୍ରହ୍ମଚେତନା ସହିତ ଏକାତ୍ମତା ଲାଭ କରିବା ପାଇଁ, ଆମକୁ ତାଙ୍କର ବାହ୍ୟରୂପକୁ ମଧ ଅତିକ୍ରମ କରିଯିବାକୁ ପଡ଼ିବ । ଯେତେବେଳେ ମଣିଷ ଅନ୍ତର୍ଭୂଖୀ ହେବ, ସେତେବେଳେ ସେ ଅବତାର ପୁରୁଷଙ୍କର ପ୍ରକୃତି ଦୈବ ସ୍ୱଭାବ ଉପଲବ୍ଧି କରି ଜୀବନକୁ ପୂର୍ଣ୍ଣ କରିବ । ଏହି ପରିପ୍ରେକ୍ଷୀରେ ଭଗବାନ କୃଷ୍ଣ ଉଦ୍ଧବକୁ ବଦ୍ରିକା ଆଶ୍ରମକୁ ଯାଇ ତପସ୍ୟା କରିବା ପାଇଁ ପ୍ରବର୍ତ୍ତାଇଥିଲେ । ଭଗବାନ ବାବା ଏ ବିଷୟରେ କହନ୍ତି, 'ବାହ୍ୟ ଦର୍ଶନ ପୂର୍ଣ୍ଣ ଦର୍ଶନ ନୁହେଁ ବରଂ ଏହା ଏପରି ହେବା କଥା, ତାହାହେଲେ ଯାଇ ମଣିଷ ଅନ୍ତର୍ଗତ ଦର୍ଶନ ଚାହିଁବ, ଯାହା ଚିରନ୍ତନ ଯେଉଁମାନେ ଜ୍ଞାନମାର୍ଗରେ ତୃପ୍ତିଲାଭ କରନ୍ତି, ସେମାନଙ୍କ ପାଇଁ ଭଗବାନ ବାବାଙ୍କର ଏହି ଉକ୍ତି ଅଟେ ।

କିନ୍ତୁ ଯେଉଁମାନେ ନିର୍ମଳ ଭକ୍ତିରେ ଆନନ୍ଦ ପାଆନ୍ତି, ଅବତାରଙ୍କ ଠାରେ ଅପୂର୍ଣ୍ଣତା ଦେଖିଲେ ମଧ ସେମାନଙ୍କ ଭକ୍ତିରେ ଭଟ୍ଟା ପଡ଼େ ନାହିଁ, ସେମାନେ ପ୍ରଶ୍ନ କରନ୍ତି ନାହିଁ, ସେମାନେ ସମ୍ପୂର୍ଣ୍ଣ ଭାବରେ ତାଙ୍କୁ ଗ୍ରହଣ କରିନିଅନ୍ତି । ସାଧାରଣ ଭାବରେ କହିଲେ ଅବତାର ଚାହାନ୍ତି ସାଧକ ଯେଉଁ ମାର୍ଗରେ ଗଲେ ବି, ପୂର୍ଣ୍ଣ ବ୍ରହ୍ମଚେତନାରେ ମଗ୍ନ ହୋଇଯିବାର ଅନ୍ତିମ ଲକ୍ଷ୍ୟ ଠାରେ ପହଞ୍ଚିବା ଦରକାର ।

ଉପରୋକ୍ତ କଥାରୁ ଆମେ ଏଇ ସିଦ୍ଧାନ୍ତ କରିବା ଯେ, ସତ୍ୟସାଇ ବାବାଙ୍କ ଠାରେ ମନୁଷ୍ୟ ସ୍ୱଭାବର ଅପୂର୍ଣ୍ଣତା କିଛି କିଛି ଦେଖାଯାଉଥିଲେ ମଧ ତାଙ୍କୁ ଅବତାର ନୁହଁନ୍ତି ବୋଲି ଆମେ କହିପାରିବା ନାହିଁ । ଶ୍ରୀରାମ ନିଜେ ବନବାସ ସମୟରେ ସୀତାଙ୍କୁ ହରାଇ ମଣିଷ ପରି କାନ୍ଦୁଥିଲେ କାହିଁକି ? କୃଷ୍ଣଙ୍କର ଜଣେ ଅତି ଅନ୍ତରଙ୍ଗ ଭକ୍ତ ଉଦ୍ଧବ କାଳଜବନ / ଜରାଷଣ୍ଢ ଆସିବା କଥା ଶୁଣି ଯେପରି ଭୟରେ ମଥୁରାରୁ ପଳାଇ ଯାଇଥିଲେ ସେଥିପ୍ରତି ବିସ୍ମୟ ପ୍ରକାଶ କରିଛନ୍ତି । ଯୀଶୁ କ୍ଷମା ଓ ଉଦାରତାର ମୂର୍ତ୍ତି ହେଲେ ମଧ ଜେରୁଜେଲମ ମନ୍ଦିର ଭିତରେ କ୍ରୋଧରେ ବ୍ୟବସାୟୀ ମାନଙ୍କୁ ପିଟି ପକାଇଲେ କାହିଁକି ? ପୁତୁରା ରାମଲାଲ ମୃତ୍ୟୁରେ, ଶ୍ରୀରାମ-କୃଷ୍ଣ ପିଲାପରି କାନ୍ଦୁଥିଲେ କାହିଁକି ? ଶ୍ରୀରାମକୃଷ୍ଣଙ୍କ ଭାଷାରେ ଖାଦ ମିଶା ଅଳଙ୍କାର, ସୁନାର ଅବମାନନା ନୁହେଁ ।

ଅବତାର ମାନଙ୍କର ଜୀବନ କାହାଣୀ ଅଧ୍ୟୟନ କଲେ, ଆମେ ଦେଖିବା ସେମାନଙ୍କ ଠାରେ ଦୁଇଟି ଗୁଣ ସର୍ବଦା ଅମିଶ୍ର ଭାବରେ ବିଦ୍ୟମାନ । ତାହାହେଲେ ଧର୍ମରକ୍ଷଣ ଓ ଭକ୍ତ ରକ୍ଷଣ । ଅବଶ୍ୟ ଏହା ସତ୍ୟ ଯେ, ଧର୍ମ ସଂରକ୍ଷଣ ଅବତାରଙ୍କର ଦାୟିତ୍ୱ ହୋଇଥିବାରୁ, ସେ କେବେହେଲେ ଧର୍ମ ମାର୍ଗରୁ ବିଚ୍ୟୁତ ହୋଇପାରିବେ ନାହିଁ ଏବଂ ଭକ୍ତ ସଂରକ୍ଷଣ ତାଙ୍କର କର୍ତ୍ତବ୍ୟ ଥିବାରୁ ସେ ଏଥିପାଇଁ ଆବଶ୍ୟକ ପଡ଼ିଲେ ଦେବଶକ୍ତି ପ୍ରୟୋଗ ନକରି ରହିପାରିବେ ନାହିଁ । ତେଣୁ ଶ୍ରୀ ସତ୍ୟସାଇ ଯେ ଅବତାର ତାର ଅବିସମ୍ବାଦିତ ପ୍ରମାଣ ହେଲା - ତାଙ୍କର ଶକ୍ତି, ଯାହା ବଳରେ ସେ ସାରା ସଂସାରରେ ଲକ୍ଷ ଲକ୍ଷ ଧର୍ମଚ୍ୟୁତ ବ୍ୟକ୍ତିଙ୍କୁ ଧର୍ମ ମାର୍ଗରେ ଆସିବା ପାଇଁ ଆକୃଷ୍ଟ କରିଛନ୍ତି ଏବଂ ସାରା ପୃଥିବୀରେ ତାଙ୍କର ଭକ୍ତମାନଙ୍କୁ ପାର୍ଥିବ ଏବଂ ଅପାର୍ଥିବ ଉଭୟ ସ୍ତରରେ ଅକୁଣ୍ଠିତ ଅନୁଗ୍ରହ ପ୍ରଦାନ କରିଛନ୍ତି । ସଂସାରରେ ଚାରିଆଡ଼େ ଅଧର୍ମ ରାକ୍ଷସ ରାଜୁତି କରୁଥିଲାବେଳେ, ସେ ଲକ୍ଷ ଲକ୍ଷ ଲୋକଙ୍କୁ ଧର୍ମମାର୍ଗକୁ ଟାଣିଆଣି ପାରିଛନ୍ତି; ଏହା କେଉଁ ଶକ୍ତି ବଳରେ ସମ୍ଭବ ?

ଏଠାରେ ଆମ ମନରେ ଗୋଟିଏ ସଂଶୟ ଆସିପାରେ, ତାହାହେଲା ଅବତାର ଠାରେ ଯଦି ମାନବିକ ଗୁଣମାନ ଅଛି, ତେବେ ଆମେ କିପରି ବିଶ୍ୱାସ କରିବା ଯେ, ସେ ଆମର ବିପଦ ସମୟରେ ଡାକରା ଶୁଣିବେ; ଆଉ ଆମକୁ ସେଥିରୁ ଉଦ୍ଧାର କରିବେ । ପ୍ରକୃତରେ ଆମେ ଅବତାରଙ୍କର ମାନବକ ଗୁଣ ବୋଲି ଯାହା କହୁ, ତାହା ଅବତାର ପୁରୁଷଙ୍କର ସ୍ଥୂଳ ଶରୀରରେ ଦେଖାଦେଇପାରେ, ମାତ୍ର ସୂକ୍ଷ୍ମ ଶରୀର ସର୍ବଦା ପୂର୍ଣ୍ଣ ଏବଂ ଅସୀମ । ତେଣୁ ଆମେ ଆମର ଆସନ୍ନ ଦୁର୍ଗତି ସମ୍ବନ୍ଧରେ ଅବହିତ ନଥିଲେ ବି, ଅବତାର ପୁରୁଷଙ୍କର ସୂକ୍ଷ୍ମ ଶରୀର ସେଥିରୁ ଆମକୁ ଉଦ୍ଧାର କରନ୍ତି । ତାଙ୍କ ସର୍ବ ଶକ୍ତିମାନ ଅନୁଗ୍ରହଙ୍କୁ କୌଣସି ମାନବୀୟ ଗୁଣ ପ୍ରଭାବିତ ବା କ୍ଷୁର୍ଣ୍ଣ କରିପାରିନାହିଁ । ସ୍ଥୂଳସାଇ ଦେଶ ଓ କାଳର ଅଧୀନ ହୋଇଥିବାରୁ କେତେକ ଭକ୍ତକୁସେ ଉପେକ୍ଷା କଲାପରି ଜଣାପଡ଼ି ପାରନ୍ତି, ମାତ୍ର ସୂକ୍ଷ୍ମସାଇ ଦେଶ କାଳାତୀତ ହୋଇଥିବାରୁ ପାଞ୍ଚୋଟି ଯାକ ମହାଦେଶରେ ବ୍ୟାପ୍ତ ତାଙ୍କର କୋଟି କୋଟି ପିଲାଙ୍କ ଯତ୍ନ ନେବାରେ ସେ ସର୍ବଦା ତତ୍ପର । ସ୍ଥୂଳସାଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଚାଲି ଚାଲି କିମ୍ବା କାରରେ କିମ୍ବା ବିମାନରେ ଯାଆନ୍ତି; ମାତ୍ର ସୂକ୍ଷ୍ମସାଇ ମୁହୂର୍ତ୍ତକ ମଧ୍ୟରେ ହଜାର ହଜାର ତଥା ଲକ୍ଷ ଲକ୍ଷ ମାଇଲ ଦୂରରେ ଏକାଧିକ ସ୍ଥାନରେ ଗୋଟିଏ ସମୟରେ ପହଞ୍ଚି ଯାଇପାରନ୍ତି । ସ୍ଥୂଳସାଇ ଅନ୍ୟ ଭାଷାରେ ଭକ୍ତଙ୍କ ସହିତ କଥା ହେବାପାଇଁ ହୁଏତ ଜଣେ ଦୋଭାଷୀ ଦରକାର କରନ୍ତି; ମାତ୍ର ସୂକ୍ଷ୍ମସାଇ ଭକ୍ତମାନଙ୍କ ସହ ସେମାନଙ୍କ ଭାଷାରେ ହିଁ କଥାବର୍ତ୍ତା କରନ୍ତି । ଭକ୍ତମାନେ ଯେଉଁ ଭାଷାରେ ପ୍ରାର୍ଥନା କଲେ ମଧ, ସୂକ୍ଷ୍ମସାଇ ତାର ଉତ୍ତର ଦିଅନ୍ତି । ଭଗବାନଙ୍କର ଅନୁଗ୍ରହର ସର୍ବୋଚ୍ଚ ନିଦର୍ଶନ ହେଲା ଆମକୁ ଭ୍ରମରୁ ମୁକ୍ତ କରି ବ୍ରହ୍ମଦର୍ଶନ କରାଇବା । ସେଥିପାଇଁ ସେ ଅବତରି ଆସନ୍ତି, ଆଉ ଆମକୁ ତାଙ୍କ ଅହେତୁକ ପ୍ରେମରେ ଆପଣାର କରନ୍ତି ।

ବାଲ୍ୟକାଳରୁ ଭଗବାନ ଶ୍ରୀ ସତ୍ୟସାଇ ଅଗଣନ ବିବିଧ ଅଲୌକିକତା ପ୍ରକାଶ କରି ଆସିଛନ୍ତି ଅଖଣ୍ଡ ଭାବରେ । ଭକ୍ତମାନଙ୍କ ଉଦ୍ଧାରକ ଓ ବିପଦଭଞ୍ଜକ ପ୍ରଭୁ ଭାବରେ, ଅସାଧ ବ୍ୟାଧିର ବୈଦ୍ୟ ଭାବରେ, ମୃତ୍ୟୁ ପରେ ଭକ୍ତକୁ ପରମପଦ ପ୍ରଦାତା ଭାବରେ, ମାତୃ ସୁଲଭ ସ୍ନେହର ଅସରନ୍ତି ଭଣ୍ଡାର ଭାବରେ, ଦେଶ ଦେଶରେ ଅଧିକରୁ ଅଧିକ ଦୈବଶକ୍ତିର ପ୍ରକାଶକ ଭାବରେ ଏବଂ ଧର୍ମ, ଆଧାତ୍ମିକ ଜୀବନ, ତ୍ୟାଗ, ସେବା, ପ୍ରେମ ଆଦିର ପରିପୋଷକ ଭାବରେ ତଥା ବିନା ସାଧନାରେ, ବିନା ଆୟାସରେ ଏ ସମସ୍ତ ଅବଲୀଳାକ୍ରମ ସାଧନ କରିବାରେ ଭଗବାନ ସତ୍ୟସାଇ କେବଳ ନିଜ ସହିତ ନିଜେ ତୁଳନୀୟ । ତାଙ୍କ ଭାଷାରେ 'ମୋର ସ୍ୱତନ୍ତ୍ର ସଙ୍କେତ ହେଲା - ମୋର ପ୍ରେମ । ସଂକଳ୍ପ ବଳରେ ବିଭିନ୍ନ ପଦାର୍ଥ ସୃଷ୍ଟି କିମ୍ବା ସ୍ୱାସ୍ଥ୍ୟ ଓ ସୁଖ ବିଧାନ କରିବା ନୁହେଁ । ଆମେ ଭାବିପାରୁ ତାଙ୍କର ଚମତ୍କାରିତା ଦୈବତ୍ୱର ପ୍ରତ୍ୟକ୍ଷ ସଙ୍କେତ; ମାତ୍ର ତାହା ଠିକ ନୁହେଁ । ତାଙ୍କର ପ୍ରେମ ହିଁ ତାଙ୍କର ଦୈବତ୍ୱର ସଙ୍କେତ; ଯାହାକି ଲକ୍ଷ ଲକ୍ଷ ଭକ୍ତକୁ ତାଙ୍କ ପାଖକୁ ଟାଣିଆଣେ ଏବଂ ତାଙ୍କର କଲ୍ୟାଣ ସାଧନ କରେ । ଦେଶବିଦେଶରେ ଥିବା ସାଧକ, ଦୁଃଖୀ ଓ ଦୁର୍ଗତ ଲୋକଙ୍କ ପାଖକୁ ଘେନିଯାଏ - ଏହା ହିଁ ତାଙ୍କର ଦୈବତ୍ୱର ପ୍ରତ୍ୟକ୍ଷ ସଙ୍କେତ । ସେହି ପ୍ରେମ ହିଁ ଘୋଷଣା କରେ ଯେ, ସେ 'ସାଇବାବା' । ତାଙ୍କରି ଭାଷାରେ - 'ପ୍ରେମ ମୋର ବ୍ରତ, ପ୍ରେମ ମୋର କର୍ମ, ଏବଂ ପ୍ରେମ ମୋର ଜୀବନ' ।

+ ଆଇନଜୀବୀ, ବଙ୍ଗାଳିସାହି,
କଟକ,
ମୋ: ୭୩୨୫୯୦୪୯୨୭

# କବିତା କୋଣାର୍କ

## ଆସ ଚଞ୍ଚଳ

### ଦୀପକ କୁମାର ନାୟକ

ଭାରି କଲବଲ କରୁଛି ଏ ଖରା
ସହି ହେଉନାହିଁ ଆଉ
ତାସହ ଗରମ ଅନୁଭୂତ ପୁଣି
ବିଜୁଳି ସାଜଇ ଦାଉ ।।
ପଶୁ ପକ୍ଷୀ ଠାରୁ ଗଛ ଲତା ଆଦି
ବଞ୍ଚୁଛନ୍ତି ମରି ମରି
ମଣିଷ ସେମିତି ପାଚିତ ଗଲାଣି
ଆମ୍ବ ପଣସର ପରି ।।
ଲୋକେ ଛଟପଟ ହେଉଛନ୍ତି ସବୁ
ଦେଖିକି ପାରୁନ ତୁମେ
ଛଟପଟ ଦେଖି କେମିତି ସହୁଛ
ଦୟାକି ଆସୁନି ମନେ ।।
ହେ ବରଷା ରାଣୀ ଆସ ହେ ଚଞ୍ଚଳ
ଯମା ଗୋ ନକରି ଡେରି
ଗୁଳୁଗୁଳି ଆଉ ଅସହ୍ୟ ଯନ୍ତ୍ରଣାରୁ
ଦିଅ ତୁମେ ମୁକ୍ତ କରି ।।
ତୋ ପାଦ ସ୍ପର୍ଶରେ ଏଇ ଧରା ଧାମ
ନିଜକୁ ମଣିବ ଧନ୍ୟ
ଗୁଳୁଗୁଳି ଯନ୍ତ୍ରଣାରୁ ମୁକ୍ତ କଲେ
ଅରଜିବୁ କୋଟି ପୁଣ୍ୟ ।।
ଏ ଧରା ମାଟିକୁ ଆସିଗଲେ ତୁମେ
ଖେଳିବ ଖୁସିର ଲହରୀ
ଗଛ ଲତା, ପଶୁ ପକ୍ଷୀ, ମଣିଷ ବି
ଆନନ୍ଦେ ବୋଲିବେ ହରି ହରି ।

+ ଗଣ୍ଡାନାଳୀ,ହିନ୍ଦୋଳ,ଢେଙ୍କାନାଳ
ପିନ୍ -୭୫୯୦୨୧
ମୋ:୮୬୩୭୨୬୧୮୨୮

## ପ୍ରତିଶୋଧ

### ଧ୍ରୁବ ଚରଣ ଘିବେଲା

କିଏ କହୁଛି
ଏହାକୁ ଯୁଦ୍ଧ ବୋଲି
ଏହା ଯୁଦ୍ଧ ନୁହେଁ
ଏହା ହେଉଛି ଦୀର୍ଘଦିନର
କ୍ଷତଓକ୍ତ ମନ ତଳେ
ଆଉ ହୃଦୟ ଘରେ ସାଇତା
ଅସନ୍ତୋଷରୂପୀ
ବାରୁଦସ୍ତୁପରେ
କୁହୁଳୁଥିବା ନିଆଁର
ତୀବ୍ର ବିସ୍ଫୋରଣ ।

ପଡ଼ୋଶୀ ହୋଇ
ହୁତୁଥିଲା ବାରମ୍ବାର
ମାନବିକତାର ଲକ୍ଷ୍ମଣରେଖା
ସୀମାଲଙ୍ଘି ଖେଳୁଥିଲା ଇଚ୍ଛାମତେ
ରକ୍ତର ହୋଲି
ପୋଛିଦେଉଥିଲା ଅନେକ
ସିନ୍ଥିରୁ ସିନ୍ଦୂର
ଜହ୍ଲାଦ ପାଲଟି ।
ନା ମାନୁଥିଲା ନିଜ ଦୋଷ
ନା ଛାଡୁଥିଲା ନିଜ ଅପକର୍ମ
ସହିବାର ସୀମା ଲଂଘିଲା ପରେ
ଏବେ ଆସିଛି ପ୍ରକୃତ ପ୍ରତିଶୋଧ
ନେବାର ଉତ୍କୃଷ୍ଟ ବେଳ
ପଡ଼ୋଶୀକୁ ହାତରେ ଭାତରେ
ନିର୍ଘାତ ଛେଚି
ସବକ ଶିଖାଇବାର ବେଳ
ପ୍ରତିଶୋଧ ହିଁ ପ୍ରତିଶୋଧ
ଛବିଶ ମୁଣ୍ଡ ଗଡ଼ିବା ବଦଳରେ
ଆସିଛି ଛବିଶ କୋଟି ମୁଣ୍ଡକୁ
ବିଗାଡ଼ି ଦେବାର ବେଳ ।
ଏହା ଯୁଦ୍ଧ ନୁହେଁ
ତିକ୍ତ ମଧୁର ପ୍ରତିଶୋଧ କେବଳ ।

+ ବଉଦରାଜ -୭୬୨୦୧୪,
ଜି. ବୌଦ୍ଧ
ମୋ: ୯୪୩୭୪୭୮୪୬୬

## ଆମେ ଶାନ୍ତି ଚାହୁଁ

### ନୂତନ କୁମାର ବେହେରା

ଆମେ ଶାନ୍ତି ଚାହୁଁ... ଆମେ ଶାନ୍ତି ଚାହୁଁ...
'ସର୍ବେ ଭବନ୍ତୁ ସୁଖୀନଃ ସର୍ବେ ସନ୍ତୁ ନିରାମୟ'
ଆମ ପବିତ୍ର ମନ ହୃଦୟରେ ଶୁଭଭାବନା
ବିଶ୍ୱ ଭାତୃତ୍ୱର ନିରପେକ୍ଷ ଆତ୍ମୀୟତା ଭାବ,
ଆମ ଐତିହ୍ୟ ଜାତୀୟ ସଂହତି ଏକତା
ମାନବବାଦର ମହତ୍ୱ ଗୁରୁତ୍ୱ କରେ ପରିପ୍ରକାଶ
ସମୂହ ପ୍ରଗତି ସମୂହ କଲ୍ୟାଣ ଆମ ନିଷ୍ଠାପଣ
'ବସୁଧୈବଃ କୁଟୁମ୍ବକମ୍' ଆମ ଚରିତ୍ର ସ୍ୱଭାବ ।
ଆମେ ଶାନ୍ତି ଚାହୁଁ..... ଆମେ ଶାନ୍ତି ଚାହୁଁ...
ଆମ ରକ୍ତ ବିନ୍ଦୁରେ ପୁରୁଷାର୍ଥର ଶର୍ଯ୍ୟ ସାମର୍ଥ୍ୟ
ଜୀବନ ଦେଇ ଜୀବନ ରଖିବା ବଞ୍ଚାଇ
ଆଖିରୁ ଲୁହ ପୋଛି ଓଠରେ ଭରି ଦେବା ହସ,
କୋଟିଏ ପ୍ରାଣର ଗୋଟିଏ ପ୍ରଣବ ବୀଜମନ୍ତ୍ର
ସତ୍ୟ ଅହିଂସା ଜୀବେ ଦୟା କ୍ଷମା କରିବା
ମ୍ଳେଚ୍ଛ ସଂହାରି ସନ୍ଥ ପାଳିବାର ନ୍ୟାୟ ନୀତି
ଆମ ଶ୍ରମ ସାଧନା କରିବାକୁ ସର୍ବାଙ୍ଗୀନ
ବିକାଶ ।
ଆମେ ଶାନ୍ତି ଚାହୁଁ ...ଆମେ ଶାନ୍ତି ଚାହୁଁ...
ରାମାୟଣ ମହାଭାରତରୁ ପାଇଛୁ ମହାନ ଶିକ୍ଷା
ବେଦାନ୍ତର ଜ୍ଞାନ କହେ 'ସର୍ବ ଇଦଂ ଖଳୁ ବ୍ରହ୍ମ'
ଗୀତର ଅମୃତବାଣୀ ଦିଏ ସର୍ବଶ୍ରେଷ୍ଠ ଆତ୍ମଜ୍ଞାନ,
ଆମ ଇତିହାସ କରେ ଆମ ଜାତିର ଜୟଗାନ
'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ'
ଆମ ଆତ୍ମାର ଆହ୍ୱାନ ଯୋଗାଏ ହୃଦୟେ ଇନ୍ଧନ
ଆମେ ସ୍ୱତନ୍ତ୍ର ସ୍ୱାଧୀନ ସ୍ୱଚ୍ଛତା ଆମ ସ୍ୱାଭିମାନ ।
ଆମେ ଶାନ୍ତି ଚାହୁଁ... ଆମେ ଶାନ୍ତି ଚାହୁଁ....
ଯୁଦ୍ଧର ବିଭୀଷିକା ଭୟଙ୍କର କରୁଣ ପରିଣତି
ମର୍ମେ ମର୍ମେ ଅନୁଭବ କରି ସେ ଚଣ୍ଡାଶୋକ
ହୋଇଥିଲେ ମହାନୁଭବ ଧର୍ମାଶୋକ ଅଦ୍ୱିତୀୟ,
ଦୀକ୍ଷିତ ହୋଇ ଧର୍ମ ଧାରଣେ ସତ୍ୟ ଆଚରଣେ
ସାରା ବିଶ୍ୱେ ପ୍ରଚାର କରିଥିଲେ ବୁଦ୍ଧଙ୍କ ବାଣୀ
ବୁଝାଇଥିଲେ ତରବାରୀର ଜୟ ନୁହେଁ ଜୟ
ମାନବର ହୃଦୟକୁ ଜୟକରିବା ହିଁ ପ୍ରକୃତଜୟ ।
ଆମେ ଶାନ୍ତି ଚାହୁଁ ...ଆମେ ଶାନ୍ତି ଚାହୁଁ...
ଆମ ମହନୀୟ ଉଦାର ଭାବକୁ ଭାବିଲ ଦୁର୍ବଳତା
ପେହେଲଗାମ୍ ରେ କଲ ନିରୀହମାନଙ୍କୁ ହତ୍ୟା
ମାନବବାଦରେ ଦେଖାଇଲ କ୍ରୁର ପଶୁତ୍ୱର ହିଂସ୍ରତା
ପ୍ରମାଣ ହେଲା ତୁମେମାନେ କେତେ ବର୍ବର ଘୃଣ୍ୟ,
ଦୁନିଆଁରେ ଆଉ ବଞ୍ଚିବାର ନାହିଁ ତୁମର ଅଧିକାର
ସରଳ ପଣରୁ ବାହାରିବ ଏବେ କେବଳ ଗରଳ
ପାଇବ ପରାଭବ..ତୁମେ ଯେ ଅମଣିଷ ନଗଣ୍ୟ ।
ଆମେ ଶାନ୍ତି ଚାହୁଁ...ଆମେ ଶାନ୍ତି ଚାହୁଁ....

କୋହି,ବାରିପଦା,ମୟୂରଭଞ୍ଜ,

# ଚର୍ମ କର୍କଟର ବିପଦ, ପରୀକ୍ଷା ଓ ପ୍ରତିଷେଧକ



'ଚିକିତ୍ସା ଅପେକ୍ଷା ପ୍ରତିଷେଧକ ଶ୍ରେୟସ୍କର' ପ୍ରବାଦଟି ଚର୍ମ କର୍କଟ ବିଷୟରେ ବିଚାର କରିବା ବେଳେ ଖୁବ୍ ପ୍ରାସଙ୍ଗିକ। ଚର୍ମ କର୍କଟ ସାଧାରଣତଃ ଚର୍ମର ତନ୍ତୁ ମଧ୍ୟରେ ମାଲିଗ୍ନାଣ୍ଟ୍ କୋଷଗୁଡ଼ିକର ଅସ୍ୱାଭାବିକ ବୃଦ୍ଧି ଦ୍ୱାରା ହୋଇଥାଏ। ଯଦିଓ ଏହା ପ୍ରାୟତଃ ସୂର୍ଯ୍ୟକିରଣ ସହିତ ଜଡ଼ିତ, ଏହା ବେଳେ ବେଳେ ସୂର୍ଯ୍ୟକିରଣରୁ ସୁରକ୍ଷାପ୍ରାପ୍ତ ଚର୍ମରେ ମଧ୍ୟ ବିକଶିତ ହୋଇପାରେ। ପାଶ୍ଚାତ୍ୟ ବିଶ୍ୱ ତୁଳନାରେ ଭାରତରେ ଏହାର ପ୍ରାଦୁର୍ଭାବ କମ୍ ଥିଲେ ମଧ୍ୟ, ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଚର୍ମ କର୍କଟ ଏକ ଚିନ୍ତାର ବିଷୟ ହୋଇ ରହିଛି।

ଚର୍ମ କର୍କଟ ସାଧାରଣତଃ ତିନି ପ୍ରକାରର; ଯଥା ବାସାଲ୍ ସେଲ୍ କାର୍ସିନୋମା, ସ୍କ୍ୱାମସ୍ ସେଲ୍ କାର୍ସିନୋମା ଏବଂ ମେଲାନୋମା। ଭାରତୀୟ ଭେଷଜ ଗବେଷଣା ପରିଷଦ(ଆଇସିଏମ୍ଆର) ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ସମଗ୍ର ଭାରତରେ ଚର୍ମ କର୍କଟ ରୋଗର ଆଞ୍ଚଳିକ ପରିବର୍ତ୍ତନକୁ ଦର୍ଶାଇଛି। ଉତ୍ତର ଭାରତରେ ମେଲାନୋମାର ପ୍ରାଦୁର୍ଭାବ ବୃଦ୍ଧି ପାଇଥିବା ବେଳେ ଉତ୍ତର-ପୂର୍ବ ଅଞ୍ଚଳରେ, ବିଶେଷକରି ନାଗାଲାଣ୍ଡରେ ଅଣମେଲାନୋମା ଅଧିକ ଦେଖା ଯାଇଛି।

ଚର୍ମ କର୍କଟ ବିପଦକୁ ହ୍ରାସ କରିବା ପାଇଁ ଅତି ବାଇଗଣୀ ରଶ୍ମି ସଂସ୍ପର୍ଶକୁ କମ୍ କରିବା ଭଳି ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ ହେଉଛି ଏ ଦିଗରେ ପ୍ରଥମ ଫଳପ୍ରସୂ ପ୍ରତିରକ୍ଷା

ଚର୍ମ କର୍କଟ ବିପଦକୁ ହ୍ରାସ କରିବା ପାଇଁ ଅତି ବାଇଗଣୀ ରଶ୍ମି ସଂସ୍ପର୍ଶ ବିରୋଧରେ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରିବା ହେଉଛି ପ୍ରଥମ ପ୍ରତିରକ୍ଷା। ସୂର୍ଯ୍ୟ ସଂସ୍ପର୍ଶକୁ ସୀମିତ କରିବା, ବିଶେଷକରି ଭୀଷଣ ଖରା ସମୟରେ ଛାଇରେ ରହିବା ଆଦି ପ୍ରଭାବଶାଳୀ ପ୍ରତିଷେଧକ ହୋଇପାରିବ। ଏଥି ସହିତ ପ୍ରତ୍ୟହ ବ୍ରଡ୍-ସ୍ପେକ୍ଟ୍ରମ୍ ସନ୍‌ସ୍କ୍ରିନ୍ ପ୍ରୟୋଗ ଅତିରିକ୍ତ ସୁରକ୍ଷା ଯୋଗାଇପାରିବ। ସେହିପରି ଇ-ସିଗାରେଟ୍ ସମେତ ଧୂମପାନରୁ ଦୂରେଇ ରହିବା ଆଦି ପଦକ୍ଷେପ ସ୍କ୍ୱାମସ୍ ସେଲ୍ କାର୍ସିନୋମା ଓ ମେଲାନୋମା ହେବାର ବିପଦକୁ କମାଇଦିଏ। ବୟସ ବଢ଼ିବା ସହିତ ଚର୍ମ କର୍କଟ ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ଚର୍ମରେ ଦେଖାଦେଉଥିବା ପରିବର୍ତ୍ତନ ଉପରେ ନଜର ରଖିବା ଉଚିତ। ଆବଶ୍ୟକ ସ୍ଥଳେ ଚର୍ମରୋଗ ବିଶେଷଜ୍ଞଙ୍କ ସହିତ ଆଲୋଚନା ମାଧ୍ୟମରେ ଚର୍ମ କର୍କଟ ବିପଦ ଚିହ୍ନଟ କରିବା ଗୁରୁତ୍ୱପୂର୍ଣ୍ଣ। ଚର୍ମ କର୍କଟ ପରୀକ୍ଷଣ ବା ନିରୂପଣ ପାଇଁ କର୍କଟ କିମ୍ବା ପ୍ରାକ୍ କର୍କଟ ଅବସ୍ଥାର ସୂଚକ ସ୍ୱରୂପ ଚର୍ମ ଉପରେ କୌଣସି ନୂତନ ବୃଦ୍ଧି, ଦାଗ କିମ୍ବା ଅସ୍ୱାଭାବିକତାକୁ ବିଶ୍ଳେଷଣ କରାଯାଇଥାଏ। ଯଦି କୌଣସି ଚିନ୍ତାର କ୍ଷେତ୍ର ଚିହ୍ନଟ ହୁଏ, ତେବେ କର୍କଟ କୋଷର ଉପସ୍ଥିତି ନିଶ୍ଚିତ କରିବା ପାଇଁ ଚର୍ମ ବାୟୋପ୍ସି ପରି ଅଧିକ ପରୀକ୍ଷା ସୁପାରିସ କରାଯାଇପାରେ। ମେଲାନୋମାର ଅଧିକ ବିପଦ ଥିବା ବ୍ୟକ୍ତି କୋଷୀୟ ସ୍ତରରେ ଚର୍ମ କର୍କଟ ଚିହ୍ନଟ କରିବା ପାଇଁ ସମ୍ପୂର୍ଣ୍ଣ ଶରୀରର ୩ଡି ଇମେଜିଂ କିମ୍ବା କନ୍‌ଫୋକାଲ୍ ମାଇକ୍ରୋସ୍କୋପି ଭଳି ଉନ୍ନତ ଇମେଜିଂ ପଦ୍ଧତିରେ ସ୍କ୍ରିନିଂ କରାଯାଇଥାଏ। ଏହି ଅତ୍ୟାଧୁନିକ ପରୀକ୍ଷଣ କୌଶଳଗୁଡ଼ିକ ମେଲାନୋମାକୁ ପ୍ରାରମ୍ଭିକ ସ୍ତରରୁ ଚିହ୍ନଟରେ ସାହାଯ୍ୟ କରିଥାଏ, ବିଶେଷକରି ଶରୀରରେ ଅନେକ କଳାଜାଇ ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଲାଭଦାୟକ। ସମ୍ପୂର୍ଣ୍ଣ ଶରୀରର ୩ଡି ଇମେଜିଂ ସହିତ, ଡାକ୍ତରମାନେ ଶରୀରର ଏକ ଡିଜିଟାଲ୍ ମଡେଲ୍ ତିଆରି କରି ପ୍ରତିଟି ଚର୍ମକ୍ଷତର ବିସ୍ତୃତ ତର୍ଜମା କରିପାରିବେ। ଚର୍ମ କର୍କଟ ସ୍କ୍ରିନିଂ ସାମଗ୍ରିକ ପ୍ରତିରୋଧକ ସ୍ୱାସ୍ଥ୍ୟର ଏକ ଅଂଶ ହୋଇପାରେ।



# କେମିତି ବଢାଇବେ ପିଲାଙ୍କ ସୋସିଆଲ ସ୍କିଲ୍: ଆପଣାନ୍ତୁ ଏହି ଟିପ୍ସ

ପିଲାଙ୍କ ସମ୍ପୂର୍ଣ୍ଣ ବିକାଶ ନିମନ୍ତେ ସୋସିଆଲ ସ୍କିଲ୍ ମଧ୍ୟ ବଢ଼ାଇବାକୁ ହୋଇଥାଏ। ପିଲାମାନେ ଯଦି ଏହି କ୍ଷେତ୍ରରେ ଦୁର୍ବଳ ରହିଥାନ୍ତି ତେବେ ମାତାପିତା ଏଥିପ୍ରତି ଦୃଷ୍ଟିଦେବା ଜରୁରୀ।

ପିଲାଙ୍କୁ ଶେୟାରିଂ ଗୁଣ ଶିଖାନ୍ତୁ। ଫଳରେ ପିଲାମାନେ ସମସ୍ତଙ୍କ ସହ ମିଳିମିଶି ଚଳିପାରିବେ। ପିଲାବେଳରୁ ଏହି ଗୁଣ ଶିଖିଥିଲେ ବଡ଼ ହେବା ପରେ ତା'ର ପ୍ରଭାବ ପଡ଼ିଥାଏ। ପ୍ରତି କ୍ଷେତ୍ରରେ ସେମାନେ ସମସ୍ତଙ୍କ ସହ ମିଶି ସବୁକାମ କରିବାକୁ ପସନ୍ଦ କରିବେ। ଫଳରେ ସେମାନଙ୍କ ସୋସିଆଲ୍ ସ୍କିଲ ବହୁତ ଭଲ ହୋଇପାରିବ। କେତେଜଣ ପିଲା ନିଜ ଖେଳନା କାହାକୁ ଦେଇ ନ ଥାନ୍ତି। ବରଂ ଅନ୍ୟମାନଙ୍କ ଖେଳନାରେ ଖେଳିବାକୁ ପସନ୍ଦ କରନ୍ତି। ପିଲାଙ୍କର ଏହି ଗୁଣକୁ ବଦଳାଇବାକୁ କୁହନ୍ତୁ। ସମସ୍ତଙ୍କ ଖେଳନାରେ ସମସ୍ତେ ଖେଳିବା ଦରକାର ବୋଲି ବୁଝାନ୍ତୁ। ଏହା ଫଳରେ ସେମାନେ ଉଦାର ହୃଦୟର ହୋଇପାରିବେ ଓ ଏକାଠି ରହିବା ଶିଖିପାରିବେ।

ନୈତିକତା ଉପରେ ଆଧାରିତ ବିଭିନ୍ନ ପ୍ରକାର ଗପ ଶୁଣାନ୍ତୁ। ଏହି ମାଧ୍ୟମରେ ଉତ୍ତମ ଚରିତ୍ରର ବ୍ୟକ୍ତି ସମାଜରେ କିଭଳି ପ୍ରଶଂସିତ ହୋଇପାରନ୍ତି ପିଲାଙ୍କୁ ବୁଝାନ୍ତୁ। ଫଳରେ ଏହାର ପ୍ରଭାବରେ ସେମାନେ ନିଜକୁ ସାମାଜିକ କାର୍ଯ୍ୟକ୍ରମରେ ସାମିଲ କରିପାରିବେ ଓ ଅନ୍ୟର ଉପକାର ଚିନ୍ତା କରିପାରିବେ।

ନମ୍ରତା ଏକ ଭଲ ଗୁଣ। ଏଭଳି ଗୁଣ ସମ୍ପର୍କରେ ପିଲାଙ୍କୁ ଶିଖାନ୍ତୁ। ଏହା ସେମାନଙ୍କ ବ୍ୟକ୍ତିତ୍ୱ ବୃଦ୍ଧି କରିପାରିବ। ଫଳରେ ସମାଜର ବିଭିନ୍ନ କ୍ଷେତ୍ରରେ ସେମାନେ ଭଲ କାମ କରିବାର ପ୍ରୟାସ କରିବେ। ଏସବୁ ଦ୍ୱାରା ସେମାନଙ୍କ ସୋସିଆଲ ସ୍କିଲ୍ ବହୁତ ଭଲ ହୋଇପାରିବ।





କାକୁଡି ଏକ ଲାଭଦାୟକ ଫଳ, ଯାହା ଗ୍ରୀଷ୍ମ ଋତୁରେ ଶରୀରକୁ ଥଣ୍ଡା କରିଥାଏ, କିନ୍ତୁ କିଛି ଖାଦ୍ୟ ସହିତ ଏହାକୁ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଜାଣନ୍ତୁ, ଏହି ଖାଦ୍ୟ ସହିତ କାକୁଡ଼ି ଖାଇବାଠାରୁ ଦୂରେଇ ରହିବା ଉଚିତ। କାକୁଡ଼ି ସହିତ ଭୁଲ ଖାଦ୍ୟ ମିଶ୍ରଣ ପାଚନ ସମସ୍ୟା, ଗ୍ୟାସ ଏବଂ ପୁଷ୍ଟିହାର ହ୍ରାସ କରିପାରେ। ଆସନ୍ତୁ ଜାଣିବା କାକୁଡି ସହିତ କଣ ଖାଇବା ଉଚିତ ନୁହେଁ? କାକୁଡିରେ ପ୍ରଚୁର ପରିମାଣରେ ଭିଟାମିନ ସି ଏବଂ ପାଣି ଥାଏ, ଯେତେବେଳେ କ୍ଷୀର ଏକ ପ୍ରୋଟିନ, ଚର୍ବିଯୁକ୍ତ ଖାଦ୍ୟ। ଉଭୟକୁ ଏକାଠି ସେବନ କରିବା ଦ୍ୱାରା ପାଚନ ସମସ୍ୟା, ଗ୍ୟାସ ଏବଂ ଏସିଡିଟି ହୋଇପାରେ। କାକୁଡିରେ ଏପରି କିଛି ଉପାଦାନ ଥାଏ ଯାହା ଖଟା ଫଳ ସହିତ ମିଶିଲେ ଏସିଡିକ ପ୍ରତିକ୍ରିୟା ସୃଷ୍ଟି କରିପାରେ। ଏହା ପେଟ ପୋଡ଼ା, ଗ୍ୟାସ ଏବଂ ବଦହଜମୀ ଭଳି ସମସ୍ୟା ସୃଷ୍ଟି କରିପାରେ। ତେଣୁ କାକୁଡି ସହିତ ଖଟା ଫଳ ଖାଇବାରୁ ଦୂରେଇ ରୁହନ୍ତୁ। ଭୋଜିରେ ପ୍ରାୟତଃ କାକୁଡି ଏବଂ ଟମାଟୋ ଏକାଠି ପରିବେଷଣ କରାଯାଏ, କିନ୍ତୁ ଏହି ଦୁଇଟି ଖାଦ୍ୟର ପାଚନ ସମୟ ଭିନ୍ନ ହୋଇଥାଏ। ଟମାଟୋ ଏସିଡିକ ଏବଂ କ୍ଷାରୀୟ ହୋଇଥାଏ, ତେଣୁ ଏହାର ମିଶ୍ରଣ କିଛି ଲୋକଙ୍କ ପାଇଁ ଗ୍ୟାସ, ଏସିଡିଟି ଏବଂ ଓକାର ଭଳି ସମସ୍ୟା ସୃଷ୍ଟି କରିପାରେ। କାକୁଡି ଏବଂ ତରଭୁଜର ମିଶ୍ରଣ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇପାରେ। କିନ୍ତୁ ଏଗୁଡ଼ିକୁ ଏକାଠି ଖାଇବା ଦ୍ୱାରା ପାଚନ ତନ୍ତ୍ର ଉପରେ ଅତ୍ୟଧିକ ଚାପ ପଡ଼ିଥାଏ। ଏହା ଡାଇରିଆ, ଗ୍ୟାସ ଏବଂ କ୍ରାମ୍ପ ସୃଷ୍ଟି କରିପାରେ, ବିଶେଷକରି ଦୁର୍ବଳ ପାଚନ ଶକ୍ତି ଥିବା ଲୋକଙ୍କ ପାଇଁ ଏହି ସମସ୍ୟା ବଢ଼ିପାରେ। ତେଣୁ କାକୁଡ଼ି ଏବଂ ତରଭୁଜ ଏକାଠି ଖାଇବାରୁ ଦୂରେଇ ରୁହନ୍ତୁ। କାକୁଡି ଶରୀରକୁ ଥଣ୍ଡା କରିଥାଏ, ଯେତେବେଳେ ମସଲାଯୁକ୍ତ ଖାଦ୍ୟ ଗରମ ପ୍ରଭାବ ପକାଇଥାଏ। ଉଭୟକୁ ଏକାଠି ସେବନ କରିବା ଦ୍ୱାରା ଶରୀରର ତାପମାତ୍ରାରେ ଅସନ୍ତୁଳନ ହୋଇପାରେ, ଯାହା ପାଚନ ସମସ୍ୟା ସୃଷ୍ଟି କରିପାରେ।

# ଏସବୁ ଖାଦ୍ୟ ଗରମ କରି ଖାଉଛନ୍ତି କି ? ହୋଇଯାନ୍ତୁ ସାବଧାନ, ନଚେତ୍...



କିଛି ଖାଦ୍ୟ ଏପରି ଅଛି ଯାହାକୁ ଅଧିକ ଗରମ କରି ଖାଇଲେ ତାହା ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ଏନେଇ ଜାଣିବା ପରେ ବଦଳାଇ ଦିଅନ୍ତୁ ଅଭ୍ୟାସ

ବ୍ରେଡ୍: ହ୍ୱାଇଟ୍ ବ୍ରେଡ୍‌ରେ କାର୍ବୋହାଇଡ୍ରେଟ୍ସ ଓ ସୁଗାର ବହୁ ଅଧିକ ରହିଥାଏ। ଏହାକୁ ଅଧିକ ଗରମ କଲେ ଏଥିରେ ଏଭଳି ଏକ ତତ୍ତ୍ୱ ସୃଷ୍ଟି ହୁଏ ଯାହା କ୍ୟାନ୍‌ସରର ଆଶଙ୍କା ବଢ଼ାଇ ଦେଇଥାଏ। ତେଣୁ ବ୍ରେଡ୍‌କୁ ଅଧିକ ଗରମ କରନ୍ତୁ ନାହିଁ ଓ ପୋଡ଼ିଯାଇଥିବା ଅଂଶକୁ ଆଦୌ ଖାଆନ୍ତୁ ନାହିଁ।



ଆଳୁ:ଛୋଟରୁ ବଡ଼ ସମସ୍ତଙ୍କର ପ୍ରିୟ ଆଳୁ। ହେଲେ ଏହାକୁ ଅଧିକ ଭାଜି ଖାଇଲେ ତାହା ମଧ୍ୟ ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି କରିପାରେ। ଏକ ରିସର୍ଚ୍ଚରୁ ଜଣାପଡ଼ିଛି କି ଆଳୁକୁ ଅଧିକ ଆଞ୍ଚରେ ଭାଜିଲେ ବା ଗରମ କଲେ ସେଥିରୁ ଏକ ହାନିକାରକ ତତ୍ତ୍ୱ ବାହାରିଥାଏ ଯାହା ମଧ୍ୟ କ୍ୟାନ୍‌ସର ସୃଷ୍ଟିକରିବାର ଏକ କାରଣ ହୋଇପାରେ।



ତେଲ: ତେଲରେ କୌଣସି ଜିନିଷକୁ ଛାଣି ଖାଇବା ପରେ ବଳକା ତେଲକୁ ବାରମ୍ବାର ଗରମ କରି ଖାଇଲେ ତାହା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। କାରଣ ତେଲକୁ ବାରମ୍ବାର ଗରମ କଲେ ସେଥିରେ ହାନିକାରକ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାନ୍ତି ଯାହା କ୍ୟାନ୍‌ସର ସୃଷ୍ଟିର ମଧ୍ୟ ଅନ୍ୟତମ କାରଣ ହୋଇପାରେ।

ଫ୍ରୋଜନ ଫୁଡ୍: ମାର୍କେଟରେ ମିଳୁଥିବା ବିଭିନ୍ନ ପ୍ରକାର ଫ୍ରୋଜନ ଫୁଡ୍ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଏହି ପ୍ରକାରରେ ରଖାଯାଇଥିବା ମାଂସରେ ନାଇଟ୍ରେଟ୍ ଓ ନାଇଟ୍ରାଇଟ୍ ଭଳି ପଦାର୍ଥ ରହିଥାଏ ଯାହାକୁ ରାନ୍ଧିବା ମାତ୍ରେ ଏକ ପ୍ରକାର ହାନିକାରକ ତତ୍ତ୍ୱ ବାହାରିଥାଏ, ଯାହା କ୍ୟାନ୍‌ସର ସୃଷ୍ଟି କରିପାରେ। ଯଦି ଏହି ପ୍ରକାର ମାଂସ ଆଣନ୍ତି ତେବେ ଏହାକୁ ଓଭରକୁକ୍ କରନ୍ତୁ ନାହିଁ।

ମାଛ: ମାଛରେ ପ୍ରୋଟିନ୍ ରହିଛି। କିନ୍ତୁ ଏହାକୁ ଅଧିକ ଭାଜି ଖାଇଲେ ତାହା କ୍ୟାନ୍‌ସର ସୃଷ୍ଟି କରିପାରେ।

ସେହିପରି ପ୍ଲାଷ୍ଟିକ୍ ବାସନ ନେଇ ଓଭାନ୍‌ରେ ଗରମ କରି ଖାଇଲେ, ନନ୍‌ଷ୍ଟିକ୍ ବାସନରେ ପୋଡ଼ିଯାଇଥିବା ଖାଦ୍ୟ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଖରାପ ହୋଇଥାଏ।





# ଦୀର୍ଘ ଜୀବନର ରହସ୍ୟ

ବିଶୃଙ୍ଖଳା, ଚାପ ଓ ନିରନ୍ତର କୋଳାହଳ ପୂର୍ଣ୍ଣ ବିଶ୍ୱରେ ଜଣେ ମହିଳା ନିଜର ଚିନ୍ତାଧାରା ଆଧାରିତ ଶୈଳୀରେ ଜୀବନ ଧାରଣ କରି ବିଶ୍ୱର ସବୁଠୁ ବୟସ୍କ ବ୍ୟକ୍ତି ହେବାର ବିରଳ ଗୌରବ ଲାଭ କରିଛନ୍ତି। ବୃଦ୍ଧାବସ୍ଥା ଗବେଷଣା ସଂସ୍ଥା ଅନୁଯାୟୀ, ୧୧୫ ବର୍ଷୀୟା ବ୍ରିଟିସ ମହିଳା ଏଥେଲ୍ କ୍ୟାଟରହାମ୍‌ଙ୍କୁ ଏବେ ବିଶ୍ୱର ସବୁଠୁ ବୟସ୍କ ଜୀବିତ ବ୍ୟକ୍ତିର ମାନ୍ୟତା ମିଳିଛି। ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ପୂର୍ବରୁ ୧୯୦୯ ଅଗଷ୍ଟ ୨୧ରେ ଦକ୍ଷିଣ ଇଂଲାଣ୍ଡର ସିପ୍‌ଟନ୍ ବେଲିଞ୍ଜର ନାମକ ଛୋଟ ଗାଁରେ ଜନ୍ମିତ ଏଥେଲ୍ ତାଙ୍କ ଜୀବନରେ ଦୁଇଟି ବିଶ୍ୱଯୁଦ୍ଧ, ପ୍ରଯୁକ୍ତିବିଦ୍ୟା ଓ ଇଣ୍ଟରନେଟ୍‌ର ଉତ୍‌ଥାନ ସମେତ ବିଶ୍ୱ ଇତିହାସରେ ଅଗଣିତ ପରିବର୍ତ୍ତନ ଦେଖିଥିଲେ ମଧ୍ୟ ତାଙ୍କର ଜୀବନର ମନ୍ତ୍ର ସମାନ ରହିଛି: "କେବେ ବି କାହା ସହିତ ଯୁକ୍ତିତର୍କ କରନାହିଁ। ମୁଁ ସବୁ ଶୁଣେ ଏବଂ ମୁଁ ଯାହା ପସନ୍ଦ କରେ ତାହା କରେ।" ଏହି ନିୟମ ହିଁ ତାଙ୍କ ଦୀର୍ଘ ଆୟୁଷର ରହସ୍ୟ। ଆଠ ଭାଇଭଉଣୀଙ୍କ ମଧ୍ୟରେ ସପ୍ତମ ସନ୍ତାନ ଏଥେଲ୍ ୧୮ ବର୍ଷ ବୟସରେ ଭାରତକୁ ଆସି ଜଣେ ଧାଈ ଭାବରେ କାମ କଲେ। ତିନି ବର୍ଷ ପରେ ସେ ଇଂଲଣ୍ଡ ଫେରି ଜଣେ ବ୍ରିଟିସ ସେନାଧିକାରୀଙ୍କୁ ବିବାହ କରି ପରେ ହଂକଂ ଓ ଜିବ୍ରାଲ୍‌ଟରରେ ବସବାସ କଲେ।

# ବ୍ୟାୟାମ କରିବା ପୂର୍ବରୁ ଏସବୁ ଦିଗ ପ୍ରତି ରଖନ୍ତୁ ଧ୍ୟାନ



ବ୍ୟାୟାମ କରିବା ପୂର୍ବରୁ ଆମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ବ୍ୟାୟାମ କରିବା ପୂର୍ବରୁ ଯଦି ହାଲିଆ ଲାଗୁଛି ତେବେ ବିଳମ୍ବ ନ କରି କିଛି ସମୟ ବିଶ୍ରାମ କରନ୍ତୁ। ଏ ବିଷୟରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦଭାବରେ ଆଲୋଚନା କରନ୍ତୁ। ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ମଧ୍ୟ ଭୁଲନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିବ ତାହା ବି ଭଲ ଭାବରେ ଜାଣି ନିଅନ୍ତୁ। ସକାଳ କିମ୍ବା ସନ୍ଧ୍ୟାର କେଉଁ ସମୟରେ ବ୍ୟାୟାମ କରିବେ ତାହାର ସମୟ ନିର୍ଦ୍ଧାରଣ କରନ୍ତୁ। ଆଉ ସେହି ଅନୁସାରେ ପ୍ରତିଦିନ ସେହି ସମୟରେ ହିଁ ବ୍ୟାୟାମ ଆରମ୍ଭ କରିବା ଭଲ। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ। ଏହି ସମୟରେ ଶୋଷ ଲାଗିଲେ ଅଳ୍ପ ପାଣି ପିଅନ୍ତୁ। ସବୁଠାରୁ ଖାସ୍ କଥା ହେଲା, ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ବ୍ୟାୟାମ କରିବାକୁ ଆରାମ ଲାଗିଥାଏ। ଆଉ ଯଦି ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ବ୍ୟାୟାମରୁ ବିରତ ରୁହନ୍ତୁ।

## ଶ୍ରୀ ବଳଦେବଜୀଉଙ୍କ ରଥ ନିର୍ମାଣ ପାଇଁ ଆସିଲା କାଠ

କେନ୍ଦ୍ରାପଡା,୧୩/୫(ନି. ପ୍ର): କେନ୍ଦ୍ରାପଡା ର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ସିଦ୍ଧ ବଳେଦବୀଉଙ୍କ ରଥ ନିର୍ମାଣ ନିମେନ୍ତ କାଠ ଆସି ପହଁଚିଛି । ରାଜ୍ୟ ପ୍ରସିଦ୍ଧ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ କାର୍ଯ୍ୟ ପବିତ୍ର ଜୈଷ୍ୟ ପୂର୍ଣ୍ଣିମା ଠାରୁ ଆରମ୍ଭ ହୁଏ । କିନ୍ତୁ ଚଳିତ ବର୍ଷ ରଥର ନୂଆ ଚକ ଓ ଅଖ ଲାଗିବାର କାର୍ଯ୍ୟକ୍ରମ ଥିବାରୁ ଏକ ସପ୍ତାହ ପୂର୍ବରୁ ରଥକାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜଣାପଡିଛି । ଏନେଇ ଦେବୋତର ବିଭାଗ ପକ୍ଷରୁ କେନ୍ଦୁଝର ଜିଲ୍ଲା (ଡିଏଫଓ) ବନଖଣ୍ଡଙ୍କ ନିର୍ଦ୍ଦେଶେର ତେଲେକାଇ କଳିଆହଦା ଡପୋ ରୁ ପ୍ରଥମ ଦଫା ୨୨.୦୩.୨୦୨୫ ରେ ୯ ଖଣ୍ଡ କାଠ ତଥା ୨୪୪ ସିଫ୍ଟ କାଠ ଆସିଥିଲା । ସୋମବାର ସେହି କେନ୍ଦୁଝର ର କାଳିଆ ହଦା ଡପୋରୁ ୨୨ ଖଣ୍ଡ ୫୧୬ ସିଫ୍ଟ ମୋଟ୍ ୩୧ ଖଣ୍ଡ କାଠ ଆସି ପହଁଚିଛି । ଏହି କାଠକୁ ଆଣିବା ପାଇଁ ଦେବୋତର ବିଭାଗର କମର୍ଚାରୀ ସୁବାସ ଚନ୍ଦ୍ର ପରିଡା ଓ ବଳରାମ ଦାସ ସେଠାକୁ ଯାଇଥେ୍ଲ । ରାଜ୍ୟ ସରକାରଙ୍କୁ କାଠ ଆଣିବା ବାବଦେର ୧୧ ହଜାର ୬୨୧ ଟଙ୍କା ମୂଲ୍ୟ ପ୍ରଦାନ କରାଯାଇଛି ।

## କୁଲତା ସମାଜ ପକ୍ଷରୁ ମାତୃଦିବସ ପାଳିତ

ସମ୍ୱଲପୁର,୧୩/୫(ନି. ପ୍ର): କୁଲତା ସମାଜ ସମ୍ୱଲପୁର ପକ୍ଷରୁ ଦାନିପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡୀ ସେବା ସଦନ ଠାରେ ମାତୃଦିବସ ଅବସରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ୱଲପୁର କୁଲତା ସମାଜ ସଭାପତି କୃପାସିନ୍ଧୁ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆନ୍ତର୍ଜାତିୟ ମାତୃଦିବସ ପାଳନ କରାଯାଇଥିଲା । ଭାରତୀୟ ସମାଜ ମାତୃଶକ୍ତି ଉପରେ ପର୍ଯ୍ୟବେଶିତ ଏବଂ ଆମେ ଇଷ୍ଟଦେବୀଙ୍କୁ ସମସ୍ତ ଶକ୍ତିର ଆଧାର ଭାବେ ଗ୍ରହଣ ବୋଲି ଗବେଷକ ଲକ୍ଷ୍ମଣ ପ୍ରଧାନ ମତ ପୋଷଣ କରିଥିଲେ । ଯେଉଁ ସମାଜ ମାତୃଶକ୍ତିକୁ ଉପଯୁକ୍ତ ସମ୍ମାନ ଦେଇଥାଏ ସେହି ସମାଜ ସେତିକି ଅଗ୍ରଗତି କରିଥାଏ ବୋଲି ଭକ୍ତବନ୍ଧୁ ପ୍ରଧାନ କହିଥିଲେ । ଏହି ଅବସରରେ ଦେଶ ମାତୃକା ପାଇଁ ସୀମାରେ ରହି ଲଢେଇ କରୁଥିବା ଭାରତୀୟ ସୈନ୍ୟ ମାନେ ଦେଖାଇଥିବା ପରାକ୍ରମ ଏବଂ ଶୌର୍ଯ୍ୟ ନେଇ ଦେଶବାସୀ ଗର୍ବ ଅନୁଭବ କରୁଥିବା ମତ ପ୍ରକାଶ ପାଇଥିଲା । ବୈଠକରେ ସେମାନଙ୍କ ମଙ୍ଗଳ କାମନା କରି ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡୀଙ୍କ ଠାରେ ପ୍ରାର୍ଥନା କରାଯାଇଥିଲା । ଏହାପରେ ଆଗାମୀ ସାବିତ୍ରୀ ଅମାବାସ୍ୟା କାର୍ଯ୍ୟକ୍ରମକୁ ଗଣେଶ୍ୱର ରାମଚଣ୍ଡୀ ପୀଠରେ ଆୟୋଜନ ପାଇଁ ଉପସ୍ଥିତ ମହିଳା ମାନେ ପ୍ରସ୍ତାବ ଦେଇଥିଲେ । ଏହାସହ ଶୀତଲଷଷ୍ଠୀ ଯାତ୍ରା ଅବସରରେ ପ୍ରତିବର୍ଷ ଭଳି କୁଲତା ସମାଜ ପକ୍ଷରୁ କରାଯାଉଥିବା ସେବା କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୁଲତା ସମାଜର ସାଧାରଣ ସମ୍ପାଦକ ରଞ୍ଜନ ପାତ୍ରଙ୍କ ସମେତ ପୁଷ୍ପାଞ୍ଜଳି ପ୍ରଧାନ, ଗୀତାଞ୍ଜଳୀ ପ୍ରଧାନ, ନଳିନୀ ପ୍ରଧାନ, ପଦ୍ମିନୀ ପ୍ରଧାନ, ନିତୁ ପ୍ରଧାନ, ଦେବଦତ୍ତ ସାହୁ, ମୁରଲୀ ପ୍ରଧାନ, ଛେଲିଆ ପ୍ରଧାନ, ଅକ୍ଷୟ ପ୍ରଧାନ, ଜଟାଭୁଷଣ ସାହୁ,ନିର୍ମଳ ପ୍ରଧାନ, ନରେଶ ଗୁପ୍ତା, ସରୋଜ ପଧାନ, ଲକ୍ଷ୍ମଣ ପ୍ରଧାନ, ଟଙ୍କଧର ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ ।

## ଆଖଣ୍ଡଳମଣିଙ୍କ ଶିବବିବାହ ପାଇଁ ଉଠିଲା ଲଗ୍ନ ଚିଟାଉ ଥାଳ

ଭଦ୍ରକ,୧୩/୫(ନି. ପ୍ର): ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଶିବବିବାହ ପାଇଁ ପବିତ୍ର ଚନ୍ଦନପୂର୍ଣ୍ଣିମା ଅବସରରେ ଲଗ୍ନ ଚିଟାଉଥାଳ ଉଠିଛି । ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପଂଚମୀ ତିଥି ଅର୍ଥାତ ଚଳିତମାସ ୩୧ରେ ବିବାହ ବନ୍ଧନରେ ବାନ୍ଧି ହେବେ ଦେବଦମ୍ପତି । ଚଳିତ ବିବାହ ଉତ୍ସବରେ ବରପିତା ଭାବେ ଆଲୋକ ପଣ୍ଡା ଚୟନ ହୋଇଥିବା ବେଳେ କନ୍ୟାପିତା ଭାବେ ବିଶ୍ୱଜିତ ପାଢୀ ଚୟନ ହେବା ପରେ ରୀତିନୀତି ଅନୁଯାୟୀ ଉଭୟ ପରିବାରଙ୍କ ପକ୍ଷରୁ ଲଗ୍ନଧରା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସୋମବାର ଭୋର ୪ଟାରେ ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତୀ, ଘର୍ଷଣଲାଗି ଓ ପହିଲୁଭୋଗ ଲାଗି ହୋଇଥିଲା । ପରେ ଚନ୍ଦନ ପୂର୍ଣ୍ଣିମା ନୀତି ନିମନ୍ତେ ସ୍ୱତନ୍ତ୍ର ନୀତିକାନ୍ତି କରାଯାଇଥିଲା । ଅପରାହ୍ଣରେ ମଣିବାବାଙ୍କ ଆଜ୍ଞାମାଳ ମୁକ୍ତିମଣ୍ଡପକୁ ଅଣାଯାଇ ଶିବବିବାହ ନିମନ୍ତେ ଲଗ୍ନ ଚିଟାଉ ଥାଳ ଉଠିଥିଲା । ପରେ ତେଲିଙ୍ଗି ବାଦ୍ୟ, ଘଂଟା କିର୍ତନ ସହ ପୀଠରେ ନଗରୀ କରାଯାଇଥିଲା । ଅନ୍ୟପଟେ ବରପିତା ଆଲୋକ ପଣ୍ଡା ବନ୍ଧୁପରିଜନଙ୍କୁ ନେଇ କନ୍ୟାପିତା ବିଶ୍ୱଜିତ ପାଢୀଙ୍କ ଘରେ ପହଁଚିବା ପରେ ଜ୍ୟୋତିଷ, ବ୍ରାହ୍ମଣଙ୍କ ଦ୍ୱାରା ଲଗ୍ନ ଚିଟାଉ ତାଳପତ୍ର ଓ ଲେଖନୀ ଦ୍ୱାରା ଲେଖାଯାଇ ସର୍ବସମତି କ୍ରମେ ପାଠ କରାଯାଇଥିଲା । ପରେ କନ୍ୟାପିତା ବିଶ୍ୱଜିତ ପାଢୀ ଲଗ୍ନଥାଳ ବରପିତା ଆଲୋକ ପଣ୍ଡାଙ୍କ ହସ୍ତକୁ ଟେକିଦେଇଥିଲେ । ପୁର୍ନବାର ଲଗ୍ନ ଚିଟାଉ ଥାଳ ଏକ ଶୋଭାଯାତ୍ରାରେ ବରପିତାଙ୍କ ଘରେ ପହଁଚିବା ପରେ ରୀତିନୀତି ଅନୁଯାୟୀ ପାଠ କରାଯାଇ ବିବାହ ନିମନ୍ତେ ଦିନ ଓ ସମୟ ନୀର୍ଘଂଟ କରାଯାଇଥିଲା ।

## ସଂରକ୍ଷିତ ଜଙ୍ଗଲରୁ ଅବାଧ ଗଛକଟା : ବନବିଭାଗ ନିରବଦ୍ରଷ୍ଟା, ଗ୍ରାମବାସୀଙ୍କ ପ୍ରତିବାଦ

ସମ୍ୱଲପୁର,୧୩/୫(ନି. ପ୍ର): ଜଙ୍ଗଲ ସମ୍ପଦର ରକ୍ଷଣାବେକ୍ଷଣ ମଧ୍ୟରେ ମୁଖ୍ୟତଃ ବେଆଇନ ବନ୍ୟ ପଶୁପକ୍ଷୀ ଶିକାର ଓ ଅବାଧ ଗଛକଟାକୁ ରୋକିବା ଦିଗରେ ବନ ବିଭାଗର ଗୁରୁ ଦାୟିତ୍ୱ ରହିଛି । ଏଥିପାଇଁ ଶହଶହ ସଂଖ୍ୟାରେ ଅଧିକାରୀ କର୍ମଚାରୀ ମୋଟା ଅଙ୍କର ବେତନରେ ନିଯୁକ୍ତି ହୋଇଛନ୍ତି । ମାତ୍ର ଦିନ ଦୁଇ ପ୍ରହରରେ ସଂରକ୍ଷିତ ଜଙ୍ଗଲରୁ ବହୁ ମୂଲ୍ୟବାନ ଗଛ ଅବାଧରେ କଟାଯିବା ଘଟଣା ଏବେ ତୀବ୍ର ଉତେଜନାର କାରଣ ପାଲଟିଛି । ଗୋଟିଏ ଜଙ୍ଗଲ ସୃଷ୍ଟି ହେବାକୁ ଶହଶହ ବର୍ଷ ଲାଗୁଥିବା ବେଳେ କିଛି ମାଫିଆ ଶ୍ରେଣୀର ଲୋକେ ଅବାଧ ଗଛକଟି ସଂରକ୍ଷିତ ଜଙ୍ଗଲକୁ ବି ପଦା କରିବାରେ ଲାଗିଛନ୍ତି । କିଏ ଜାଳେଣି କାଠ ବାହାନାରେ ତ କିଏ ପାଇଁ ଘର ତିଆରିରେ ଆବଶ୍ୟକ କାଠ ପାଇଁ ଜଙ୍ଗଲ ସଫା କରିବାରେ ବ୍ୟସ୍ତ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ସମ୍ୱଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ବଡ଼ମାଳ ପଂଚାୟତ ଅଧୀନ ଟାଙ୍ଗରାଣୀ ଗାଁ ସଂରକ୍ଷିତ ଜଙ୍ଗଲରେ । ନିୟମିତ ଭାବେ ବଡ଼ବଡ଼ ଗଛକୁ କିଛି ମାଫିଆ କାଟି ନେଉଥିବା ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ । ପ୍ରତ୍ୟେକ ଦିନ ଭୋଜପୁର, ସାଉଁଟିମାଲ, ସୋଲଘରା, ଘନଘୋଷା ଓ ନୁଆଁଡ଼ିହି ଆଦି ଗ୍ରାମର କିଛି ଲୋକେ ଭୋରରୁ ଟାଙ୍ଗରାଣୀ ଗାଁ ସରକ୍ଷିତ ଜଙ୍ଗଲରେ ପଶି ବେଆଇନ ଭାବେ ଗଛ କାଟି କାଠ ନେଇ ଯାଉଛନ୍ତି । ଏଥିରେ ଗ୍ରାମବାସୀ ପ୍ରତିବାଦ କଲେ ତୁମେ ଆମକୁ ମନା କରିବାକୁ କିଏ ବୋଲି ଓଲଟା ପାଲଟା ଧମକ ଦେଉଛନ୍ତି । ଅଭିଯୁକ୍ତ ମାନେ ନିରୋଳାରେ ପ୍ରଥମେ ବଡ଼ବଡ଼ ଗଛର ଛାଲି ଛଡାଇ ଚାଲି ଯାଉଛନ୍ତି । ଏହାର କିଛିଦିନ ପରେ ଗଛଟି ଝାଉଁଳି ପଡିବା ଦେଖି ଗଛ ଗୁଡିକୁ କାଟି ନେଇ ଯାଉଛନ୍ତି । ଏହି ବେଆଇନ ଗଛ କଟାକୁ ନେଇ ଗ୍ରାମର ଅଶୋକ ସୁନାନୀ କହନ୍ତି ଆମେ ବିରୋଧ କରିଛୁ ଏବଂ ଜଙ୍ଗଲ ବିଭାଗକୁ ମଧ୍ୟ ଜଣାଇଛୁ । ମାତ୍ର ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ କାଠ ମାଫିଆଙ୍କ ଆକ୍ରୋସର ଟାର୍ଗେଟରେ ସର୍ବଦା ଆମେ ରହୁଛୁ । ସେହିପରି ଗ୍ରାମର ଶିବଲାସ ପଟେଲ କହନ୍ତି ଏହି ସଂରକ୍ଷିତ ଜଙ୍ଗଲରେ ବହୁ ମୂଲ୍ୟବାନ ଶାଳ, କରଞ୍ଜ, ମହୁଲ, ଚାର, ବିଜା ଭଳି ଗଛମାନେ ଥିଲା, ମାତ୍ର ରକ୍ଷଣାବେକ୍ଷଣ ଅଭାବ ଓ ବେଆଇନ ଗଛକାଟ୍ ଯୋଗୁଁ ଏବେ ଏହି ଜଙ୍ଗଲ ଟାଙ୍ଗର ଭୁମିର ରୂପ ନେବାକୁ ଯାଉଛି । ଗ୍ରାମର ମହିଳାମାନେ କୁହନ୍ତି ଏଭଳି ବେଆଇନ ଗଛକାଟ୍‌କୁ ଯଦି ଏବେଠାରୁ ରୋକାନଯାଏ ତେବେ ଏଠାରେ ଏକ ସଂରକ୍ଷିତ ଜଙ୍ଗଲ ଥିଲା ବୋଲି ଭବିଷ୍ୟତ ପିଢୀ ଜାଣିବେନି କେବଳ କୌଣସି ସଙ୍କେତରେ ସୀମିତ ରହି ଯାଇପାରେ ।

## ଏସ୍‌ଓଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ଅନ୍ତର୍ଜାତୀୟ ନର୍ସିଂ ଦିବସ ପାଳିତ

କେନ୍ଦ୍ରାପଡା,୧୩/୫(ନି. ପ୍ର): ଆଜି ଏସ୍‌ଓଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ତରଫରୁ ଅନୁଷ୍ଠାନର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ପଟନାୟକଙ୍କ ସଭାପତିତ୍ୱେର ଆଧୁନିକ ନର୍ସିଂର ପ୍ରଥମ ନର୍ସ ମହାନ ମହିୟସୀ ମହିଳା ଫ୍ଲୋରେନ୍ସ ନାଇଟିଙ୍ଗେଲ୍‌ଙ୍କ ୨୦୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ସଭେର ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରେମାଦ କୁମାର ପ୍ରହରାଜ, ମୁଖ୍ୟବକ୍ତା ଭାବେ ରାଜ୍ୟ ଓମସାର ସଭାପତି ତଥା ଶିଶୁ ବିଭାଗ ଡା. କଶୋର ଚନ୍ଦ୍ର ମିଶ୍ର, ସମ୍ମାନୀତ ଅତିଥି ଭାବେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟର ଏଡିଏମଓ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର ଓ ଏସ୍‌ଓଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ନିର୍ଦ୍ଦେଶକ ସୁଖଦା ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥେ୍ଲ । ଅତିଥିମାନଙ୍କ ଦ୍ୱାରା ୨୦୨୪-୨୦୨୫ ବଷର୍ର ନାମ ଲେଖାଯାଇଥିବା ଜିଏନଏମ ଓ ଏଏନଏମ ନର୍ସିଂ ଛାତ୍ରୀଛାତ୍ରମାନଙ୍କ କ୍ୟାପିଂ ସହିତ ବିଏସସି ନର୍ସିଂ ଛାତ୍ରୀଛାତ୍ରମାନଙ୍କୁ ଶପଥ ପାଠ କରାଯାଇଥିଲା । ନୂତନ ନର୍ସିଂ ଛାତ୍ରୀଛାତ୍ର ତଥା ଅଧ୍ୟୟନ କରୁଥିବା ନର୍ସିଂ ଛାତ୍ରୀଛାତ୍ରମାେନ ରୋଗୀମାନଙ୍କ ସହ କିପରି ବ୍ୟବହାର କରିଲେ ଦୁସ୍ଥ ରୋଗୀଟି ନର୍ସ ଉପେର ଭରସା ଓ ବିଶ୍ୱାସ କରିବ ତାହା ଉପେର ମୁଖ୍ୟ ଅତିଥି ଡାକ୍ତର ପ୍ରହରାଜ ଅାେଲାକପାତ କରିଥେ୍ଲ । ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର ତାଙ୍କ ଅଭିଜ୍ଞତାରୁ କହିଥେ୍ଲ ଯେ ନର୍ସିଂ ଅଫିସରମାନଙ୍କ ଉତମ ବ୍ୟବହାରେର ଶତକଡା ୭୫ଭାଗ ରୋଗୀ କିଛି ମାତ୍ରାେର କଷ୍ଟରୁ ଉପଶମ ପାଇଥାଏ । ସେହିପରି ଡାକ୍ତର କଶୋର ମିଶ୍ର ତାଙ୍କ ଅଭିଭାଷଣେର କହିଥେ୍ଲ ଯେ ନର୍ସିଂ ଯେ ନର୍ସିଂ ଛାତ୍ରୀଛାତ୍ରମାେନ ନିଷ୍ଠାପର ଭାବେ ପାଠପଢା ସହ ନିଜର କର୍ତବ୍ୟ ସୁଚାରୁ ରୂପେ ସମ୍ପାଦକ କରିପାରିଲେ ନିଜର ପରିଚୟ ସୃଷ୍ଟି କରିପାରିବେ ଓ ସେମାନଙ୍କର ଅନ୍ତଃନିର୍ହିତ କାଯ୍ୟର୍କୁ ବିକାଶ କରିବା ସହିତ ରୋଗୀଙ୍କ ପ୍ରତି ସେବା ଓ ସହାନୁଭୂତି ମେନାଭାବ ପୋଷଣ କେଲ ଭବିଷ୍ୟତେର ଜେଣ ସୁଦକ୍ଷା ସେବିକା ହୋଇପାରିବ । ଏହି ଅବସରେର ଅନୁଷ୍ଠାନର ନିର୍ଦ୍ଦେଶକ ସୁଖଦା ପ୍ରସାଦ ତ୍ରିପାଠୀ ଅତିଥିମାନଙ୍କୁ ସ୍ୱାଗତ କରାଇଥେ୍ଲ । ଅଧ୍ୟାପିକା ପଲ୍ଲବୀ ପଟନାୟକ ଓ ପ୍ରଜ୍ଞା ପରମିତା ମିଶ୍ର ସଭା ପରିଚାଳନା କରିଥେ୍ଲ । ଅନ୍ୟମାନଙ୍କ ମଧ୍ୟେର ଅନୁଷ୍ଠାନର ଅଧ୍ୟକ୍ଷା କୁମୁଦିନି ଲେଙ୍କା, ଅଧ୍ୟାପିକା ପ୍ରୟମ୍ବଦା ପଟନାୟକ, ସନ୍ଧ୍ୟାରଣୀ ସାହୁ, ସୁପ୍ରଭା ସାହୁ, ସୋନାଲୀ ସେନାପତି, ମୋନାଲିସା ସ୍ୱାଇଁ ଉପସ୍ଥିତ ରହି ନର୍ସିଂ ଛାତ୍ରୀଛାତ୍ରମାନଙ୍କ କ୍ୟାପିଂ ଓ କ୍ୟାେଣ୍ଡଲ ଲଗାଇ ଶପଥପାଠ କରାଇଥେ୍ଲ । ଶେଷେର ଅନୁଷ୍ଠାନର ମୁଖ୍ୟ ପ୍ରଶାସକ ଅଧିକାରୀ ଶ୍ରୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅପର୍ଣ କରିଥେ୍ଲ । ଆଜିର ଏକି କାର୍ଯ୍ୟକ୍ରମକୁ ସାହିଲ ଜେନା, ହିମାଂଶୁ ପରିଡା, ଜୀବନେଜ୍ୟାତି ଦଳାଇ, ଶୁଭଲକ୍ଷ୍ମୀ ବିଶ୍ୱାଳ, ଶୁଭଲକ୍ଷ୍ମୀ ପରିଜା, ଦିବ୍ୟେଜ୍ୟାତି ଶତପଥି, ପୂଜାରାଣୀ ପ୍ରଧାନ, ରମାକାନ୍ତ ମଲ୍ଲିକ, ପ୍ରିୟା ଜେନା, ଶୁଭଶ୍ରୀ ସାହୁ, ପିଙ୍କି ନାୟକ, ଋତୁପର୍ଣ୍ଣା ବେଶୋଇ, ଅଙ୍କିତା ସହୁ, ସଙ୍ଗୀତା ବାରିକ, ସ୍ୱତିକା ମହାରଣା ଓ ଅନ୍ୟ ଛାତ୍ରୀଛାତ୍ରମାେନ ପରିଚାଳନାେର ସହେଯାଗ କରିଥେ୍ଲ । ପିଲାମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରେବିଷଣ କରାଯାଇଥିଲା । ଏହି ଅନ୍ତର୍ଜାତୀୟ ନର୍ସିଂ ସପ୍ତାହେର ପ୍ରତିଦିନ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଆସନ୍ତା ମେ ୧୬ତାରିଖେର ସ୍ୱତନ୍ତ୍ର ଭାବେ ଏକ ଆଧ୍ୟାତ୍ମିକ ସମ୍ମିଳନୀ ଅନୁଷ୍ଠିତ ହେବ । ଏଥି ସହିତ ମେ ୧୮ତାରିଖରେ ବାର୍ଷିକୋତ୍ସବ ତଥା ଉଦ୍‌ଯାପନୀ ଦିବସ ପାଳନ କରାଯିବା ସହ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ।

## କୁଚିଣ୍ଡା ସଦର ମହକୁମାରେ ବୁଦ୍ଧ ଜୟନ୍ତୀ ପାଳିତ

ସମ୍ୱଲପୁର,୧୩/୫(ନି. ପ୍ର): ସମ୍ୱଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡର ସଦର ମହକୁମାସ୍ଥିତ ପଂଚମୁଖୀଠାରେ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତି ସ୍ଥଳରେ ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି । ବୁଦ୍ଧ ସାମାଜିକ ପରିବର୍ତନ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ , ପ୍ରଧାନ ଶିକ୍ଷକ ଶୁରୁ ମଣୀ ସୁନା ନି, କବି ଶେଖର ନାମ ଦେଓ ,ସାମାଜିକ କର୍ମୀ ଶ୍ରଦ୍ଧାକର ଜୟପୁରିଆ, ଝାରସୁଗୁଡ଼ା ର ସାମାଜିକ କର୍ମୀ ପ୍ରେମ ସାଗର ଦେହେରିଆ, ଅବସର ପ୍ରାପ୍ତ ରେଳୱେ କର୍ମଚାରୀ ପବନ ଲୁହା,ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଅଧ୍ୟାପକ ରୁଦ୍ର ନାରାୟଣ ମିଶ୍ର,ପୁରୁଷୋତମ ସାହୁଙ୍କ ସମେତ ଯୁବ ନେତା ଧରଣୀଧର ବାଘଙ୍କ ସମେତ ମାଲକାନଗିରିରୁ ଆସିଥିବା ସାମାଜିକ କର୍ମୀ ଶୁକ୍ଳଧର ଖରା, ଯୁଗରୁ ଖରା, ଲକି ଖରା, ଉଶୋ ପୂଜାରୀ ପ୍ରମୁଖ ପୁଷ୍ପ ଓ ଦୀପ ଦାନ କରିବା ସହ ଗୌତମ ବୁଦ୍ଧ ସମଗ୍ର ବିଶ୍ୱକୁ ଆଲୋକିତ କରି ଏକ ବୈଜ୍ଞାନିକ ଚିନ୍ତା ଧାରାର ପ୍ରବର୍ତକ ବୋଲି କହିଥିଲେ ।

## କମୁଛି ହୀରାକୁଦ ଜଳଭଣ୍ଡାରର ଜଳପତ୍ତନ: ବଢୁଛି ପଟୁମାଟି

ସମ୍ୱଲପୁର,୧୩/୫(ନି. ପ୍ର): ହୀରାକୁଦ ନଦୀ ବନ୍ଧ ପାଇଁ ଏବେ ନିଅଣ୍ଟିଆ ଜଳ ଚିନ୍ତା । ଉପର ମୁଣ୍ଡରେ ଛତିଶଗଡର ବ୍ୟାରେଜ ନିର୍ମାଣ ସାଙ୍ଗକୁ ହୀରାକୁଦ ନଦୀବନ୍ଧରେ ଦିନକୁଦିନ ପଟୁ ମାଟିରେ ପୋତି ହେବାକୁ ବସିଥିବା ଯୋଗୁଁ ନଦୀବନ୍ଧରେ ଅସଲ ଜଳସ୍ତର ସ୍ୱଷ୍ଟ ହେଉନାହିଁ । ନଦୀବନ୍ଧରେ ପ୍ରାୟ ୭ ଫୁଟ ପଟୁ ମାଟି ପୋତି ହେଉଥିବା ଅନୁମାନ କରାଯାଉଥିବା ବେଳେ ଏହା ସରକାରୀ ସ୍ତରରେ କିଛି ସ୍ୱଷ୍ଟ ହେଉନାହିଁ । ତେଣୁ ହୀରାକୁଦ ନଦୀବନ୍ଧକୁ ବର୍ତମାନ ଉପର ମୁଣ୍ଡରୁ ଜଳ ଧାରଣ ଓ ନଦୀବନ୍ଧରେ ପଟୁ ମାଟି ଚିନ୍ତା ଘାରିଛି । ହୀରାକୁଦ ଡ୍ୟାମର ଜଳସ୍ତର ସାଙ୍ଘାତିକ ଭାବେ କମିବାରେ ଲାଗିଛି । ବିଗତ ବର୍ଷର ରେକର୍ଡ ଭାଙ୍ଗି ଜଳସ୍ତର ୩.୧୭ଫୁଟ ଖସିଛି । କ୍ରମାଗତ ଭାବେ ଜଳସ୍ତର ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି । ହୀରାକୁଦ ଡ୍ୟାମର ଜଳସ୍ତର ୬୦୮.୦୪ଫୁଟ ରହିଛି । ଗତବର୍ଷ ଆଜିର ଦିନରେ ଜଳସ୍ତର ୬୧୧, ୨୧ଫୁଟ ରହିଥିଲା । ଏହାକୁ ନେଇ ମହାନଦୀ ଉପରେ ନିର୍ଭର କରୁଥିବା ଲୋକେ ଚିନ୍ତାରେ ପଡି ଯାଇଛନ୍ତି । ଛତିଶଗଡ ଉପରମୁଣ୍ଡରେ ଡ୍ୟାମ ଓ ଆନିକଟ ନିର୍ମାଣ କରି ପାଣିକୁ ଅଟକାଇ ରଖିଛି । ଏହାଦ୍ୱାରା ଜଳସ୍ତର ଚିନ୍ତାଜନକ ଭାବେ ହ୍ରାସ ପାଉଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ହଜାର ୨୪୭ ଘନଫୁଟ ଜଳ ପ୍ରବେଶ କରୁଛି । ଲକ୍ଷାଧିକ ବଦଳରେ ମାତ୍ର ଅଳ୍ପ ପରିମାଣର ଜଳ ପ୍ରବେଶ କରୁଥିବାରୁ ୭ହଜାର ୬୨୮ଘନଫୁଟ ଜଳ ନିଷ୍କାସିତ କରାଯାଉଛି । ସେଥିମଧ୍ୟରୁ ୪ହଜାର ୨୯୪ଘନ ଫୁଟ ପାଞ୍ଜାର ଚେନାଲ, ୧ହଜାର ୯୯୭ ଘନଫୁଟ ଜଳସେଚନ, ୨୬୩ ଘନଫୁଟ ଶିଳ୍ପ, ୯୩୫ ଘନଫୁଟ ଜଳ ବାଷ୍ପୀଭୂତ ହେଉଛି । ଅଣମୌସୁମୀ ସମୟରେ ହୀରାକୁଦକୁ ଅଳ୍ପ ପରିମାଣ ଜଳ ପ୍ରବେଶ କରୁଥିବା ବେଳେ ମହାନଦୀର ତଳମୁଣ୍ଡରେ ଜଳପ୍ରବାହ ହାର ମଧ୍ୟ କମୁଛି । ଏହାଦ୍ୱାରା ମହାନଦୀର ତଳମୁଣ୍ଡରେ ରହୁଥିବା ଲୋକେ ପାଣି ଟୋପେ ପାଇଁ ବେଶ ହନ୍ତସନ୍ତ ହେଉଛନ୍ତି । ମହାନଦୀ ଓଡିଶାର ଜୀବନ ରେଖା । ମହାନଦୀ ପାଣିକୁ ଅଟକାଇ ହୀରାକୁଦ ନଦୀବନ୍ଧ ସ୍ଥାପନ କରା ଯାଇଛି । ଡ୍ୟାମରେ ଜଳସ୍ତର କମୁଥିବା ବେଳେ ମହାନଦୀ ଉପରେ ତାହାର ବେଶ ପ୍ରଭାବ ପଡୁଛି । ଅନେକ ସ୍ଥାନରେ ମହାନଦୀର ଶର୍ଯ୍ୟା ଶୃଙ୍ଖଳା ପଡି ରହିଛି । ଯେଉଁଠି ଦିନେ ପାଣି ଜମି ରହୁଥିଲା ତାହା ପୁଣି ପାଣି ବିନା ଟାଙ୍ଗରା ଭୂଇଁ ଦେଖାଗଲାଣି । ଏହାର ପ୍ରଭାବ ଜଳସେଚନ, ପାନୀୟ ଜଳ, ବିଦ୍ୟୁତ୍ ଉତ୍ପାଦନ ଉପରେ ପଡୁଛି । ସେହିପରି ମତ୍ସ୍ୟଜୀବୀଙ୍କ ଜୀବିକା ଓ ଜୈବ ବିବିଧତା ମଧ୍ୟ ପ୍ରଭାବିତ ହେଉଛି । ପାଣି ଅଭାବରୁ ୱାଟର ସ୍ପୋର୍ଟ୍ସ ଉପରେ ପ୍ରଭାବ ପଡୁଥିବା ବେଳେ ପର୍ଯ୍ୟଟନ ଶିଳ୍ପରେ ବାଧା ଉପୁଜୁଛି । ଓଡିଶା ଓ ଛତିଶ ଗଡ ମଧ୍ୟରେ ମହାନଦୀ ଜଳକୁ ନେଇ ବିବାଦ ରହିଛି । ବର୍ତମାନ ଟ୍ରିବୁନାଲରେ ମାମଲା ଥିବାବେଳେ ଉଭୟ ରାଜ୍ୟ ସରକାର ମଧ୍ୟରେ ଆଲୋଚନା ମାଧ୍ୟମରେ ସମାଧାନ କରାଯିବା ଜରୁରୀ ଅଟେ । ସମନ୍ୱୟ ଅଭାବରୁ ଏଭଳି ସମସ୍ୟା ଉପୁଜୁଛି । ଛତିଶଗଡ ସରକାରଙ୍କ ମନମାନୀ ଯୋଗୁଁ ମହାନଦୀ ଜଳ ସୁପରିଚାଳନା ହୋଇପାରୁନାହିଁ । ଯାହାର ପ୍ରଭାବ ବିଶେଷ ଭାବେ ଅଣମୌସୁମୀ ସମୟରେ ଦେଖିବାକୁ ମିଳୁଛି । ତେବେ ଖରାଦିନେ ମହାନଦୀରେ ପାଣି କମିବା ସ୍ୱାଭାବିକ ଅଟେ । ମାତ୍ର ମହାନଦୀର ଉପର ମୁଣ୍ଡରେ ଛତିଶଗଡ ସରକାର ବ୍ୟାରେଜ ନିର୍ମାଣ କରିବା ପରେ ଏଭଳି ସ୍ଥିତି ଉପୁଜିଥିବା ସାଧାରଣରେ ଆଲୋଚନା ହେବା ସହ ନଦୀବନ୍ଦରେ ପଟୁ ମାଟି ଅନ୍ୟ ଏକ ମୁଖ୍ୟ ଚିନ୍ତାର କାରଣ ପାଲଟିଛି ।

## ବ୍ରାଉନସୁଗାର ଜବତ: ୨ ଗିରଫ

ଭଦ୍ରକ,୧୩/୫(ନି. ପ୍ର): ଭଦ୍ରକ ପୁରୁଣା ବଜାର ଥାନା ଅଂଚଳରେ ବ୍ରାଉନ ସୁଗାର ଜବତ କରାଯାଇ ୨ ଜଣଙ୍କୁ ଗିରଫ କରାଯାଇଛି । ବିଶେଷ ସୂତ୍ରରୁ ଖବର ପାଇ ଭଦ୍ରକ ପୁରୁଣାବଜାର ଥାନାର ଏକ ଟିମ ସରିଦାବାଦ ବ୍ରିଜ ଉପରେ ବ୍ରାଉନ ସୁଗାର କାରବାର ହେବାକୁ ନେଇ ସୂଚନା ପାଇଥିଲା । ସେଠାରେ ପୋଲିସ ଟିମ ପହଂଚିଥିଲା । ଏକ ମଟର ସାଇକେଲ ଯୋଗେ ଦୁଇ ଜଣ ଯୁବକ ଶଙ୍କରପୁର ଅଂଚଳ କୁ ଫେରୁଥିବା ବେଳେ ତାଙ୍କ ଉପରେ ସନ୍ଦେହ ହେବାରୁ ଅଟକାଇଥିଲା ପୋଲିସ । ତାଙ୍କୁ ଚେକିଂ କରିବାରୁ ତାଙ୍କ ନିକଟରୁ ୩୫.୫ ଗ୍ରାମ ବ୍ରାଉନ ସୁଗାରକୁ ଜବତ କରିବା ସହ ଦୁଇ ଜଣ ଯୁବକଙ୍କୁ ଗିରଫ କରିବା ସହ ଏକ ମଟର ସାଇକେଲକୁ ଜବତ କରିଛି ପୁରୁଣାବଜାର ପୋଲିସ । ଏହି ଦୁଇ ଜଣ ଯୁବକ ହେଉଛନ୍ତି ଶଙ୍କରପୁର ଅଂଚଳର ଏସ.କେ ଦାୟନ ଓ ଫରଜାନ ସାହା (ସାହିଲ) । ଏହି ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୬୦ ହଜାର ଟଙ୍କା ହେବା ନେଇ ପୋଲିସ ପୁରୁଣାବଜାର ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମ୍ବିତ ମାଝୀ । ତେବେ ଏହି ଦୁଇ ଜଣ ବ୍ୟତୀତ ଆଉ କେଉଁ ମାନେ ଏହି ବ୍ରାଉନ ସୁଗାର କାରବାର ରେ ସମ୍ପୃକ୍ତ ଅଛି ତାହାକୁ ନେଇ ଅଧିକ ତଦନ୍ତ ଚଳାଇଛି ପୁଲିସ୍ ।

## ଭଦ୍ରକ ଗ୍ରାମାଂଚଳ ପୁଲିସ୍ ହାତରେ ଧରାପଡିଲା ଆନ୍ତଃରାଜ୍ୟ ଜାଲ୍ ନୋଟ ଗ୍ୟାଙ୍ଗ୍ : ମୁଖ୍ୟ ଅଭିଯୁକ୍ତ ସମେତ ୨ ଗିରଫ

ଭଦ୍ରକ,୧୩/୫(ନି. ପ୍ର): ଭଦ୍ରକ ଗ୍ରାମାଂଚଳ ଥାନା ପୁଲିସ ଏକ ଆନ୍ତଃରାଜ୍ୟ ନକଲି ନୋଟ କାରବାର କରୁଥିବା ଗ୍ୟାଙ୍ଗକୁ ଗିରଫ କରିବାରେ ସଫଳ ହୋଇଛି । ଏ ସଂପର୍କରେ ଗ୍ରାମାଂଚଳ ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଗତ ଦୁଇଦିନ ତଳେ ଏହି ଥାନା ଅଧୀନସ୍ଥ ଆନନ୍ଦବଜାରର ଏକ ଲେଡିଜ୍ କର୍ଣ୍ଣରରେ ୨ ଶହ ଟଙ୍କିଆ ଜାଲ୍ ନୋଟ୍ ଦେଇ ଅର୍ଣ୍ଣପାଳ ଅଂଚଳର ମାନସ ସାହୁ ନିଜର ଅନ୍ୟ ଜଣେ ସହଯୋଗୀଙ୍କ ସହ ପ୍ରସାଧନ ସାମଗ୍ରୀ କିଣିଥିଲା । ଦୋକାନୀ ଜଣକ ତାଙ୍କୁ ସାମଗ୍ରୀର ମୂଲ୍ୟ ୭୫ ଟଙ୍କା ରଖି ୧୨୫ ଟଙ୍କା ଫେରାଇ ଦେଇଥିଲେ । ପରବର୍ତୀ ସମୟରେ ମାନସ ପୁନର୍ବାର ଏକ ୨ ଶହ ଟଙ୍କିଆ ନୋଟ୍ ତାଙ୍କୁ ଦେଇ ଖୁଚୁରା ଦେବାକୁ କହିଥିଲା । ମାତ୍ର ଉକ୍ତ ଟଙ୍କାଟିକୁ ଦେଖି ଦୋକାନୀର ସନ୍ଦେହ ହେବାରୁ ସେ ତାହା ଅସଲି କି ନକଲି ଜାଣିବା ପାଇଁ ପାଖ ଦୋକାନୀକୁ ଦେଖାଇଥିଲେ । ଇତିମଧ୍ୟରେ ମାନସର ସନ୍ଦେହଜନକ ହାବଭାବ ଦେଖି ତାକୁ ସ୍ଥାନୀୟ ଲୋକେ ଘେରିଯାଇ ପଚରାଉଚୁରା କରୁଥିବାବେଳେ ତା ସହ ଆସିଥିବା ଅନ୍ୟ ଜଣେ ଯୁବକ ବାଇକ୍‌ରେ ସେଠାରୁ ଖସିଯିବାରେ ସକ୍ଷମ ହୋଇଥିଲା । ତେବେ ମାନସକୁ ଲୋକେ ଅଟକ ରଖି ଗୁଜିଦରଫା ଫାଣ୍ଡିକୁ ଖବର ଦେବାରୁ ସେମାନେ ଆସି ଗ୍ରାମାଂଚଳ ଥାନାକୁ ନେଇ ପଚରା ଉଚୁରା କରିଥିଲେ । ପୁଲିସ୍ ତା ନିକଟରୁ ୨୫ ଟି ଦୁଇଶହ ଟଙ୍କିଆ, ୪ଟି ପାଂଚଶହ ଟଙ୍କିଆ ଓ ଗୋଟିଏ ଏକଶହ ଟଙ୍କିଆ ନୋଟ୍ ମିଶି ସମୁଦାୟ ୭ ହଜାର ଏକଶହ ଟଙ୍କାର ଜାଲ୍ ନୋଟ୍ ଜବତ କରି ଗିରଫ କରିଥିଲା । ତେବେ ଏହି ଜାଲ୍‌ନୋଟ୍ କାରବାରକୁ ନେଇ ପୁଲିସ୍ ଅଧିକ ତଦନ୍ତ କରିବା ସମୟରେ ଏହାର ମୁଖ୍ୟ ଆନ୍ତଃରାଜ୍ୟ ଅଭିଯୁକ୍ତ ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଛଂଚିଣା ଅଂଚଳର ଚନ୍ଦ୍ରମଣି ବଳ ବୋଲି ମାନସ ଠାରୁ ଜାଣିବାକୁ ପାଇଥିଲା । ପରବର୍ତୀ ସମୟରେ ପୁଲିସ୍‌ର ଏକ ଟିମ୍ ଯାଜପୁରର ଚନ୍ଦ୍ରମଣିଙ୍କ ଘର ଉପରେ ଚଢାଉ କରି ତାହା ନିକଟରୁ ୨ ଲକ୍ଷ ୭୨ ହଜାର ୮ ଶହ ଟଙ୍କାର ନକଲି ନୋଟ୍ ସହ କଲର ପ୍ରିଂଟର ଓ କାଗଜ କଟର ଜବତ କରିଛି ।

## ଶ୍ରୀଲୋକନାଥଙ୍କ ପୀଠରେ ସରନ୍ତି ସୋମବାର

ପୁରୀ,୧୩/୫(ନି. ପ୍ର):- ଶ୍ରୀଲୋକନାଥଙ୍କ ପୀଠରେ ସରନ୍ତି ସୋମବାର ଭକ୍ତଙ୍କ ଗହଳି ପୁରୀ,୧୦/୫- ଶ୍ରୀକ୍ଷେତ୍ର ବାବା ଶ୍ରୀଲୋକନାଥଙ୍କ ପୀଠରେ ବୈଶାଖ ମାସ ଶେଷ ସୋମବାର ବା ସରନ୍ତି ସୋମବାରରେ ପ୍ରବଳ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା । ସରନ୍ତି ସୋମବାର ମେଳା ମୁଖ୍ୟତ ଚାଷୀମାନଙ୍କ ପର୍ବ । ଶ୍ରୀକ୍ଷେତ୍ରର ପଂଚକୋଶୀ ଅଂଚଳରୁ ବହୁ ଶ୍ରଦ୍ଧାଳୁ ବାବା ଶ୍ରୀଲୋକନାଥଙ୍କୁ ଦର୍ଶନ କରିବା ସହ ଚୁଡାଘଷା ଲାଗି କରିଥିଲେ । ଏହାକୁ ମଧ୍ୟ ପଂଚକୋଶୀ ଯାତ୍ରା କୁହନ୍ତି । ମନ୍ଦିର ବାହାରୁ ବେଢା ଓ ଗମ୍ଭୀରା ପର୍ଯ୍ୟନ୍ତ ଭକ୍ତଙ୍କ ଲମ୍ୱା ଧାଡି ଦେଖିବାକୁ ମିଳିଥିଲା । ଜାଗର ଚକଡାରେ ଶ୍ରଦ୍ଧାଳୁ ମାନେ ନିଷ୍ଠାର ସହ ଚୁଡ଼ାଘଷା ପ୍ରସ୍ତୁତି କରୁଥିବା ଦେଖିବାକୁ ମିଳିଥିଲା । ଏହି ଚୁଡାଘଷା ରେ ଗୁଣ୍ଡଚୁଡା, ଭଲ ଘିଅ,ନଡିଆ, ଚୁଡାଘଷା ମସଲା, ଗୁଡ ବା ଚିନି,ଗୋଲମରିଚ ଆଦି ଦ୍ରବ୍ୟ ମିଶ୍ରିତ କରି ବଡତାଟରେ ଚୁଡା ଘଷି ଭୋଗ ଅର୍ପଣ କରିଥିଲେ । ଓମ ନମଃ ଶିବାୟ ଧ୍ୱନିରେ ଲୋକନାଥଙ୍କ ମନ୍ଦିର ପରିସର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ବାବା ଶ୍ରୀଲୋକନାଥଙ୍କ ଦ୍ୱାରଫିଟା, ମଙ୍ଗଳ ଆଳତୀ, ମଇଲମ,ସୂର୍ଯ୍ୟ ପୂଜା ସହ ସମସ୍ତ ନୀତିକାନ୍ତି ପରେ ସର୍ବସାଧାରଣ ଦର୍ଶନ କରିଥିଲେ ଭକ୍ତ ଓ ଶ୍ରଦ୍ଧାଳୁ । ପାର୍ବତୀ ସାଗରରେ ଭକ୍ତ ମାନେ ପାଦ ଧୋଇବା ପରେ ବେଲପତ୍ର, କଦଳୀ, ଚୁଡା, ନଡିଆ ଭୋଗଲାଗି କରିଥିଲେ । ଭକ୍ତମାନେ ଦୀପ ଜାଳିବା ସହ ନିଜ ନିଜର ମନସ୍କାମନା ପୂରଣ କରିବା ପାଇଁ ବାବା ଶ୍ରୀଲୋକନାଥଙ୍କୁ ପ୍ରାର୍ଥନା କରୁଥିଲେ । ବାବା ଶ୍ରୀଲୋକନାଥଙ୍କୁ ଦର୍ଶନ ପରେ ଭକ୍ତମାନେ ଭକ୍ତି ଭାବନାରେ ଭାବବିହ୍ୱଳ ହୋଇପଡିଥିବା ଦେଖିବାକୁ ମିଳିଥିଲା । ଜାଗର ପଦାରେ କଦଳୀ, ନଡିଆ, ବେଲପତ୍ର,ଫୁଲ ପସରା , ରୂପ ଦୋକାନ ,ସମେତ ପିଲାମାନଙ୍କ ଖେଳଣା, ଘର ସାମଗ୍ରୀ ସରଞ୍ଜାମ, ଦହିବରା, ଚାଟ, ଦୋକାନ ମାନଙ୍କରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆପଣଙ୍କ ସେବାରେ କର୍ମକର୍ତାମାନେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଟଙ୍କତୋରାଣୀ ବଂଟନ କରୁଥିବା ବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପାନୀୟଜଳ ଯୋଗାଣ ଓ ଭକ୍ତ ମାନଙ୍କୁ ସେବା ଯୋଗାଇଥିଲେ । ଶ୍ରୀଲୋକନାଥଙ୍କ ମନ୍ଦିର ଟ୍ରଷ୍ଟ ଓ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳାର ସହ ସୁଖଦ ଦର୍ଶନ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ଅସହ୍ୟ ଗ୍ରୀଷ୍ମରେ ଉତ୍କଟ ଜଳ ସଙ୍କଟ: ୮୦ ପରିବାର ପାଇଁ ଗୋଟିଏ ନଳକୂପ , ହେଲେ ଦୀର୍ଘ ବର୍ଷ ଧରି ଅଚଳ

ସମ୍ୱଲପୁର,୧୩/୫(ନି. ପ୍ର): ଜନସ୍ୱାସ୍ଥ୍ୟ ବିଭାଗର ଖାମଖିଆଲି ନୀତି ଯୋଗୁଁ ବଢୁଛି ଜନ ଅସନ୍ତୋଷ । ବର୍ତମାନର ଅସହ୍ୟ ଗ୍ରୀଷ୍ମକୁ, ପିଇବା ପାଣିର ଅଭାବ ସମ୍ପୂର୍ଣ୍ଣ ଜନ ଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି । ଗ୍ରାମାଂଚଳ ଗୁଡ଼ିକରେ ପଂଚାୟତର ସରପଂଚଙ୍କ ଠାରୁ ଆରମ୍ଭ କରି ବ୍ଲକର ବିଡ଼ିଓ ଏପରିକି ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗରେ ଅଭିଯୋଗ ପରେ ଅଭିଯୋଗ କରୁଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ । ସମ୍ୱଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ଭୋଜପୁର ପଂଚାୟତର ସୋଲଘରା ଗ୍ରାମରେ ଏବେ ଉତ୍କଟ ପାନୀୟ ଜଳ ସମସ୍ୟା ମୁଣ୍ଡ ଟେକିଛି । ଏ ସମ୍ପର୍କରେ ଗ୍ରାମବାସୀ ନିଜ ସକ୍ଷମ ଅନୁଯାୟୀ ବିଭିନ୍ନ ମହଲରେ ଅଭିଯୋଗ କରି ଆସୁଥିଲେ ମଧ୍ୟ ଏ ଦିଗରେ ଅଦ୍ୟାବଧି ପଂଚାୟତ, ବ୍ଲକ କିମ୍ୱା ଜିଲ୍ଲା ପ୍ରଶାସନ ପକ୍ଷରୁ କୈାଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ୩ଶହ ଜନ ସଂଖ୍ୟା ବିଶିଷ୍ଟ ସୋଲଘରା ଗ୍ରାମରେ ପ୍ରାୟ ୮୦ଟି ପରିବାର ରହୁଛନ୍ତି । ଗ୍ରାମରେ ଥିବା ଏକମାତ୍ର ନଳକୂପ ଯାହାକି ଦୀର୍ଘ ଦିନରୁ ଅଚଳ ରହିଛି । ଯାହା ଫଳରେ ନିତ୍ୟ ବ୍ୟବହାର୍ଯ୍ୟ ପାଣି ଲୋକେ ଦୁରଦୁରାନ୍ତରୁ ଆଣିଥାନ୍ତି ବୋଲି କୁହନ୍ତି ଗ୍ରାମର ବୟୋଜ୍ୟେଷ୍ଠ ପଂଚାନନ ମାଝୀ । ସେହିପରି ଗ୍ରାମବାସୀ ଜ୍ୟୋତି କିଷାନ କହିଛନ୍ତି ଯେ ଗ୍ରାମର ଏକମାତ୍ର ନଳକୂପ ଅଚଳ ସମ୍ପର୍କରେ ଅଭିଯୋଗ କରିବା ପରେ ବି ପ୍ରଶାସନ ଅଦ୍ୟାବଧି କୌଣସି ବିକଳ୍ପ ବ୍ୟବସ୍ଥା ଯୋଗାଇ ଦେବାକୁ ଗୁରୁତ୍ୱ ଦେଇନାହିଁ । ପାଣି ସମସ୍ୟା ନେଇ ଗ୍ରାମରେ ଆଉ ୨ ଟି ନଳକୂପ ସ୍ଥାପନା ନେଇ ବାରମ୍ୱାର ଗ୍ରାମବାସୀଙ୍କ ଦାବିକୁ ମଧ୍ୟ ଜନସ୍ୱାସ୍ଥ୍ୟ ବିଭାଗ ଅଣଦେଖା କରିଚାଲିଛି । ଏ ସମ୍ପର୍କରେ ଭୋଜପୁର ସରପଂଚଙ୍କୁ ପଚାରିବାରେ ଅତି ଚତୁରତାର ସହ କହିଛନ୍ତି 'ଆମେ ପାଣିକୁ ପ୍ରଥମ ପ୍ରାଧାନ୍ୟ ଦେଇଥାଉ, ଗ୍ରାମବାସୀଙ୍କ ଅଭିଯୋଗ ପାଇବା ମାତ୍ରେ ମୁଁ ତୁରନ୍ତ ଜନସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଛି । ସନ୍ଧ୍ୟା ସୁଦ୍ଧା ଏହାର ସମାଧାନ ହୋଇଯିବ ବୋଲି ବିଭାଗ ପକ୍ଷରୁ କୁହା ଯାଇଥିବା' ସଫେଇ ଦେଇଛନ୍ତି । ସେହିପରି ବାହାଘର ବେଳେ ବାଇଗଣ ରୁଆ ଭଳି ଉତ୍କଟ ପାଣି ସଙ୍କଟରେ ଲୋକେ ଛଟପଟ ହେଉଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ଅଚଳ ନଳକୂପ ମରାମତି କରିବା ତୀବ୍ର ଅସନ୍ତୋଷର କାରଣ ପାଲଟିଛି । ଗ୍ରାମରେ ଉତ୍କଟ ଜଳ ସଙ୍କଟ ଦେଖା ଦେଇଥିବା ବେଳେ ପଂଚାୟତର ସରପଂଚ ଓ ବ୍ଲକର ଉନ୍ନୟନ ଅଧିକାରୀଙ୍କ ଖାମଖିଆଲ ନୀତିରେ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ପ୍ରଖର ଗ୍ରୀଷ୍ମ ସମୟରେ ଏଭଳି ଜଳ ସଙ୍କଟକୁ ଦୃଷ୍ଟିରେ ରଖି ଏହାର ସମାଧାନ କରିବାରେ ଜିଲ୍ଲାପାଳ କି ପଦକ୍ଷେପ ନେବେ ଏବେ ତାକୁ ହିଁ ଦେଖିବାକୁ ଅପେକ୍ଷା ।

## ଜୟପୁରରେ ପିଲାଙ୍କ ମୁହଁରେ ହସ କାର୍ଯ୍ୟକ୍ରମ

ଜୟପୁର,୧୩/୫(ନି. ପ୍ର): ଜୟପୁର ବିଜୁ ପଟ୍ଟନାୟକ ଶାନ୍ତି ଉଦ୍ୟାନ ପରିସରରେ ବଲାଙ୍ଗୀର ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ନିର୍ଝରିଣୀ ତରଫରୁ ନିଆରା ସମ୍ପର୍କ ପିଲାଙ୍କ ମୁହଁରେ ହସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସମ୍ପାଦକ ବିରଂଚି ନାରାୟଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଅଧ୍ୟାପକ ଡ.ସୁଧାଂଶୁ ଶେଖର ପଟ୍ଟନାୟକ,ସମ୍ମାନିତ ଅତିଥି ଭାବରେ ସମାଜସେବୀ ପ୍ରମୋଦ କୁମାର ରାଉଳ,ଅବିନାଶ ସାନ୍ତାପାତ୍ର ଯୋଗ ଦେଇଥିଲେ ।ପାର୍କରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ,ବେଲୁନ ଫୁଙ୍କା,ବାଟି ଚାମଚ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇଥିଲା ।ଚିତ୍ରାଙ୍କନରେ ଆରୁଷ ପଟ୍ଟନାୟକ ପ୍ରଥମ ଓ ଅଭୀପ୍ସା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ।

# ମୟୂରଭଞ୍ଜର ବିଭିନ୍ନ ବ୍ଲକ ପାଇଁ ୪୨୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ବିଶୋଇ /ବାରିପଦା, ୧୩/୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ମୟୂରଭଞ୍ଜର ବିଶୋଇ ଠାରେ ଜିଲ୍ଲାର ରାଇରଙ୍ଗପୁର ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବ୍ଲକ ପାଇଁ ୪୨୦ କୋଟିରୁ ଉର୍ଦ୍ଧ୍ୱଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ, ବିଶୋଇ ବ୍ଲକ ସଦରମହକୁମା ଠାରେ ଏକ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ଓ ବିଶୋଇ ସ୍ଥିତ ମିନି ଷ୍ଟାଡିଅମକୁ ମହାପୁରୁଷ ଧରଣୀଧର ନାଏକଙ୍କ ନାମରେ ନାମିତ କରିବା ଏବଂ ସେଠାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସୂଚନାଯୋଗ୍ୟଯେ ଜିଲ୍ଲାର ବିଭିନ୍ନ ବ୍ଲକ ପାଇଁ ୪୨୦ କୋଟିରୁ ଉର୍ଦ୍ଧ୍ୱଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ମଧ୍ୟରେ ୩୨୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୩୩ଟି ପ୍ରକଳ୍ପର ଶୁଭ ଉଦ୍‌?ଘାଟନ ଏବଂ ୯୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୫୨ ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଶୋଇ ମିନିଷ୍ଟାଡିଅମ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ମୟୂରଭଞ୍ଜ ଜିଲ୍ଲାର ବିକାଶ ଯାତ୍ରାରେ ଏ ସବୁ ପ୍ରକଳ୍ପ ଗୁଡ଼ିକ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିଲା। ଆଜି ଦିନଟି ଜିଲ୍ଲାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ଏହି ସମସ୍ତ ପ୍ରକଳ୍ପ ଗୁଡ଼ିକ ରାଇରଙ୍ଗପୁର, କୁସୁମି, ବିଜାତଳା, ବହଳଦା, ଜାମ୍‌ଦା, ତିରିଂ ଅଞ୍ଚଳରେ ବିକାଶର ଏକ ନୂଆଧାରା ସୃଷ୍ଟି କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୂଳଦୁଆ ପକାଇବ। ଏହି ସବୁ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ, ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ, ବିଦ୍ୟାଳୟ ଭିତ୍ତିଭୂମି ଉନ୍ନତି କରଣ, ବ୍ୟାଙ୍କ ସୁବିଧା, ସ୍ୱାସ୍ଥ୍ୟକେନ୍ଦ୍ର, ସଡକ ନିର୍ମାଣ ପ୍ରକଳ୍ପ, ଆଦିବାସୀ ସଂସ୍କୃତି ଭବନ ଏବଂ ଅନ୍ୟାନ୍ୟ ସରକାରୀ ଭିତ୍ତିଭୂମି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେଯେ, ଗତ ୧୧ ମାସରେ ଆମେ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ସମର୍ଥ ହୋଇଛୁ। ଏହି ସ୍ୱଳ୍ପ ସମୟ ମଧ୍ୟରେ ଶ୍ରୀ ମନ୍ଦିରର ଚାରିଦ୍ୱାର ଖୋଲିବା ହେଉ କିମ୍ବା ମା'ମାନଙ୍କ ପାଇଁ ସୁଭଦ୍ରା ହେଉ, କି ଚାଷୀ ଭାଇମାନଙ୍କ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ହେଉ ମାତ୍ର ୨୪ ମିନିଟରେ ନିର୍ଣ୍ଣୟ ନେଇଥିଲୁ ଯାହା ଗତ ୨୪ ବର୍ଷରେ ହୋଇ ପାରି ନଥିଲା। ସୁଭଦ୍ରା ଓ ଚାଷୀମାନଙ୍କ ପାଇଁ ସହାୟତା ଆଜି ଗ୍ରାମାଞ୍ଚଳର ଅର୍ଥନୀତିକୁ ମଜବୁତ୍ କରିଛି । ଆହୁରି ମଧ୍ୟ ଚାଷୀଭାଇ ମାନଙ୍କ ପାଇଁ ଆମେ ସିଏମ୍ କିଷାନ ଯୋଜନା ଆରମ୍ଭ କରିଛୁ। ସୁଭଦ୍ରା ଯୋଜନାରେ ଆଜି ରାଜ୍ୟର ୧ କୋଟିରୁ ଉର୍ଦ୍ଧ୍ୱ ମହିଳା ଉପକୃତ ହୋଇଛନ୍ତି। ରାଜ୍ୟର ୧୭ ଲକ୍ଷ ମହିଳା ଆଜି ଲକ୍ଷପତି ଦିଦି ହୋଇଛନ୍ତି। ଆଜି କେନ୍ଦ୍ରସରକାରଙ୍କ ସହଯୋଗରେ ଓଡ଼ିଶାରେ ଶିଳ୍ପାୟନ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବା ପାଇଁ ଯାଉଛି। ଆମ ସରକାର ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି। ଉତ୍କର୍ଷ ଓଡ଼ିଶାର ଅପାର ସଫଳତା ଆମ ପାଇଁ ଏହି ନୂଆ ସୁଯୋଗ ଆଣିଛି। ସମଗ୍ର ଓଡ଼ିଶାରେ ବ୍ୟାପକ ଶିଳ୍ପାୟନର ସମ୍ଭାବନା ସୃଷ୍ଟି ହୋଇଛି। ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଆଗାମୀ ଦିନରେ ଅନେକ ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବ । ଜିଲ୍ଲାରେ ୧୦ ହଜାର କୋଟି ଟଙ୍କାର ଶିଳ୍ପ ପ୍ରତିଷ୍ଠା ହେବ। ଏହି ଶିଳ୍ପାୟନ ଜିଲ୍ଲାର ବିକାଶକୁ ଦ୍ୱିଗୁଣିତ କରିବା ସହିତ ଜିଲ୍ଲାବାସୀଙ୍କ ରୋଜଗାର ଓ ନିଯୁକ୍ତି ପାଇଁ ବ୍ୟାପକ ସୁଯୋଗ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆମ ସରକାର ହେଉଛି, ଲୋକଙ୍କ ସରକାର। ଆମେ କଥାରେ ନୁହେଁ, କାମରେ ବିଶ୍ୱାସ କରୁ। ଶାସନ ବ୍ୟବସ୍ଥାରେ ଏଥିପାଇଁ ଆମେ ପରିବର୍ତ୍ତନ ଆଣିଛୁ । ବର୍ଷ ବର୍ଷ ଧରି ଲୋକଙ୍କ ଆପତ୍ତି ଅଭିଯୋଗ ସରକାର ଓ ଜନ ପ୍ରତିନିଧିମାନେ ଶୁଣୁ ନଥିଲେ। ଆମେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛୁ। ସେଥିପାଇଁ ନିର୍ବାଚିତ ଲୋକ ପ୍ରତିନିଧିମାନେ ସିଧାସଳଖ ଭାବେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ତାର ସମାଧାନର ବ୍ୟବସ୍ଥା କରୁଛନ୍ତି । ଓଡ଼ିଶାର ବିଶେଷ କରି ଗ୍ରାମାଞ୍ଚଳର ମହିଳାମାନେ ଆଜି ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ ଓ ସ୍ୱାବଲମ୍ବୀ ହୋଇଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳବାସୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ନିଶ୍ଚିତ ରୂପେ ଏକ ଭଲ ସମୟ ଆସିଛି ବୋଲି ସେ କହିଥିଲେ। ୨୦୩୬ ସୁଦ୍ଧା ଏହି ସବୁ ଲକ୍ଷ୍ୟ ହାସଲ କରିବା ପାଇଁ ଆମେ ୩୬ଟି ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛୁ। ଏହାକୁ କୁହାଯାଉଛି '୩୬ ପାଇଁ ୩୬' । ଆପଣମାନଙ୍କ ସହଯୋଗରେ, ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ଉଦ୍ୟମରେ ଆମେ ଗଢ଼ିବୁ ସମୃଦ୍ଧ ଓଡ଼ିଶା। ଏହା ହେବ ଆମ ସମସ୍ତଙ୍କର ସ୍ୱପ୍ନର ଓଡ଼ିଶା। ସମୃଦ୍ଧ ଓଡ଼ିଶାରେ ଆମେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଭିତ୍ତିଭୂମି ଆଦି ସବୁ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାର ଲକ୍ଷ୍ୟ ରଖିଛୁ । ତା'ସହିତ ସମାଜର ଶେଷଧାଡ଼ିରେ ରହୁଥିବା ଭାଇଭଉଣୀ ମାନଙ୍କୁ ଯେପରି ସବୁ ପ୍ରକାର ମୌଳିକ ସୁବିଧା ଉପଲବ୍ଧ ହେବ, ସେ ଦିଗରେ ମଧ୍ୟ ଆମର ଉଦ୍ୟମ ରହିଛି। ସମସ୍ତଙ୍କୁ ବିଶୁଦ୍ଧ ପାଣି, ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା, ବିଜୁଳି, ଗମନାଗମନ ସୁବିଧା ଏ ସବୁ ଉପଲବ୍‌?ଧ ହେବ ବୋଲି ମୁଖ୍ୟମନ୍ତ୍ରୀ ଶେଷରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ହିତାଧିକାରୀଙ୍କୁ ମୃତ୍ୟୁ ସହାୟତା ରାଶି, ଶ୍ରମିକ ମାନଙ୍କ କନ୍ୟା ମାନଙ୍କ ପାଇଁ ବିବାହ ପ୍ରୋତ୍ସାହନ ରାଶି ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ,ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂଖୁଣ୍ଟିଆ, ମୟୂରଭଞ୍ଜ ସାଂସଦ ଶ୍ରୀମତୀ ମମତା ମହାନ୍ତ, ବାଲେଶ୍ୱର ସାଂସଦ, ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ସାଂସଦ, ଶ୍ରୀ ନବଚରଣ ମାଝୀ, ଉଦଳା ବିଧାୟକ ଶ୍ରୀ ଭାସ୍କର ଚନ୍ଦ୍ର ମଢେଇ, ରାଇରଙ୍ଗପୁର ବିଧାୟକ, ଶ୍ରୀ ଜଲେନ ନାଏକ,ବାରିପଦା ବିଧାୟକ, ଶ୍ରୀ ପ୍ରକାଶ ସୋରେନ, ପ୍ରମୁଖ ମଂଚାସୀନ ଥିଲେ। କାର୍ଯ୍ୟକ୍ରମରେ ସାରସକଣା ବିଧାୟକ, ଶ୍ରୀ ଭାଦବ ହାଁସଦା ସ୍ୱାଗତଭାଷଣ ଦେଇଥିବା ବେଳେ, ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଂଚ ବନ କର୍ମଚାରୀଙ୍କୁ ଗିରଫ କଲା ଭିଜିଲାନ୍ସ

ମୁଖୀଗୁଡ଼ା, ୧୩/୫ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅଧିନସ୍ଥ ଜୟପାଟଣା ରେଞ୍ଜ ରେ ବୃକ୍ଷ ରୋପଣ ଟଙ୍କାକୁ ଅପବ୍ୟବହାର ଅଭିଯୋଗ କାର୍ଯ୍ୟରତ ପାଂଚ ଜଣ ବନ କର୍ମଚାରୀକୁ ଭିଜିଲାନ୍ସ ଗିରଫ କରିଥିବା ଜଣାପଡିଛି। ସେମାନେ ହେଲେ ଡେପୁଟି ରେଞ୍ଜର ଶୈଳେନ୍ଦ୍ରୀ ବାଗ, ଫରେଷ୍ଟର ଉମେଶ ରାଉତ,ଦେବରାଜ ସୁନାନୀ ଓ ଫରେଷ୍ଟ ଗାର୍ଡ ଅଶୋକ ସାହୁ ଓ ଲଳିତ ନାଏକ।ସୂଚନା ଅନୁଯାୟୀ ବୃକ୍ଷ ରୋପଣ ନା ରେ ସରକାରୀ ଟଙ୍କା କୁ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ କୁ ଭିତି କରି ଓଡିଶା ଭିଜିଲାନ୍ସ ପକ୍ଷରୁ ଏକ ୨୫ ଜଣିଆ ଅଧିକାରୀ ଦଳ ଅନୁସନ୍ଧାନ କରିଥିଲେ।ରେଞ୍ଜର ବୃକ୍ଷ ରୋପଣ ସ୍ଥାନ ଗୁଡ଼ିକରେ ଯାଂଚ କରାଯାଇଥିଲା। ବୃକ୍ଷ ଗଣନା ବେଳେ ସରକାରୀ ଟଙ୍କାକୁ ଅପବ୍ୟବହାର ସହ ଦୁର୍ନୀତି ସାମ୍ନାକୁ ଆସିଥିଲା। ବୃକ୍ଷ ରୋପଣ ପାଣ୍ଠି ର ଟଙ୍କାକୁ ବେନାମୀ ବ୍ୟାଙ୍କ ଆକାଉଂଟକୁ ପଠାଯାଇ ପରବର୍ତୀ ସମୟରେ ସେଇ ଟଙ୍କା ଉଠାଣ କରାଯାଇଛି। ଆର୍ଥିକ ବର୍ଷ ୨୦୨୩-୨୪ ରେ ଚମ୍ପାଚୁଆ -୧ ରେ ୧୬ ଶହ ଗଛର ୪୩ ଲକ୍ଷ ୭୫ ହଜାର ୬୩୪ ଟଙ୍କା, ଚମ୍ପାଚୁଆ-୨ ରେ ୧୬ ଶହ ଗଛର ୬ ଲକ୍ଷ ୬୭ ହଜାର ୪୪୬ ଟଙ୍କା, ଖମାରପଦର ବଡ଼ହିଲରେ ୮ଶହ ଗଛର ୧୨ ଲକ୍ଷ ୭୬ ହଜାର ୨୯୧ ଟଙ୍କା,ଖମାରପଦର ଏଏନଆର ରେ ୪ ଶହ ଗଛ ର ୫ ଲକ୍ଷ ୧୨ ହଜାର ୫୧୯ ଟଙ୍କା କୁ ମିଶାଇ ସର୍ବମୋଟ ୭୯ ,ଲକ୍ଷ ୫୪ ହଜାର ୬୩୫ ଟଙ୍କା ଅପବ୍ୟବହାର ହୋଇଥିବା ଜଣାପଡିଛି।

# ବାପା ଛେଉଣ୍ଡ ଦୁଇ ନାବାଳକ ଭାଇଙ୍କୁ ସହାୟତାର ହାତ ବଢ଼ାଇଲେ ହେଲ୍ପ ଫର ୟୁ ଫାଉଣ୍ଡେସନ




ଜଳେଶ୍ୱର, ୧୩/୫ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ମଙ୍ଗା ପୋଖରୀ ଘଟଣା। ସତରେ ଦୁଃଖ କଣ ଏମିତି ବି ଆସେ।ବାପା ମା ମୃତ୍ୟୁ ପରେ ଅସହାୟ ଓ ବେସାହାରା ହୋଇ ପଡିଛନ୍ତି ଦୁଇ ନାବାଳକ ପିଲା। ମୁଣ୍ଡ ଉପରୁ ଚାଲି ଯାଇଛି ବାପା ମାଆ ର ସ୍ନେହ, ଶ୍ରଦ୍ଧା ଓ ଆଶିର୍ବାଦ। ପରିବାର କହିଲେ ସୃଷ୍ଟିଧର ସିଂ, ଧର୍ମ ପତ୍ନୀ ସିମା ସିଂ ଓ ଦୁଇ ପୁଅ। ପ୍ରଥମେ ଆଠ ବର୍ଷ ପୂର୍ବେ ବାପା ହୃଦଘାତରେ ଜୀବନ ଚାଲିଗଲା। ତଥାପି ମାଆ ସିମା ସିଂ ଦୁଇ ପୁଅକୁ ବଡ ମଣିଷ କରିବା ପ୍ରୟାସରେ ନିଜେ କାମ ଧନ୍ଦା କରି ବେଶ ହସ ଖୁସିରେ ପରିବାର ଚଳାଇ ଆସୁ ଥିଲେ। ହଠାତ୍ ଯେମିତି ଏ ପରିବାରକୁ ଦୁଃଖର କଳାବାଦଲର ଛାଇ ଘୋଟି ଆସିଲା। କିଛି ଦିନ ତଳେ ମାଆ ଶ୍ରମିକ ଭାବରେ କାର୍ଯ୍ୟ କରୁ କରୁ ହୃଦ ଘାତରେ ଜୀବନ ଚାଲି ଗଲା। ଏବେ ବଡ ପୁଅ ଅନୁପ ସିଂ ଓ ସାନ ପୁଅ ସନୁ ସିଂ ବାପା ମାଆ ଛେଉଣ୍ଡ ହୋଇ ଯାଇଛନ୍ତି। ମାଆର ଅନ୍ତେଷ୍ଟି କ୍ରିୟା ପାଇଁ ଅର୍ଥ ସାଜିଥିଲା ବାଧକ। ଏହି ଘଟଣାଟି ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଆରୁହା ପଞ୍ଚାୟତର ମଙ୍ଗା ପୋଖରୀ ସାହିରେ ଘଟିଛି। ଏ ହୃଦୟ ବିଦାରକ ଦୃଶ୍ୟ ସେଠାକାର ଅଞ୍ଚଳବାସୀ ଖବର ଦେବା ପରେ ହେଲ୍ପ ଫର ୟୁ ଫାଉଣ୍ଡେସନ ସେଠାରେ ଉପସ୍ଥିତ ହୋଇ ଜନ ସେବାକୁ ମହାନ ବ୍ରତ ବୋଲି ଭାବି ନିଃସ୍ୱାର୍ଥପର ଭାବନା ରଖି ସଂଗଠନ ର ସମସ୍ତ ସଦସ୍ୟ ସଦସ୍ୟାମାନେ ମିଶି କିଛି କିଛି ଆର୍ଥିକ ବଳରେ ମାଆର ଅନ୍ତେଷ୍ଟି କ୍ରିୟା ପାଇଁ ୫ ହଜାର ୫ ଶହ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଦୁଇ ପିଲା ପାଇଁ ପାଠ୍ୟ ସାମଗ୍ରୀ, ରେସନ, ପନିପରିବା, ନୂତନ ବସ୍ତ୍ର ଇତ୍ୟାଦି ଯୋଗାଇ ଦେଇଛନ୍ତି। ହେଲ୍ପ ଫର ୟୁ ଫାଉଣ୍ଡେସନ ସଂଗଠନର ମହାନତା ଜୀବନର ମୂଲ୍ୟବୋଧତାକୁ ବୁଝାଇ ଦେଉଛି ଯେ ନିଜ ପାଇଁ ନୁହେଁ ବରଂ ଅନ୍ୟର ଖୁସି ପାଇଁ ବଞ୍ଚିବାଟା ହିଁ ଜୀବନ ହୋଇ ଥାଏ। ସଂଗଠନର ଏଭଳି ମହାନ କାର୍ଯ୍ୟକୁ ଅଞ୍ଚଳବାସୀ ଭୁରି ଭୁରି ପ୍ରଶଂସା କରିଥିବା ଜଣା ପଡ଼ିଛି।

# ପଣ୍ଡିତ୍ ରଘୁନାଥ ମୁର୍ମୁଙ୍କ ୧୨୦ତମ ଜନ୍ମ ବାର୍ଷିକୀ





ବାଲିଆପାଳ/ଲଙ୍ଗଳେଶ୍ୱର, ୧୩/୫ (ନି.ପ୍ର): ଆଦିବାସୀଙ୍କ ଭଗବାନ୍ ତଥା ଅଲଚିକି ଭାଷାର ସ୍ରଷ୍ଟା ସ୍ୱର୍ଗତ ପଣ୍ଡିତ୍ ରଘୁନାଥ ମୁର୍ମୁ ଙ୍କ ୧୨୦ ତମ ଜନ୍ମ ଜୟନ୍ତୀ ବେସ୍ ଧୁମଧାମରେ ପାଳନ ହୋଇଛି। ତେବେ ବାଲିଆପାଳ ବ୍ଲକ ସାଉଡି ପଞ୍ଚାୟତର ଡିଗିରିପାହି ଗ୍ରାମରେ ଆଦିବାସୀ ସମାଜ୍ ପକ୍ଷରୁ ଜନ୍ମ ଜୟନ୍ତୀ ପାଳିତ ହୋଇଥିବା ବେଳେ ସାମାଜିକ ସଂଗଠନ ଦ୍ୱାରା ଗ୍ରାମ ପରିକ୍ରମା ସହିତ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସଂଘର ସଭାପତି ଦାକ୍ଷିଣ୍ ମୁର୍ମୁ ସଭାପତିତ୍ୱ କରିଥିବା ବେଳେ, ସାନ୍ତାଳୀ ସମାଜକୁ ପଣ୍ଡିତ୍ ରଘୁନାଥ ମୁର୍ମୁ ଙ୍କର ଅବଦାନ ବାବଦରେ ଆଲୋଚନା କରିଥିଲେ।ପଣ୍ଡିତ୍ ରଘୁନାଥ ମୁର୍ମୁ ଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ଯୁବ ସମାଜକୁ ଅତିଥି ମାନେ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ଶତାଧିକ ଆଦିବାସୀ ମାନେ ଯୋଗଦାନ କରିଥିବା ବେଳେ ଗ୍ରାମ ମୁଖିଆ ସତ୍ୟନାରାୟଣ ମାରାଣ୍ଡି ସନାତନ ମୁର୍ମୁ ମଥୁରା ହେମ୍ବ୍ରମ ମାୟା ଟୁଡୁ ତୁଳସୀ ହାସଦା ଦାଖିନ୍ ମୁର୍ମୁ ସଂପାଦକ ଭିଲୁ ମୁର୍ମୁ ଗିଛ ମୁର୍ମୁ ସୁମିତା ମୁର୍ମୁ ଦୁଲି ସରେନ୍ ବରେନ୍ଦ୍ର ମୁର୍ମୁ ରାମୁ ବାସ୍କେ ପ୍ରମୁଖ ଉପସ୍ଥିତ ରେ ଜନ୍ମ ଜୟନ୍ତୀ ପାଳିତ ହୋଇଥିଲା।

## ବିଶ୍ୱଶାନ୍ତି ମହାଯଜ୍ଞରେ ବିଧାୟକଙ୍କ ଯୋଗଦାନ

କେନ୍ଦ୍ରାପଡା, ୧୩/୫ (ନି.ପ୍ର): କେନ୍ଦ୍ରାପଡା ଦୁହୁରିଆ ଠାରେ ପଂଚମ ଦିନ ବ୍ୟାପି ଅନୁଷ୍ଠିତ ମା କେନ୍ଦୁଖାଇ ଠାକୁରାଣୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞରେ ବିଧାୟକ ଶ୍ରୀ ଗଣେଶ୍ୱର ବେହେରା ଯୋଗ ଦେଇ ମାଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ଜଗତର କଲ୍ୟାଣ ଓ ବିଶ୍ୱରେ ଶାନ୍ତି ବିରାଜମାନ ସହ କେନ୍ଦ୍ରାପଡା ବାସୀଙ୍କ ସୁଖ ସୌହାର୍ଦ୍ଦ୍ୟ କାମନା କରିଛନ୍ତି । ୫ଦିନ ବ୍ୟାପି ଏହି ଯଜ୍ଞରେ ଅଙ୍କୁରାରୋପଣ ଠାରୁ ଆରମ୍ଭ କରି କଳସ ଯାତ୍ରା, ଗୁରୁ, ସୂର୍ଯ୍ୟ, ଧେନୁପୂଜା ସହ ଘୃତାହୂତି ଓ ଚଣ୍ଡିପାଠ ଅନୁଷ୍ଠିତ ହୋଇଥିଲା । ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ବେହେରା ଯୋଗଦାନ କରିବା ସହ ମାଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ ଓ ଯଜ୍ଞ କର୍ମକର୍ତାଙ୍କ ସହ ଆଲୋଚନା କରିଥିଲେ ।

# ମୁକ୍ତ ବିଶ୍ୱବିଦ୍ୟାଳୟର ନୂତନ ଆଞ୍ଚଳିକ କେନ୍ଦ୍ର ଉଦ୍‌ଘାଟିତ



ବାଲେଶ୍ୱର, ୧୩/୫ (ନି.ପ୍ର): ସମ୍ବଲପୁରରେ ମୁଖ୍ୟାଳୟ ଥିବା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ନୂତନ ଆଞ୍ଚଳିକ କେନ୍ଦ୍ର ଆଜି ଜଗତ୍‌ସିଂପୁର ସ୍ଥିତ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ଶୈକ୍ଷିକ ଏବଂ ଦକ୍ଷତା-ଭିତ୍ତିକ କାର୍ଯ୍ୟକ୍ରମ ପାଇଁ ଏକ ସହଯୋଗୀ ଢାଞ୍ଚା ପ୍ରତିଷ୍ଠା ଲାଗି ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ଓ ଏସ୍‌ଭିଏମ୍ କଲେଜ ମଧ୍ୟରେ ଏକ ବୁଝାମଣାପତ୍ର ଆଦାନପ୍ରଦାନ ହୋଇଥିଲା । ଏହି ସୁବିଧା ଗ୍ରାମୀଣ ଏବଂ ଅର୍ଦ୍ଧ-ସହରୀ ଯୁବକମାନଙ୍କୁ ଆସନ୍ତାକାଲିର ଡିଜିଟାଲ୍ କୁଶଳୀ ନିଯୁକ୍ତିଯୋଗ୍ୟ ନାଗରିକରେ ପରିଣତ କରିବ । ଆଜି ଆୟୋଜିତ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ, କୁଳସଚିବ ଡଃ ଚିତ୍ତରଞ୍ଜନ ସାହୁ, ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷା ଡଃ ସୁଜାତା ଓତା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମୋଦୀଙ୍କ ଚେତାବନୀ...

ସୋକାଲ କେଲର ଅଞ୍ଚଳରେ ଆଉ କିଛି ଆତଙ୍କୀ ଲୁଚି ରହିଥିବା ବେଳେ ଜାରି ରହିଛି ଅପରେସନ । ସେପଟେ ପାକିସ୍ତାନ ବାରମ୍ୱାର ଅସ୍ତ୍ରବିରତି ଉଲଙ୍ଘନ କରୁଥିବାରୁ ସୀମାନ୍ତ ଅଞ୍ଚଳରେ ଲୋକଙ୍କ ଘରେ ବଙ୍କର ବନାଇବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେବେ ବୋଲି କହିଛନ୍ତି ଜାମ୍ମୁ କାଶ୍ମୀର ମୁଖ୍ୟମନ୍ତ୍ରୀ । ପଞ୍ଜାବ ଆଦମପୁର ଏୟାରବେସ ଏବଂ ସେଠାରେ ଥିବା ଏୟାର ଡିଫେନ୍ସ ସିଷ୍ଟମ ଏସ-୪୦୦ ସୁଦର୍ଶନ ଚକ୍ରକୁ ପାକିସ୍ତାନର ଜେଏଫ-୧୭ ଯୁଦ୍ଧବିମାନ ଦ୍ୱାରା ନଷ୍ଟ କରିଯାଇଥିବା ଦାବି କରୁଛି ପାକିସ୍ତାନ। ଆଉ ପ୍ରଧାନମନ୍ତ୍ରୀ ଆଜି ସେହି ଏୟାରବେସରୁ ଏସ-୪୦୦ ସମ୍ମୁଖରୁ ଅଭିଭାଷଣ ଦେଇ ପାକିସ୍ତାନର ମିଛକୁ ପଦାରେ ପକାଇଦେଇଛନ୍ତି । ସେପଟେ ଯୁଦ୍ଧବିରତି ଯୋଗୁ ପୁଞ୍ଚ ଆଦି ସମାନ୍ତ ଅଞ୍ଚଳରେ ଶାନ୍ତି ଫେରିଛି । ଯଦି ପାକିସ୍ତାନ ତରଫରୁ ବଡ଼ ଆକ୍ରମଣ ହୁଏ, ସେଥିପାଇଁ ପ୍ରସ୍ତୁତ ରହିବାକୁ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ । ଏସମ୍ପର୍କରେ ଆଜି ସିଡିଏସ୍ ଅନୀଲ ଚୌହାନ, ତିନି ସେନା ମୁଖ୍ୟ ଓ ପ୍ରତିରକ୍ଷା ସଚିବଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି ରାଜନାଥ ସିଂ।

### ପ୍ରକାଶ ପାଇଲା ସିବିଏସଇ...

ଦିନ ସାଢେ ୧୧ଟାରେ ପ୍ରଥମେ ଦ୍ୱାଦଶ ଓ ପରେ ପ୍ରକାଶ ପାଇଥିଲା ଦଶମ ପରୀକ୍ଷା ଫଳ। ଭୁବନେଶ୍ୱର ରିଜିୟନରେ ଚଳିତ ବର୍ଷ ଦଶମରେ ୧ ଲକ୍ଷ ୩୦ ହଜାର ୧୬୩ ଏବଂ ଦ୍ୱାଦଶରେ ୩ ଲକ୍ଷ ୯୩ ହଜାର ୬୧୮ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ତା'ମଧ୍ୟରୁ ଦଶମରେ ୯୨.୬୪ ପ୍ରତିଶତ ଏବଂ ଦ୍ୱାଦଶରେ ପାସ୍ କରିଛନ୍ତି ୮୩.୬୪ ପ୍ରତିଶତ ଛାତ୍ରଛାତ୍ରୀ। ପୂର୍ବବର୍ଷ ଭଳି ଏଥର ବି ପୁଅଙ୍କୁ ପଛରେ ପକାଇ ବାଜି ମାରିଛନ୍ତି ଝିଅ। ଏବର୍ଷ ଦେଶବ୍ୟାପି ଦଶମରେ ୨୪ ଲକ୍ଷ ୧୨ ହଜାର ଏବଂ ଦ୍ୱାଦଶରେ ୧୭ ଲକ୍ଷ ୮୮ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ୧୭ଟି ରିଜିୟନରେ ଦଶମରେ ମୋଟ ପାସ୍ ହାର ୯୩.୬୬ ଏବଂ ଦ୍ୱାଦଶରେ ପାସହାର ୮୮.୩୯ ପ୍ରତିଶତ ରହିଛି। ଗତବର୍ଷ ଭଳି ଏଥର ବି କେରଳର ତ୍ରିଭେନ୍ଦ୍ରମ୍ ଓ ଆନ୍ଧ୍ରର ବିଜୟୱାଡ଼ା ବେଶ୍ ଆଗରେ ରହିଛି। ୯୯.୭୯ ପ୍ରତିଶତ ସହ ମିଳିତ ଭାବେ ଟପ୍‌ରେ ରହିଛନ୍ତି ଉଭୟ ରିଜିୟନ। ଭୁବନେଶ୍ୱରର ସ୍ଥାନ ୧୨ ନମ୍ବରରେ ଥିବାବେଳେ ଗୌହାଟୀ ସବୁଠୁ ପଛରେ ରହିଛି। ଗତବର୍ଷ ଅପେକ୍ଷା ଏଥର ଦଶମରେ ଅଧିକ ଦଶମିକ ୦୬ ପ୍ରତିଶତ ଏବଂ ଦ୍ୱାଦଶରେ ଦଶମିକ ୪୧ ପ୍ରତିଶତ ଅଧିକ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜବାହର ନବୋଦୟ ବିଦ୍ୟାଳୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଫଳାଫଳରେ ବେଶ୍ ଆଗରେ ରହିଛନ୍ତି।

### ଇସ୍କନ ଧରାଇଦେଲା ଦିଦିଙ୍କ...

ଶ୍ରୀମନ୍ଦିର ଦଇତାପତି ନିଯୋଗ ସଂପାଦକ ରାମକୃଷ୍ଣ ଦାସ ମହାପାତ୍ର ବା ରାଜେଶ ଦଇତାପତି ମଧ୍ୟ ଦୀଘା ମନ୍ଦିରର ଜଣେ ଟ୍ରଷ୍ଟି । ପୁରୀରୁ କାଠରେ ଦିଅଁ ନିର୍ମାଣ କରି ସେ ଦୀଘା ଆଣି ପ୍ରାଣ ପ୍ରତିଷ୍ଠା କରିଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ଶିଷ୍ୟା ବୋଲି ମଧ୍ୟ କହିଥିଲେ। ଯେହେତୁ ଦୀଘାକୁ ଧାମ ନାମକରଣ ନିଷ୍ପତ୍ତି ସମ୍ପୂର୍ଣ୍ଣ ପଶ୍ଚିମବଙ୍ଗ ସରକାରଙ୍କର, ତେଣୁ ଏ ସଂକ୍ରାନ୍ତରେ ମମତା ସରକାରଙ୍କୁ ପଚାରିଲେ ସେ ହିଁ ସଠିକ୍ ଉତ୍ତର ଦେଇପାରିବେ ବୋଲି ଚିଠିରେ ଉଲ୍ଲେଖ କରିଛି ଇସ୍କନ । ସେପଟେ ପୁରୀରେ ଶ୍ରୀଜଗନ୍ନାଥ ଚେତନା ଓ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ 'ପୁରୀ ହିଁ ଜଗନ୍ନାଥ ଧାମ' ଶୀର୍ଷକ ଆଲୋଚନାଚକ୍ରରେ ପୁରୀ ଛଡ଼ା ଅନ୍ୟ କୌଣସି ସ୍ଥାନକୁ ଯେମିତି କେହି ଜଗନ୍ନାଥ ଧାମରେ ନାମିତ କରି ପାରିବେ ନାହିଁ, ସେଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଇନ ଆଣିବାକୁ ପରାମର୍ଶ ଦିଆଯାଇଛି। ଯଦି ପଶ୍ଚିମବଙ୍ଗ ସରକାର ତାଙ୍କ ଜିଦ୍‌ରୁ ନଓହରନ୍ତି ତାହାଲେ କେନ୍ଦ୍ର ସରକାର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବାକୁ ଓଡ଼ିଶା ସରକାରଙ୍କ ମାଧ୍ୟମରେ ନିବେଦନ କରାଯିବ ବୋଲି ମତ ପ୍ରକାଶ ପାଇଛି । ଏଣେ ଆଜି ରାଜ୍ୟପାଳଙ୍କୁ ଭେଟି ଏକ କଡ଼ା ସ୍ମାରକପତ୍ର ଦେଇଛି ଶ୍ରୀଜଗନ୍ନାଥ ସେନା। ଏହାର ଆବାହକ କହିଛନ୍ତି- ଶ୍ରୀମନ୍ଦିର ସେବାୟତ ଥାଇ ସେଠି ଠାକୁରଙ୍କ ପ୍ରାଣ ପ୍ରତିଷ୍ଠା କରି ବିବାଦକୁ ଆସିଥିବା ଦଇତାପତି ନିଯୋଗ ସଂପାଦକ ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ଗିରଫ କରାଯାଉ। ତେବେ ଏ ନେଇ ରାମକୃଷ୍ଣ ଦାସମହାପାତ୍ରଙ୍କ ପ୍ରତିକ୍ରିୟା ମିଳିନାହିଁ । ଏବେ ଦେଖିବାର କଥା ଦୀଘା ଜଗନ୍ନାଥ ମନ୍ଦିରକୁ ଧାମ ନାଁ ଦେଇ ଆକ୍ରୋଶ ଘେରକୁ ଆସିଥିବା ଥିବା ମମତା ସରକାର, କେବେ ବଦଳାଉଛନ୍ତି ନିଷ୍ପତ୍ତି, ନା ଓଡ଼ିଶା ସରକାରଙ୍କୁ ଆଇନଗତ ଲଢ଼େଇ ଲଢ଼ିବାକୁ ପଡୁଛି ।

### କାଶ୍ମୀରକୁ ନେଇ...

ରଣଧୀର ଜୟସ୍ୱାଲ କହିଛନ୍ତି, ''ପାକିସ୍ତାନ ପକ୍ଷରୁ ଦିଆଯାଇଥିବା ବୟାନ ଆମେ ଦେଖିଛୁ । ଯେଉଁ ଦେଶ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଛି ଏବଂ ଭାବୁଛି ବଞ୍ଚିଯିବ , ତା'ହେଲେ ପାକିସ୍ତାନଠୁ ବୋକା ବୋଧେ କେହି ନୁହେଁ । ଭାରତ ଯେଉଁ ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିଛି, ତାହା କେବଳ ଭାରତୀୟଙ୍କ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱରେ ଅନେକ ନିରୀହ ଲୋକଙ୍କ ମୃତ୍ୟୁ ପାଇଁ ଦାୟୀ ଥିଲା । ପାକିସ୍ତାନ ଯେତେ ଶୀଘ୍ର ଏହାକୁ ବୁଝିବ, ତାହା ତାଙ୍କ ପାଇଁ ସେତେ ଭଲ ହେବ ।''

### ପଶ୍ଚିମରେ ଖଇଫୁଟା...

ସମ୍ବଲପୁରରେ ଅସୁସ୍ଥଙ୍କ ସଂଖ୍ୟା ୮୩ରେ ପହଞ୍ଚିଲାଣି । ଅନ୍ୟପଟେ ବଲାଙ୍ଗୀରରେ ଅଂଶୁଘାତ ଜଣଙ୍କର ଜୀବନ ନେଇଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଦିନ ୧୦ଟା ପରେ ଘରୁ ନ ବାହାରିବାକୁ ପରାମର୍ଶ ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ଖରା ଯେତିକି ହେଉଛି ତାଠାରୁ ଅଧିକ କଷ୍ଟ ଦେଉଛି ଗୁଳୁଗୁଳି । ବାୟୁମଣ୍ଡଳରେ ଆର୍ଦ୍ରତା ପରିମାଣ ୭୦ ପ୍ରତିଶତରୁ ଅଧିକ ରହୁଥିବାରୁ ଗୁଳୁଗୁଳି ଚରମ ସୀମାରେ ପହଞ୍ଚିଛି । ଆଗାମୀ ୩ ଦିନରେ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢିବା ନେଇ ଆକଳନ କରିଛି ପାଣିପାଗ ବିଭାଗ । ଅସହ୍ୟ ଗୁଳୁଗୁଳି ଭିତରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଗରମ, ତାତି, ଗୁଳୁଗୁଳି ଭିତରେ ପାଣିପାଗ ବିଭାଗର କାଳବୈଶାଖୀ ଆକଳନ କିଛି ମାତ୍ରାରେ ଆଶ୍ୱସ୍ତି ଆଣିଛି । ମାଲକାନଗିରି,କୋରାପୁଟ, ରାୟଗଡା, କଳାହାଣ୍ଡି, ନବରଙ୍ଗପୁର, ଗଞ୍ଜାମ, ଗଜପତି, କନ୍ଧମାଳ, ବଲାଙ୍ଗୀର, ବୌଦ୍ଧ, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡରେ ବିଜୁଳି ଘଡଘଡି ସହ ହାଲୁକରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ତେଣୁ ଏହି ସବୁ ସ୍ଥାନ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

### ବିଧାନସଭାର ସ୍ୱତନ୍ତ୍ର ...

ମଧ୍ୟ ସମାନ ଢଙ୍ଗରେ ସଂସଦର ସ୍ୱତନ୍ତ୍ର ଅଧିବେଶନ କରିବାକୁ ଅନୁରୋଧ କରିଥିଲେ । ଆଉ ଠିକ୍ ସେହି ଢଙ୍ଗରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ମଧ୍ୟ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ।

### ଅନୁମତି ଦେଲେ ଓଡ଼ିଶା ...

ସମୟରେ ବିଚାର ପାଇଁ ପଠାଇବେ। ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି ବ୍ୟବସ୍ଥା ଏକ ଏକକାଳୀନ ପଦକ୍ଷେପ, ଯାହା କେବଳ ଚଳିତ ଶିକ୍ଷା ବର୍ଷ ପାଇଁ ପ୍ରଯୁଜ୍ୟ, ଏବଂ ସମସ୍ତ ପ୍ରସ୍ତାବ ମେ ୧୫ ରୁ ଜୁନ ୧୫ ମଧ୍ୟରେ ଦାଖଲ ଏବଂ ସମାଧାନ କରାଯିବ। ଯେଉଁ ସଂସଦୀୟ ନିର୍ବାଚନ ମଣ୍ଡଳୀ ଏକାଧିକ ଜିଲାକୁ ଅନ୍ତର୍ଭୁକ୍ତ କରେ, ସେଠାରେ ପ୍ରସ୍ତାବଗୁଡ଼ିକ ନୋଡାଲ ଜିଲ୍ଲାପାଳଙ୍କୁ ଦାଖଲ କରାଯିବ, ଯିଏକି ସେହି ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଭାବେ ମଧ୍ୟ କାର୍ଯ୍ୟ କରନ୍ତି। ନୋଡାଲ ଜିଲାପାଳ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଥିବା ଅନ୍ୟ ଜିଲାପାଳମାନଙ୍କ ସହ ସମନ୍ୱୟ କରି ସମ୍ପୃକ୍ତ ଡିଏଲଟିସି ମାଧ୍ୟମରେ ନିଷ୍ପତ୍ତି ପାଇଁ ପଠାଇବେ। ରାଜ୍ୟସଭା ସାଂସଦଙ୍କ ପାଇଁ, ସୁପାରିଶଗୁଡ଼ିକ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଦାଖଲ କରାଯିବ, ଯିଏ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସୂଚନା ଦେବେ। ତାଲିକାଟି ପରେ ସମ୍ପୃକ୍ତ ଜିଲ୍ଲାପାଳଙ୍କୁ ପଠାଯିବ ଏବଂ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସୂଚନା ଦେଇ ସମ୍ପୃକ୍ତ ଡିଏଲଟିସି ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଆରଏସଏସ କାର୍ଯ୍ୟାଳୟ...

ମାଙ୍ଗଗଚା ସିଂହଓରଫ ନାଓବୀ(୪୧) ,ବାସିନ୍ଦା ୟୁମନାମ ଖୁନାଓ ଅୱାଙ୍ଗ ଲାଇକାଇ,ଇମ୍ଫାଲ ଇଷ୍ଟ ଜିଲ୍ଲାର ବୋଲି ଚିହ୍ନଟ କରାଯାଇଛି। ସୁରକ୍ଷା ଏଜେନ୍ସୀଗୁଡିକ ଦ୍ୱାରା ମଙ୍ଗଳବାର ଦିଆଯାଇଥିବା ସୂଚନା ଅନୁସାରେ ଉଭୟ ଅଭିଯୁକ୍ତ ସେହି ହିଂସାତ୍ମକ ଭିଡର ଅଂଶ ଥିଲେ ,ଯିଏ ଆରଏସଏସ କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲା। ପଚରାଉଚରା ପାଇଁ ତାଙ୍କୁ ସମ୍ପୃକ୍ତ ପୋଲିସ ଷ୍ଟେସନକୁ ଅଣାଯାଇଛି।

# ଚମ୍ପୁଆ ଥାନା ପକ୍ଷରୁ ଚଢାଉ ବେଳେ ୭୦ଲିଟର ମହୁଲି ମଦ ଜବତ

ଚମ୍ପୁଆ, ୧୩/୫ (ନି.ପ୍ର): ଚମ୍ପୁଆ ଥାନା ତଥା ଏନଏସି ଅନ୍ତର୍ଗତ ୨ ନଂ ୱାର୍ଡ ପାଞ୍ଚପଖୋରିଆରୁ ଚମ୍ପୁଆ ପୁଲିସ ୭୦ ଲିଟର ମହୁଲି (ଦେଶୀ) ମଦ ଜବତ କରିବା ସହ ଚୋରା କାରବାରରେ ସମ୍ପୃକ୍ତ ଦୁଇ ଜଣ ଙ୍କୁ ଗିରଫ କରାଯାଇଥିବା ନେଇ ଚମ୍ପୁଆ ଆଇଆଇସି ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ ପାଞ୍ଚପୋଖରୀଆ ଗ୍ରାମରେ ଦୀର୍ଘଦିନ ହେବ ଦେଶୀ ମଦ କାରବାର ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା । ଦେଶୀ ମଦଭାଟି କର୍ମଚାରୀ ମାନେ ମଦ ଚୋରା ଚାଲାଣ କରୁଥିବା ବେଳେ ଚମ୍ପୁଆ ପୋଲିସ୍ କବଳରୁ ମଦ ବ୍ୟବସାୟୀ ଓ ଚୋରା ଚାଲାଣ କାରୀ ମାନେ ଚତୁରତାର ସହିତ ଖସି ଯାଉଥିଲେ । ତେବେ ଚମ୍ପୁଆ ପୁଲିସ୍ ସଦଳବଳେ ଚଢାଉ କରି ଏହି ଚୋରା କାରବାରର ମୁଖ୍ୟ ନାୟକ ରିମୁଳି ମଦଭାଟିର ସେଲସମ୍ୟାନ ଅମରେଶ ସିଂ (୪୨) ଓ ସାଥୀ ଧନୁର୍ଜୟ ସିଂ(୪୨) କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୭୦ ଲିଟର ଦେଶୀ ରନ୍ଧା ମଦ ଜବତ କରିଛି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ରାମ ଚରିତ ମାନସ ମାରୁତି ସେବକ ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବାସୁଦେବପୁର, ୧୩/୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟୀ କାଣିଡ଼ିହି ଠାରେ ରମାକାନ୍ତ ସେବା ଫାଉଣ୍ଡେସନ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ନାୟିକାଣିଡ଼ିହି ମଲ୍ଲିକାଦେଈ ପୁର ଠାରେ ରାମ ଚରିତ ମାନସ ମାରୁତି ସେବକ ସଂଘ ପକ୍ଷରୁ ରାମ ଚରିତ ମାନସ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଆସନ୍ତା ଜୁନ୍ ୩ ତାରିଖ ରୁ ଆରମ୍ଭ ହୋଇ ଜୁନ୍ ମାସ ୧୨ ତାରିଖ ରେ ଶେଷ ହେବ। ଏହି ଆଧ୍ୟାତ୍ମିକ ଉତ୍ସବରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ସାଧୁ ସନ୍ଥ ମୁନି ଋଷି ଓ ବିଶିଷ୍ଟ ପ୍ରବଚକ ବନ୍ଧୁ ଯୋଗ ଦେବେ ବୋଲି ଏହି ସାମ୍ବାଦିକ ସମ୍ମିଳନୀ ରେ କର୍ମକର୍ତ୍ତା ମାନେ ପ୍ରକାଶ କରିଥିଲେ। ରାମ ଚରିତ ମାନସ ମାରୁତି ସେବକ ସଂଘ ର ସଭାପତି ଗୌରାଙ୍ଗ ଚନ୍ଦ୍ର ପରିଡ଼ା, ସମ୍ପାଦକ ରାଜେନ୍ଦ୍ର କୁମାର ମାହନ୍ତ, କୋଷାଧ୍ୟକ୍ଷ ଗଜେନ୍ଦ୍ର କୁମାର ପଲାଇ, ରତିକାନ୍ତ ପ୍ରଧାନ ପିଣ୍ଟୁ, ସୁଶାନ୍ତ କୁମାର ବାରିକ୍, ଅଦ୍ୱୈତ ମହାପାତ୍ର ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀ ରେ ଯୋଗ ଦେଇଥିଲେ। ଦୀର୍ଘ ତଉ ତିରିଶି ବର୍ଷ ଧରି ଏହି ଅନୁଷ୍ଠାନ ଆଗେଇ ଚାଲିଛି। ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ରେ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇ ଥିବାରୁ ତାଙ୍କୁ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଦିଆ ଯାଇଛି। ଏଥି ସହିତ ଗ୍ରାମବାସୀ ମାନଙ୍କ ଦାନ ଧର୍ମ ଓ ସହଯୋଗ ରହୁଛି। ଅତୀତରେ ଶୈଳେନ୍ଦ୍ର ମହାପାତ୍ର ଓ ଜୀବାନନ୍ଦ ବ୍ରହ୍ମ ଚାରୀ ଏହି ଆଧ୍ୟାତ୍ମିକ ଅନୁଷ୍ଠାନ ଆରମ୍ଭ କରିଥିଲେ। ଏହି ଉତ୍ସବରେ ବହୁ ସଂଖ୍ୟାରେ ସମସ୍ତ ଙ୍କୁ ଯୋଗ ଦେବାକୁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି।



# ସୁବର୍ଣ୍ଣଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ



ନୀଳଗିରି, ୧୩/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଛତ୍ରପୁର ଉଚ୍ଚବିଦ୍ୟାଳୟରେ ସୁବର୍ଣ୍ଣଜୟନ୍ତୀ ପାଳନ ପାଇଁ ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ପ୍ରଥମ ପ୍ରସ୍ତୁତିବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଥମବର୍ଷର ଛାତ୍ର ଅମରେନ୍ଦ୍ର ନାୟକଙ୍କ ଆବାହକତ୍ୱ ଏବଂ ସଭାପତିତ୍ୱରେ ଏହି ସଭାର ଆୟୋଜନ ହୋଇଥିବା ବେଳେ ବିଦ୍ୟାଳୟର ପ୍ରାକ୍ତନଶିକ୍ଷକ ଅଜୟ କୁମାର ପରିଡା ଏବଂ କୈଳାସ ଚନ୍ଦ୍ର ମିଶ୍ର ଯୋଗଦାନ କରିଥିଲେ। ପୁରାତନ ଛାତ୍ର ସୁରେଶ ଚନ୍ଦ୍ର ଶଙ୍ଖୁଆ, ନିଶିକାନ୍ତ ମହାପାତ୍ର, ରବୀନ୍ଦ୍ର ପଣ୍ଡା, ମାନବେନ୍ଦ୍ର ନାୟକ, ତୁଷାରକାନ୍ତ ଭୂୟାଁ, ହେମେନ୍ଦ୍ର ପଣ୍ଡା, ଜୟନ୍ତ ଦାସ, ଜ୍ୟୋତିବିକାଶ ପାତ୍ର, ଜଗନ୍ନାଥ ବାସ୍କେ, ଜଗବନ୍ଧୁ ବେସ୍ରା, ଶ୍ୟାମସୁନ୍ଦର ଟୁଡୁ, ରଘୁନାଥ ବେହେରା, ଜ୍ୟୋତିରଂଜନ ଦାସ, ପୁଷ୍ପଜ୍ୟୋତି ମହାନ୍ତି ପ୍ରମୁଖ ବହୁ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଭୋଳାନାଥ ସିଂ, ଦୀପକ ମିଶ୍ର , ରଶ୍ମିତା ଦାସ, ଭଗବାନ ବାଗ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ବୈଠକ ପ୍ରାରମ୍ଭରେ ଆଗାମୀ ୨୦୨୬ମସିହାରେ ସୁବର୍ଣ୍ଣଜୟନ୍ତୀ ପାଳନ ପାଇଁ ରାଜନୀତି ଠାରୁ ଉର୍ଦ୍ଧରେ ରହି ଏକତାବଦ୍ଧ ଭାବରେ ଏହି ସମାରୋହକୁ ମହାଆଡ଼ମ୍ବରରେ ପାଳନ କରିବାପାଇଁ ଉପସ୍ଥିତ ସମସ୍ତ ଛାତ୍ର ସମ୍ମତି ପ୍ରକାଶ କରିଥିଲେ। ତେବେ ଆଗାମୀ ଜୁନ ୨୯ତାରିଖରେ ଏହାର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବବୋଲି ସ୍ଥିର ହୋଇଛି।

## ଅମ୍ରିତା ଦାସ ଆଦର୍ଶ ଦଶମ ପରୀକ୍ଷାରେ ବ୍ଲକ ଟପର

ସମ୍ବଲପୁର, ୧୩/୫ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟ ଦଶମ ଶ୍ରେଣୀ ପରୀକ୍ଷାରେ ଜମନକିରା ଦଶଘରିଆ ନିବାସୀ ରଞ୍ଜନ କୁମାର ଦାସ ଓ ପ୍ରତିମା ଦାସଙ୍କ ସାନ ଝିଅ ଅମ୍ରିତା ଦାସ ୯୧.୮% ମାର୍କ ରଖି ପରୀକ୍ଷାରେ ଟପ୍ପର ହୋଇଛନ୍ତି। ଅମ୍ରିତାଙ୍କ ଏହି ସଫଳତା ପାଇଁ ସାରା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ଅମ୍ରିତା ଏକ ମଧ୍ୟବିତ ପରିବାର ର ଝିଅ ଅଟନ୍ତି । ବାପା ଜଣେ ଗାଡ଼ି ମେକାନିକ ଥିବା ବେଳେ ମା ଜଣେ ଗୃହିଣୀ। ଅମ୍ରିତାଙ୍କ ସଫଳତା ପରେ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ଓ ଗ୍ରାମରୁ ଅମ୍ରିତାଙ୍କୁ ଶୁଭେଚ୍ଛା ଜ୍ଞାପନ ପାଇଁ ତାଙ୍କ ବାସ ଭାବନରେ ଲୋକଙ୍କ ଭିଡ଼ ଥିବା ଦେଖିବାକୁ ମିଳିଛି। ଅମ୍ରିତା ତାଙ୍କ ସଫଳତାର ଶ୍ରେୟ ତାଙ୍କ ପରିବାର ସହିତ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର , ୧୩/୫ (ନି.ପ୍ର): ସ୍ଥାନୀୟ ଖଇରା ପଞ୍ଚାୟତ ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାଜ ପ୍ରସାଦଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଖଇରା ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ଆସିଥିବା ୮୦ ଜଣ ଅଭିଯୋଗକାରୀ ନିଜ ନିଜ ନାମ ପଞ୍ଜିକରଣ କରି ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରି ଥିଲେ । ସେଗୁଡ଼ିକ ମଧ୍ୟରୁ ୭୧ ଗୋଟି ବ୍ୟକ୍ତିଗତ ୮ ଗୋଟି ସାମୁହିକ, ୧ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ। ତନ୍ମଧ୍ୟରୁ ୧୨ ଗୋଟି ଦରଖାସ୍ତର ତୁରନ୍ତ ଫୈସଲା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ମୁଖ୍ୟ ଉନ୍ନୟନ ଅଧିକାରୀ (ଜିଲ୍ଲା ପରିଷଦ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂ, ବାଲେଶ୍ୱର ସଦର ଉପଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରଥମେଶ ଅରବିନ୍ଦ ରାଜେ ସିର୍କେ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ଜିଲ୍ଲାପରିଷଦ) ଡ. ମଧୁସ୍ମିତା ସାମନ୍ତରାୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା . ସୁଶାନ୍ତ କୁମାର ନାୟକ, ଉପ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନିବେଦିତା ସୋରେନ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।



# ଖାଦ୍ୟ ସୁରକ୍ଷାରୁ ବଂଚିତ ସୁରେଶଙ୍କ ପରିବାର

ଉଦଳା , ୧୩/୫ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ପଦ୍ମପୋଖରୀ ପଂଚାୟତ ଅନ୍ତର୍ଗତ ଠାକୁରାସାହିର ଦୃଶ୍ୟ । ଉକ୍ତ ସାହିର ବାସିନ୍ଦା ସ୍ୱର୍ଗତଃ ବାଦଲ ସିଂଙ୍କ ପୁତ୍ର 'ସୁରେଶ' ଓ ତାଙ୍କର ପରିବାରର ଛଅଜଣ ସଦସ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି । ପରିବାରର ସମସ୍ତ ସଦସ୍ୟ ଦିନମଜୁରିଆ ଭାବରେ କାମ କରି ଯାହା ରୋଜଗାର କରନ୍ତି ସେତିକିରେ ସଂସାରରଥ ଗଡ଼େ । ଭୋଟପରିଚୟପତ୍ର , ଆଧାରକାର୍ଡ଼ ସବୁକିଛି ଠିକ୍ ଠାକ୍ ଥିବା ସତ୍ତ୍ୱେ ଏହିପରିବାର ଖାଦ୍ୟ ସୁରକ୍ଷା ଯୋଜନାରୁ କାହିଁକି ବାଦ ପଡ଼ିଛନ୍ତି ତାହା ବର୍ତମାନ ସାଧାରଣରେ ପଶ୍ନବାଚୀ ସୃଷ୍ଟି କରିଛି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।



## ପାକିସ୍ଥାନ ସପକ୍ଷରେ ଓ ମୋଦିଙ୍କ ବିରୋଧରେ ଆପତ୍ତିଜନକ ଫଟୋ ଓ ଭିଡିଓ ଜାରି କରି ଥାନାରେ ଜଣେ ଅଟକ

ବସ୍ତା, ୧୩/୫ (ନି.ପ୍ର): ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର ଜନୈକ ଯୁବକ ପାକିସ୍ଥାନ ସପକ୍ଷରେ ଓ ପ୍ରଧାନ ମନ୍ତ୍ରୀ ମୋଦି ଙ୍କ ବିରୋଧରେ ଆପତ୍ତିଜନକ ଫଟୋ ଏବଂ ଭିଡିଓ ପୋଷ୍ଟ କରି ପୁଲିସ ଦ୍ୱାରା ଅଟକ ହୋଇଥିବା ଜଣାପଡ଼ିଛି। ବସ୍ତା ବ୍ଲକ ରାସ୍ତାର ରେଳ ଲେବଲ କ୍ରସିଂ ନିକଟରେ ରହୁଥିବା ଶୁକୁର ମଲିକ ପାକିସ୍ଥାନ ଜିନ୍ଦାବାଦ ସହ ମୋଦିଙ୍କ ସମ୍ମାନ ହାନି ହେବା ଭଳି ଭିଡିଓ ପୋଷ୍ଟ କରି ଶତ୍ରୁ ରାଷ୍ଟ୍ର ରେ ଆମ ଦେଶକୁ ନିନ୍ଦିତ କରିବା ଉଦ୍ଦେଶ୍ୟ ରେ ଉସକାଣି କରୁଥିବା ଅଭିଯୋଗ କରି ଥାନାରେ ଏତାଲା ଦିଆଯାଇଛି। ପୁଲିସ ଏ ସଂକ୍ରାନ୍ତରେ ମଲିକକୁ ଅଟକ ରଖି ପୁଙ୍ଖାନୁପୁଙ୍ଖ ତଦନ୍ତ ଚଳାଇଛି।

# କୁଞ୍ଜୁରି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ସଭା ଗୃହରେ ଖୋର୍ଦ୍ଧା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଖୋର୍ଦ୍ଧା , ୧୩/୫ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ବ୍ଲକ ଅନ୍ତର୍ଗତ, କୁଞ୍ଜୁରି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ସଭାଗୃହ ଠାରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଞ୍ଚଳ ରାଣା ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥଙ୍କ ମିଳିତ ଜନ ଅଭିଯୋଗ ଶୁଣକ୍ଷଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ମାନ୍ୟବର ବିଧାୟକ , ବେଗୁନିଆ ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା। ଶ୍ରୀ କିଶୋର କୁମାର ପଣ୍ଡା, ବେଗୁନିଆ ପଂଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ଲକ୍ଷ୍ମୀଧର ସୁବୁଦ୍ଧି, କୁଞ୍ଜୁରୀ ଗ୍ରାମପଞ୍ଚାୟତ ସରପଞ୍ଚ ଶ୍ରୀମତୀ ପ୍ରଣତି ସାହୁ,ବି ଡି ଓ ଶ୍ରୀମତୀ କ୍ଷୀରାବ୍ଧି ତନୟା ସାହୁ, ତହସିଲଦାର ଶ୍ରୀ ତାପସ କୁମାର ବିଶୀ, ଡେପୁଟି କଲେକ୍ଟର, ଅଭିଯୋଗ ଶ୍ରୀ ଆର୍ତ୍ତତ୍ରାଣ ମଲ୍ଲିକ, ସହକାରୀ ଜିଲ୍ଲାପାଳ, ଅଭିଯୋଗ, ଭୁବନେଶ୍ୱରୀ କଅଁର ଯୋଗ ଦେଇଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୨୦୦ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୧୫୭ ଗୋଟି ଅଭିଯୋଗ ବ୍ୟକ୍ତିଗତ, ୩୨ ଗୋଟି ଅଭିଯୋଗ ଗ୍ରାମୀଣ ସମସ୍ୟା ଜନିତ ଥିଲା । ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୮ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ । ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ କୁଂଜୁରି ଗ୍ରାମ ପଞ୍ଚାୟତର ବନିତା ଚମ୍ପତି ଙ୍କୁ ୨୫ ହଜାର, ସସ୍ମିତା ବେହେରାଙ୍କୁ ୨୦ ହଜାର ଏବଂ ଶୁଭମ ରଣସିଂହ ଙ୍କୁ ୧୫ ହଜାର ଲେଖାଏଁ ମୋଟ ୩ ଜଣ ଅଭିଯୋଗ କାରୀଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ୬୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ପରେ ଜିଲ୍ଲାପାଳ ଶ୍ରୀ ରାଣା ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନ ଶକ୍ତି , ଓଡିଶା ଜୀବିକା ମିଶନ, ଗ୍ରାମୀଣ ଗୃହ, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ଶିବିର, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସ୍ୱଚ୍ଛତା ଷ୍ଟଲ୍, ଉଦ୍ୟାନ କୃଷି, ମତ୍ସ୍ୟ, ଏସ ଏସ ଇ ପି ଡି , ଆୟୁଷ୍ମାନ ଆରୋଗ୍ୟ ଶିବିର ଆଦି ସଚେତନତା ଷ୍ଟଲ୍ ବୁଲି ଦେଖିଥିଲେ। ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀମତୀ ରାଜଶ୍ରୀ ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦିଲ୍ଲୀପ ହିଆଲ ,ଜିଲ୍ଲା ମଙ୍ଗଳ ଅଧିକାରୀ, ଡ. ଗୀତାଂଶୁ ଦାଶ, ଜିଲ୍ଲା ପଂଚାୟତ ଅଧିକାରୀ ଶ୍ରୀ ଶ୍ୟାମଲେନ୍ଦୁ ନାୟକ,ଜି ପି ଡି ଓ ,ଇତିଶ୍ରୀ ବେହେରା ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ଓଏସ୍‌ଓୟୁରେ ଜୁନ୍ ୧୫ଯାଏ ନାମଲେଖା

ବାଲେଶ୍ୱର, ୧୩/୫ (ନି.ପ୍ର): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ)ରେ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ନାମଲେଖା ଆରମ୍ଭ ହୋଇଛି। ୧୨ଟି ପାଠ୍ୟକ୍ରମରେ ନାମଲେଖା ହେବ । ଏହା ଆସନ୍ତା ଜୁନ୍ ୧୫ଯାଏ ଚାଲିବ । ସ୍ନାତକୋତ୍ତରରେ ଇଂରାଜୀ, ହିନ୍ଦୀ, ଇତିହାସ, ଓଡ଼ିଆ, ପବ୍ଲିକ ଆଡ୍‌ମିନିଷ୍ଟ୍ରେସନ୍, ରାଜନୀତି ବିଜ୍ଞାନ, ରୁରାଲ୍ ଡେଭେଲପ୍‌ମେଣ୍ଟ, ସଂସ୍କୃତ, ସୋସିଓଲୋଜି, ବାଣିଜ୍ୟ, ସାମ୍ବାଦିକତା ଓ ଗଣ ଯୋଗାଯୋଗ ପାଠ୍ୟକ୍ରମରେ ନାମଲେଖା ହେବ । ସମସ୍ତ ପାଠ୍ୟକ୍ରମ ୨ବର୍ଷିଆ ରହିଛି। ଛାତ୍ରଛାତ୍ରୀ ୪ବର୍ଷ ମଧ୍ୟରେ ପାଠପଢ଼ା ସଂପୂର୍ଣ୍ଣ କରିପାରିବେ । ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ପାଠପଢ଼ା ହେବ । ଏ ସଂପର୍କିତ ସୂଚନା ୱେବ୍‌ସାଇଟ୍ www.osou.ac.in ରେ ରହିଛି । ୮୯ଟି ଷ୍ଟଡି ସେଣ୍ଟରରେ ପାଠପଢ଼ା ହେବ। ଭୁବନେଶ୍ୱର, ବ୍ରହ୍ମପୁର, ଜୟପୁର, ବାଲେଶ୍ୱର ସ୍ଥାନୀୟ ଆଞ୍ଚଳିକ ସେଣ୍ଟରରେ ଯୋଗାଯୋଗ କରିପାରିବେ ଛାତ୍ରଛାତ୍ରୀ ।

## ଜମନକିରା ରାଧାକୃଷ୍ଣ ପ୍ରିମିୟର ଲିଗ ଉଦ୍‌ଯାପିତ

ସମ୍ବଲପୁର, ୧୩/୫ (ନି.ପ୍ର): ଜମନକିରା ମା ବୀଣାପାଣି କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ରାଧାକୃଷ୍ଣ ପଡ଼ା ପ୍ରିମିୟର ଲିଗ ରବିବାର ରାତିରେ ଉଦଯାପିତ ହୋଇଯାଇଛି। ଅନୁଷ୍ଠିତ ଏହି ରାତ୍ରି କାଳୀନ କ୍ରିକେଟ ମ୍ୟାଚରେ ବଜରଙ୍ଗ ୧୧, ଖିଲାଡୀ ୧୧, ମହାକାଲ ଟାଇଗର, କିଙ୍ଗସ ୧୧, ଦ ୱାରିଅର, ରୟାଲ ଚଲ୍ଲେଞ୍ଜର, ଟ୍ରଫି ଫାଇଟର ଭଳି ସର୍ବ ମୋଟ ୭ଟି ଦଳ ଭାଗ ନେଇଥିବା ବେଳେ ରବିବାର ରାତିରେ ଫାଇନାଲ ଖେଳ ଟ୍ରଫି ଫାଇଟର ଏବଂ ରୟାଲ ଚେଲେଞ୍ଜର ମଧ୍ୟରେ ହୋଇଥିଲା ପ୍ରଥମ ବ୍ୟାଟିଂ କରି ଟ୍ରଫି ଫାଇଟର ୧୦ ଓଭର ରେ ୩ ୱିକେଟ ହରାଇ ୧୨୪ ରନ କରିଥିଲା ଯାହାର ଜବାବରେ ରୟାଲ ଚେଲେଞ୍ଜର ୧୦ ଓଭର ରେ ୬ ୱିକେଟ ହରାଇ ୬୧ରନ କରିପାରିଥିଲା ଯାହା ଫଳରେ ଟ୍ରଫି ଫାଇଟର ୬୩ ରନ ରେ ବିଜୟୀ ହୋଇଥିଲା।

# ଦଶମଶ୍ରେଣୀ ପରୀକ୍ଷାରେ ଭଲମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ତର୍ଜୁମାନ ନିୟୁଜ ଟାଇମ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ

ବାଲେଶ୍ୱର, ୧୩/୫ (ନି.ପ୍ର): ବାଲେଶ୍ୱର ସ୍ଥାନୀୟ ବୈଦ୍ୟୁତିକ ଗଣମାଧ୍ୟମ ତର୍ଜୁମାନ ନିୟୁଜ ଟାଇମ ତରଫରୁ ସୁନହଟ ସ୍ଥିତ ରହେବାର କୋଚିଂ କ୍ଲାସ୍ ପରିସରରେ ଏକ ସମ୍ବର୍ଦ୍ଧନା ସଭା ତର୍ଜୁମାନ ନିୟୁଜ ଟାଇମର ମୁଖ୍ୟ ପରିଚାଳକ ଅଜିମ ବାଲେଶ୍ୱରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ସମୟରେ ସାମାଜିକ କାର୍ଯ୍ୟକ୍ରମ କରିଆସୁଥିବା ତର୍ଜୁମାନ ନିୟୁଜ ଟାଇମ ପକ୍ଷରୁ ଦଶମଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କ ମନୋବଳକୁ ଦୃଢ଼ୀଭୂତ କରିବା ଓ ଆଗକୁ ବଢିବାର ପ୍ରେରଣା ଯୋଗାଇବା ନେଇ ଚଳିତ ୨୦୨୪-୨୫ ଶିକ୍ଷା ବର୍ଷରେ ବାଲେଶ୍ୱରର ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ଦଶମ ଶ୍ରେଣୀ ପରୀକ୍ଷାରେ ଭଲ ମାର୍କ ରଖି ଉତୀର୍ଣ୍ଣ ହୋଇଥିବା ୧୦ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ କବି ମଧୁସୂଦନ ମିଶ୍ର, ମୁଖ୍ୟବକ୍ତା ଭାବେ ସାହେବା ଅଖତର ଯୋଗଦେଇ ଛାତ୍ରଛାତ୍ରୀ ଓ ତାଙ୍କ ଅଭିଭାବକଙ୍କ ଉଦ୍ଦେଶ୍ୟରେ ବହୁମୂଲ୍ୟ ବକ୍ତବ୍ୟମାନ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ଏସ.କେ ନୌଷଦ, ଶିକ୍ଷକ ଶେଖ୍ ସାଦିକ , ଶେଖ୍ ଅବଦୁଲ ମୋହିତ , ହାଜି ଶେଖ୍ ସାଦୀରୁଦ୍ଦିନ , ସଲିମ ଶୁଭାଷା , ଶିକ୍ଷକ ଏସ.କେ ସରଫୁଦ୍ଦିନ , ଇନ୍ତେକାବ ଅଲ୍ଲୀ ଖାନ, ମହମ୍ମଦ ଫିରୋଜ୍ ହୁସେନ ପ୍ରମୁଖ ଯୋଗଦାନ କରି ନିଜ ଅଭିଭାଷଣରେ ଛାତ୍ରଛାତ୍ରୀ ମାନେ କଠିନ ପରିଶ୍ରମ କରି ଯେଉଁ ସଫଳତା ହାସଲ କରିଛନ୍ତି ଆଗାମୀ ଦିନରେ ଏହାକୁ ଜାରିରଖିବା ସହିତ ନିଜର ବାପା, ମା ଏବଂ ଗୁରୁଙ୍କ ପ୍ରତି ସର୍ବଦା ସମ୍ମାନ ଜଣାଇବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ପୁରସ୍କାର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ସିରାଜ୍ ରାଜା ସୈଫି ଧନ୍ୟବାଦ ଅର୍ପଣ କରିଥିଲେ । ଶେଖ୍ ଅବଦୁଲ ଇର୍ଫାନ ଙ୍କ ସମେତ ରହେବାର କୋଚିଂ କ୍ଲାସେସ୍ ର କର୍ମକର୍ତ୍ତା ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଓ ଅଭିଭାବିକା ମାନେ ଯୋଗଦାନ କରିଥିଲେ।



# ବରିଷ୍ଠ ସାମ୍ବାଦିକ ଜ୍ଞାନରଞ୍ଜନ ଦାସ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୧୩/୫ (ନି.ପ୍ର): ଜୟଦେବ ଭବନ ଠାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଦର ପକ୍ଷରୁ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ଜ୍ଞାନରଞ୍ଜନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ପାର୍ଶ୍ୱରେ ଅନୁଷ୍ଠାନର ସଭାପତି ପ୍ରାକ୍ତନ ଆୟକର ପ୍ରଧାନ ଆୟୁକ୍ତ ଶରତ କୁମାର ଦାଶ, ସମ୍ପାଦିକା ସସ୍ମିତା ଦାସ, ପଦ୍ମଶ୍ରୀ ଶ୍ୟାମାମଣୀ




ଦେବୀ, ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ଡଃ ଅଜୟ ସ୍ୱାଇଁ, ଚାଟାର୍ଡ ଆକାଉଣ୍ଟାଣ୍ଟ୍ ଶରତ ଚନ୍ଦ୍ର ଭଦ୍ର ସମ୍ମାନିତ କରୁଛନ୍ତି।

# ହୋଲିଷ୍ଟିକ୍ ହିଲିଙ୍ଗ୍ ଯୋଗ କେନ୍ଦ୍ରରେ ଶିଶୁମେଳା ଯୋଗ ଶିବିର



ବାଲେଶ୍ୱର, ୧୩/୫ (ନି.ପ୍ର): ବିଶ୍ୱ ମାତୃ ଦିବସ ଅବସରରେ ହୋଲିଷ୍ଟିକ ହିଲିଙ୍ଗ ଯୋଗ କେନ୍ଦ୍ର ତରଫରୁ ଶିଶୁ ମାନଙ୍କୁ ନେଇ ଏକ ତ୍ରିଦିବସୀୟ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ପିଲାମାନେ ହିଁ ଏ ଦେଶର ଭବିଷ୍ୟତ। ସେମାନେ ସୁସ୍ଥ ରହିଲେ ସମାଜ ସୁସ୍ଥ ରହିବ ଏହି ପରିପ୍ରେକ୍ଷୀରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପିଲାମାନେ ଶିଶୁମେଳାରେ ଭାଗ ନେଇ ନାଚ ଗୀତ ଓ ଯୋଗ ଅଭ୍ୟାସ ମାନ କରିଥିଲେ । ନିଜର ସଂସ୍କୃତିକୁ ବଜାଇ ରଖି ନିଜର ମନୋବଳକୁ ବଢ଼ାଇବା ପାଇଁ ପ୍ରାର୍ଥନାର ଆବଶ୍ୟକତାକୁ ସେମାନଙ୍କୁ ବୁଝାଯାଇ ଆମର ସ୍କୁଲ ଜୀବନର ପ୍ରାର୍ଥନା ଗୁଡ଼ିକୁ ସେମାନେ ନିଜେ ଗାଇ ଆନନ୍ଦିତ ହୋଇଥିଲେ । ପ୍ରାଣାୟାମ, ଧ୍ୟାନ ଓ ଯୋଗାସନ ମାଧ୍ୟମରେ ଶାରିରୀକ ଓ ମାନସିକ ସ୍ଥିରତା ପାଇଁ ସେମାନଙ୍କୁ ପରାମର୍ଶ ପ୍ରଦାନ କରାଯାଇଥିଲା । ପିଲାମାନଙ୍କର ଅବିଭାବକ ମାନେ ମଧ୍ୟ ସେମାନଙ୍କର ପିଲାଙ୍କୁ ଉତ୍ସାହିତ କରିବା ପାଇଁ ଯୋଗାଭ୍ୟାସ କରିଥିଲେ । ଆଜି ସକାଳେ ଉଦ୍‌ଯାପନୀ ଶିବିରରେ ଯୋଗଗୁରୁ ସୁଜିତ କୁମାର ଜେନା ସେମାନଙ୍କୁ ଯୋଗାଭ୍ୟାସ କରାଇଥିଲେ । ଯୋଗ କେନ୍ଦ୍ରର ସମସ୍ତ ସାଧକ ସାଧିକା ତଥା କେନ୍ଦ୍ରର ସଭାପତି ଡ. ଜୟସ୍ମିତା ନାୟକ ଏଥିରେ ସହଯୋଗ କରିଥିଲେ ।

# କେନ୍ଦ୍ରମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକଙ୍କ ଘରୁ ଲୁଟ୍ ଘଟଣା : ନୀଳଗିରିରୁ ଦିଲ୍ଲୀ ପୋଲିସ ପୁଣି ଜବତ କଲା ଲକ୍ଷେ ସତୁରୀ ହଜାର ଟଙ୍କା

ନୀଳଗିରି, ୧୩/୫ (ନି.ପ୍ର): ଦିଲ୍ଲୀରୁ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂଙ୍କ ବ୍ୟକ୍ତିଗତ ସହାୟକଙ୍କ ଘରୁ ସୁନାଗହଣା ଓ ଟଙ୍କା ଚୋରୀ ଘଟଣାରେ ପୁଣି ଦିଲ୍ଲୀ ପୋଲିସ ନୀଳଗିରି ଅଞ୍ଚଳରୁ ଏକଲକ୍ଷ ସତୁରୀ ହଜାର ଟଙ୍କା ଜବତକରିଛି। ସୂଚନା ଅନୁସାରେ ଗତବର୍ଷ ଡିସେମ୍ବର ୨୩ ତାରିଖରେ ନୂଆଦିଲ୍ଲୀ ଡିଫେନ୍ସ କଲୋନୀରୁ କେନ୍ଦ୍ରମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକଙ୍କ ଘରୁ ନୀଳଗିରି ଥାନା ଈଶ୍ୱରପୁର ଫାଣ୍ଡି ଅଧୀନ ନିମ୍ନଗଡିଆ ଭିମେଇ ଗ୍ରାମର ମଙ୍ଗ ମଲ୍ଲିକଙ୍କ ପୁଅ ଧରେନ୍ଦ୍ର ମଲ୍ଲିକ ପାଖାପାଖି କୋଟିଏ ଟଙ୍କାର ସୁନା,ରୁପା ଓ ହୀରା ଆଦି ବିଭିନ୍ନ ଗହଣା ଓ ଟଙ୍କା ଚୋରୀକରି ଫେରାର ହୋଇଯାଇଥିଲେ। ଅଭିଯୋଗ ପାଇ ଦିଲ୍ଲୀପୋଲିସ ନୀଳଗିରି ପୋଲିସ ସହାୟତାର ଅଭିଯୁକ୍ତ ଧରେନ୍ଦ୍ରଙ୍କ ସହ ଅନ୍ୟ ଦୁଇଜଣ ସହଯୋଗୀଙ୍କୁ ଗିରଫ କରିବା ସହ ଗହଣା ଜବତ କରିଥିଲା। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ବେଳେ ନିଳଗିରି ଥାନା ଆଇଆଇସି ଗୋବର୍ଦ୍ଧନ ନାୟକ ମୁଖ୍ୟ ଅଭିଯୁକ୍ତ ଧରେନ୍ଦ୍ରଙ୍କ ସାନଭାଇ ଅଶୋକ ମଲ୍ଲିକଙ୍କ ଠାରୁ ୩୪୦ଖଣ୍ଡ ପାଞ୍ଚଶହ ଟଙ୍କିଆ ନୋଟ ମୋଟ ୧ଲକ୍ଷ ସତୁରୀ ହଜାର ଟଙ୍କା ଜବତ କରିଥିଲେ। ଦିଲ୍ଲୀପୋଲିସକୁ ଅବଗତ କରାଯିବା ପରେ ମଙ୍ଗଳବାର ଦିଲ୍ଲୀପୋଲିସ ନୀଳଗିରି ଥାନାରେ ପହଞ୍ଚି ତଦନ୍ତପରେ ନୀଳଗିରି ଆଇଆଇସି ଜବତ କରିଥିବା ଲକ୍ଷେ ସତୁରୀହଜାର ଟଙ୍କାକୁ ହସ୍ତାନ୍ତର କରାଯାଇଥିଲା। ଦିଲ୍ଲୀପୋଲିସ ସମସ୍ତ ଟଙ୍କାନେଇ ଦିଲ୍ଲୀ ଫେରିଯାଇଥିବା ସୂଚନା ମିଳିଛି।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida